# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୬/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, November 6/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 341 ମୂଲ୍ୟ ₹୭/-




**ଅଜୟଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ'**

ଅଭିନେତା ଅଜୟ ଦେବଗନ୍‌ଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ' ଫିଲ୍ମର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ୦୨

୧୪ **ମନ୍‌ଦୀପଙ୍କୁ ସୁପର ହେଭିୱେଟ୍ ଟାଇଟଲ**

ୱାର୍ଲ୍ଡ ବକ୍ସିଂ ଫେଡେରେଶନର ସୁପର ହେଭିୱେଟ୍ ବିଶ୍ୱ ଟାଇଟଲ ହାସଲ କରିଛନ୍ତି ଭାରତୀୟ ପ୍ରଫେସନାଲ ବକ୍ସର ମନଦୀପ ଜାଙ୍ଗ୍ରା।





ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସ ମଙ୍ଗଳବାର ଓହିୟୋ ରାଜ୍ୟ ସିନ୍‌ସିନାଟିଠାରେ ସ୍ତ୍ରୀ ଉଷା ଭାନ୍ସ ଓ ପିଲାମାନଙ୍କୁ ଧରି ଭୋଟ ଦେବାକୁ ଆସି ପହଞ୍ଚିଛନ୍ତି।

# ଘରୋଇ ସମ୍ପତ୍ତି ନେଇପାରିବେନି ସରକାର

**କାହାର ବ୍ୟକ୍ତିଗତ ସମ୍ପତ୍ତି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବଳ ନୁହେଁ। ତେଣୁ ସରକାର ଜନସାଧାରଣଙ୍କ ମଙ୍ଗଳ ନାମରେ ସମସ୍ତ ଘରୋଇ ସମ୍ପତ୍ତିକୁ ସମ୍ବିଧାନର ଅନୁଚ୍ଛେଦ ୩୯(ବି) ବଳରେ ଦଖଲ କରିପାରିବେ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ୧୯୭୮ରେ ଜଷ୍ଟିସ୍ କ୍ରିଷ୍ଣା ଆୟାର ଏବଂ ଚିନ୍ନାପ୍ପା ରେଡ୍ଡୀଙ୍କ ଖଣ୍ଡପୀଠ ସମାଜବାଦୀ ଆଭିମୁଖ୍ୟ ଆପଣାଇ ଘରୋଇ ସମ୍ପତ୍ତି ଉପରେ ରାଷ୍ଟ୍ରର କର୍ତ୍ତୃତ୍ୱ ରହିବ ଓ ତାକୁ ସରକାର ଦଖଲ କରିପାରିବେ ବୋଲି ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜକରି ଦାଖଲ ହୋଇଥିବା ଏକାଧିକ ପିଟିଶନର ଶୁଣାଣିରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଉପରୋକ୍ତ ରାୟର ବିପରୀତ ମତ ପୋଷଣ କରିଛନ୍ତି। ଭାରତୀୟ ସମ୍ବିଧାନ ପ୍ରଚଳିତ ମତବାଦକୁ ପ୍ରତ୍ୟାଖ୍ୟାନ କରି ଅର୍ଥନୈତିକ ଗଣତନ୍ତ୍ରକୁ ଅନୁମତି ଦେଇଥାଏ ବୋଲି ୯ ଜଣିଆ ସାମ୍ବିଧାନିକ ପୀଠ ସ୍ପଷ୍ଟ କରିଛନ୍ତି। ୭ ବିଚାରପତି ସମାନ ରାୟ ଶୁଣାଇଥିବାବେଳେ ଜଷ୍ଟିସ୍ ବି.ଭି. ନାଗରତ୍ନା ଏଥିରେ ଆଂଶିକ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ସମ୍ପୂର୍ଣ୍ଣ ଭିନ୍ନ ମତ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ପରେ ସରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନାମରେ କାହା ସମ୍ପତ୍ତି ଉପରେ ଜୋର୍‌ଜବରଦସ୍ତ କବ୍‌ଜା କରିପାରିବେ ନାହିଁ ବୋଲି ରାୟରୁ ସ୍ପଷ୍ଟ ଅନୁମେୟ।**



**ନୂଆଦିଲ୍ଲୀ,୫ା୧୧**

ସମସ୍ତ ଘରୋଇ ସମ୍ପତ୍ତି ସମୁଦାୟର ଭୌତିକ ସମ୍ବଳ ନୁହେଁ। ଜନମଙ୍ଗଳ ପାଇଁ ଏହାକୁ ଅଧିଗ୍ରହଣ କରି ବଣ୍ଟନ କରିବା କ୍ଷମତା ସରକାରଙ୍କୁ ସମ୍ବିଧାନ ଦେଇନାହିଁ ବୋଲି ୭:୨ ସଂଖ୍ୟାଗରିଷ୍ଠ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠରେ ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ହୃଷୀକେଶ ରାୟ, ବି.ଭି. ନାଗରତ୍ନା, ସୁଧାଂଶୁ ଧୂଳିଆ, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ରା, ରାଜେଶ ବିନ୍ଦାଲ, ଏସ୍.ସି. ଶର୍ମା ଏବଂ ଏ.ଜି. ମନୀଷ। ଏହି ପ୍ରସଙ୍ଗରେ ଶୀର୍ଷ ଅଦାଲତ ୩ଟି ପୃଥକ୍ ରାୟ ଦେଇଛନ୍ତି। ସିଜେଆଇ ନିଜ ପାଇଁ ଗୋଟିଏ ଓ ଅନ୍ୟ ୬ ସହଯୋଗୀଙ୍କ ପାଇଁ ସମାନ ପ୍ରକାର ପୃଥକ୍ ରାୟ ଲେଖିଛନ୍ତି। ଆଲୋଚିତ ମାମଲା ସମ୍ବିଧାନର ଅନୁଚ୍ଛେଦ ୩୧ ସି ସମ୍ପର୍କିତ, ଯାହାକି ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନକୁ ରାଷ୍ଟ୍ରର ନୀତି ନିର୍ଦ୍ଦେଶାବଳୀ ସିଦ୍ଧାନ୍ତକୁ ପୂରଣ ପାଇଁ ସୁରକ୍ଷା ଦେଇଥାଏ। ୩୧ସି ଅନୁଚ୍ଛେଦ ୩୯ବିକୁ ସୁରକ୍ଷା ଦିଏ। ୩୯ବି ଅନୁସାରେ ସର୍ବସାଧାରଣ ଭୌତିକ ସମ୍ବଳର ମାଲିକାନା ଓ ନିୟନ୍ତ୍ରଣ ରାଷ୍ଟ୍ର ନିକଟରେ ରହିଥାଏ, ଯାହାକୁ ସାଧାରଣ ଜନତାଙ୍କ ମଙ୍ଗଳ ପାଇଁ ବଣ୍ଟନ କରାଯାଇଥାଏ। ଏହା ଉପରେ ସିଜେଆଇ କହିଛନ୍ତି, ☞ପୃଷ୍ଠା-୪

## ଆୟ ଅସମାନତା, ଧନୀ-ଗରିବ ବ୍ୟବଧାନ ଏବେ ବି ପ୍ରବଳ

### ଜଷ୍ଟିସ୍ ସୁଧାଂଶୁ ଧୂଳିଆଙ୍କ ଭିନ୍ନ ମତ



ଦେଶରେ ଏବେ ବି ଆୟରେ ଅସମାନତା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ପ୍ରବଳ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୂଳିଆ କହିଛନ୍ତି। ସାମ୍ବିଧାନିକ ପୀଠର ଅନ୍ୟ ୮ ବିଚାରପତିଙ୍କ ରାୟରେ ସମ୍ପୂର୍ଣ୍ଣ ଅସହମତି ପ୍ରକାଶ କରି ଜଷ୍ଟିସ୍ ଧୂଳିଆ କହିଛନ୍ତି, ଆୟରେ ଅସମାନତା ଏବଂ ଧନୀ-ଗରିବଙ୍କ ସମ୍ପତ୍ତିର ☞ପୃଷ୍ଠା-୪

## ୨୫ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୫ା୧୧**

ପାର୍ଲାମେଣ୍ଟର ଶୀତ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବା ଆଶା କରାଯାଉଛି। ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଏବଂ ଜେପିସି ସମୀକ୍ଷା କରୁଥିବା ୱକ୍‌ଫ ସଂଶୋଧନ ବିଲ୍ ଏହି ଅଧିବେଶନରେ ଆସିପାରେ। ଏକ ସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ଦିଗରେ ସରକାର କାମ କରୁଛନ୍ତି ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ତେବେ ବିପକ୍ଷ ଦଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିରୋଧ କରିବାକୁ ଥିବାରୁ ଅଧିବେଶନରେ ହଟ୍ଟଗୋଳ ଜାରି ରହିବ। ☞ପୃଷ୍ଠା-୪

# ସ୍କୁଲରେ ଅଗ୍ନି ନିରାପତ୍ତାକୁ ଅଣଦେଖା

### ବ୍ୟବସ୍ଥା ସମ୍ପର୍କରେ ବିଭାଗ ପାଖରେ ତଥ୍ୟ ନାହିଁ



**ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ହୋଇଛି। ଶ୍ରେଣୀଗୃହରେ କମ୍ପ୍ୟୁଟର ପରିଚାଳିତ ସ୍ମାର୍ଟବୋର୍ଡ ମାଧ୍ୟମରେ ପାଠପଢ଼ା ହେଉଥିବାବେଳେ କୋଠରିକୁ ଶୀତତାପ ନିୟନ୍ତ୍ରିତ କରାଯାଉଛି। ସ୍କୁଲରେ ଏଭଳି ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର ବଢ଼ିଥିବାବେଳେ ତଜ୍ଜନିତ ଅଗ୍ନିକାଣ୍ଡ ଆଶଙ୍କାକୁ ଦୂର କରିବା ପାଇଁ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆପଣାଇବାକୁ ନିୟମ ରହିଛି। କିନ୍ତୁ ତାହା ଅନେକ ସ୍କୁଲରେ ନ ଥିବାବେଳେ ଶିକ୍ଷା ବିଭାଗ ପାଖରେ ମଧ୍ୟ ତଥ୍ୟ ନ ଥିବା ଜଣାପଡ଼ିଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ସର୍ବପ୍ରଥମ ହୋଇଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯିବା ବିପଦକୁ ନିମନ୍ତ୍ରଣ ବୋଲି ମତ ପ୍ରକାଶ ପାଇଛି।**

**କଟକ ସଦର/ସୁନ୍ଦରଗଡ଼/ରାୟଗଡ଼ା/ଉଦଳା,୫ା୧୧ (ସୁଶାନ୍ତ କୁମାର ଜେନା/ଜୟନାରାୟଣ ମେଣ୍ଡୁଲି/ ଅଶିଷ ରଞ୍ଜନ ପଣ୍ଡା/ ସନ୍ତୋଷ କୁମାର ବାଛିନୀ)**

୨୦୨୪ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୫,୦୪୬ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରିତ କରିବାକୁ ଅର୍ଥ ମଞ୍ଜୁର କରାଯାଇଥିଲା। ଉକ୍ତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ସହ ବିଭିନ୍ନ ପ୍ରକାର ବୈଦ୍ୟୁତିକ ଯନ୍ତ୍ର ଏବଂ କୋଠରିକୁ ଶୀତତାପ ନିୟନ୍ତ୍ରିତ ମଧ୍ୟ କରାଯାଇଛି। ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଅନେକ ସ୍କୁଲରେ ଦେଖିବାକୁ ମିଳୁ ନ ଥିବା ଜଣାପଡ଼ିଛି। ୫-ଟି ରୂପାନ୍ତରୀକରଣ ଅଧୀନ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ତା'ର ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଅଗ୍ନି ନିରାପତ୍ତା ସମ୍ପର୍କରେ ସରକାରଙ୍କ ପାଖରେ ସୂଚନା ନ ଥିବାରୁ ସବିଶେଷ ତଥ୍ୟ ଯୋଗାଇବାକୁ ଲୋକସେବା ଭବନରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ସଂଖ୍ୟା ୨୩୦୪୪ରେ ଲେଖାଯାଇଥିଲା। ହେଲେ ନିର୍ଦ୍ଦେଶାଳୟ ପାଖରେ ତଥ୍ୟ ନ ଥିବାରୁ ଯୁଗ୍ମ ☞ପୃଷ୍ଠା-୪

## ଆର୍‌ଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

### ଆମ୍ବଟାକୁଆ ଖାଇ ୨ ମୃତ୍ୟୁ ଘଟଣା

**ଭୁବନେଶ୍ୱର,୫ା୧୧ (ଅନିଲ ଦାସ)**

କନ୍ଧମାଳ ଜିଲାରେ ଆମ୍ବଟାକୁଆ ଖାଇ ୨ଜଣ ମହିଳାଙ୍କ ମୃତ୍ୟୁ ହେବା ସହ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏହି ଘଟଣାର ରାଜସ୍ୱ ଡିଭିଜନ କମିଶନର (ଆର୍‌ଡିସି)ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କନ୍ଧମାଳରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହେବା ଘଟଣାର ଆର୍‌ଡିସି ତଦନ୍ତ କରିବେ। ଏ ନେଇ ଖୁବ୍‌ଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ମଧ୍ୟ ଆର୍‌ଡିସି ତଦନ୍ତ ପରେ ଆବଶ୍ୟକ ମତାମତ ଦେବେ ବୋଲି ସୂଚନା ମିଳିଛି। ରାଜ୍ୟ ସରକାର ଏହି ଘଟଣା ପରେ ଉକ୍ତ ଗାଁକୁ ଜିଲା ପ୍ରଶାସନ ଓ ଡାକ୍ତରୀ ଟିମ୍ ପଠାଇ ମୃତ୍ୟୁର କାରଣ ଯାଞ୍ଚ କରିଛନ୍ତି। ☞ପୃଷ୍ଠା-୪

# ମହିଳା କହି ସ୍ୱର୍ଣ୍ଣ ଜିତିଲେ, ମେଡିକାଲ ରିପୋର୍ଟରେ ପୁରୁଷ

**ପ୍ୟାରିସ୍,୫ା୧୧**



ଇମେନ୍ ଖେଲିଫ୍

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଆଲଜେରିଆର ଇମେନ୍ ଖେଲିଫ୍‌ଙ୍କ ଲିଙ୍ଗଗତ ବିବାଦରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଲିକ୍ ହୋଇଥିବା ଏକ ମେଡିକାଲ ରିପୋର୍ଟ ଅନୁଯାୟୀ ଖେଲିଫ୍ ମହିଳା ନୁହନ୍ତି ବରଂ ପୁରୁଷ ବୋଲି ପ୍ରମାଣିତ ହୋଇଛି। ତାଙ୍କ ଶରୀରରେ ଉଭୟ ଏକ୍ସ ଓ ୱାଇ କ୍ରୋମୋଜୋମ୍‌ର ଉପସ୍ଥିତି ରହିଛି। ଏହା ସହିତ ଗର୍ଭାଶୟ ନ ଥିବା ବେଳେ ତାଙ୍କ ଶରୀରରେ ଅଣ୍ଡକୋଷ ରହିଛି। ତଳିପେଟରେ ତାଙ୍କର ଅଣ୍ଡକୋଷ ଥିବା ବେଳେ ଏକ କ୍ଷୁଦ୍ର ପୁରୁଷ ଯୌନାଙ୍ଗ ମଧ୍ୟ ରହିଛି। ଜୁନ୍ ୨୦୨୩ରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ବିଶେଷଜ୍ଞ ସୌମାୟା ଫେଡାଲା ଓ ଜାକ୍ୱେସ୍ ୟଙ୍ଗ ନିଜ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି। ଫ୍ରାନ୍ସ ଜର୍ନାଲିଷ୍ଟ ଜାଫର ଏଟ୍ ☞ପୃଷ୍ଠା-୪

# ହତ୍ୟା ଅଭିଯୁକ୍ତଙ୍କୁ ଧରାଇଦେଲା ମାଛି

**ଜବଲପୁର, ୫ା୧୧**



ମଧ୍ୟପ୍ରଦେଶର ଜବଲପୁର ଜିଲା ଚରଗାଓଁସ୍ଥିତ ଦେଓରି ତାପରିଆ ଗ୍ରାମରେ ମାଛି ଦ୍ୱାରା ଏକ ହତ୍ୟା ମାମଲାର ସମାଧାନ ହୋଇପାରିଛି। ମାଛି ଯୋଗୁ ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ସଫଳ ହୋଇଥିବା ନେଇ ମଙ୍ଗଳବାର ଜବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଗ୍ରାମୀଣ) ସୋନାଲି ଦୁବେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୧ ତାରିଖରେ ମନୋଜ ଠାକୁର(୨୬) ନାମକ ଜଣେ ବ୍ୟକ୍ତି ଚାଷକାର୍ଯ୍ୟ ପାଇଁ ଜମିକୁ ଯାଇଥିବାବେଳେ ସନ୍ଧ୍ୟାରେ ଆଉ ଫେରି ନ ଥିଲେ। ୨ ତାରିଖ ସକାଳେ ଦେଓରି ତାପରିଆ ଗ୍ରାମର ଏକ ଚାଷଜମିରୁ ତାଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ମୃତଦେହ ନିକଟରେ ରକ୍ତଛିଟା ଲାଗିଥିବା ଏକ ଠେଙ୍ଗା ମଧ୍ୟ ପଡ଼ିଥିଲା। ଚରଗାଓଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କେହି ଜଣେ ଠେଙ୍ଗାରେ ପିଟି ପିଟି ମନୋଜଙ୍କୁ ହତ୍ୟା କରିଥିବା ନେଇ ପୋଲିସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅପରାଧୀଙ୍କୁ ଘୋଡ଼ାଉଛି ଏସ୍‌ସିବି**




# ୟୁପି ମଦ୍ରାସା ଆଇନ ବୈଧ

## ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୫।୧୧(ପି.ଟି.)

ମୁସଲମାନ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ମଙ୍ଗଳବାର କାଏମ ରଖିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବ ରାୟରେ ଉକ୍ତ ଆଇନକୁ ଅସାମ୍ବିଧାନିକ ଦର୍ଶାଇଥିବାବେଳେ ସର୍ବୋଚ୍ଚ ଅଦାଲତ ତାହାକୁ ଖାରଜ କରିଦେଇଛନ୍ତି। ଧର୍ମନିରପେକ୍ଷତା ଆଧାରରେ ଏକ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଫଳରେ ରାଜ୍ୟର ମଦ୍ରାସାଗୁଡ଼ିକୁ ବଡ଼ ଆଶ୍ୱସ୍ତି ମିଳିଛି।

ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାରୁ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୬,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାରେ ପଢୁଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଗତ ମାର୍ଚ୍ଚରେ ହାଇକୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନକୁ ରଦ୍ଦ କରିଦେଇଥିଲେ। ଉକ୍ତ ଆଇନ ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ କରୁଥିବା ହାଇକୋର୍ଟ ଦର୍ଶାଇଥିଲେ। ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ସହ ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଧାନିକ କ୍ଷମତା ବାହାରେ ହୋଇଥିଲେ କିମ୍ବା ମୌଳିକ ଅଧିକାରର ଉଲ୍ଲଂଘନ କରୁଥିଲେ ବା ଅନ୍ୟ କୌଣସି ସାମ୍ବିଧାନିକ ବ୍ୟବସ୍ଥା କାରଣରୁ ଗୋଟିଏ ଆଇନକୁ ଆଇନଗତ ପରିସର ବାହାରେ ବୋଲି ଘୋଷଣା କରାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହା ଦର୍ଶାଇବା ସହ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ମଦ୍ରାସା ଆଇନ (ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪) ରାଜ୍ୟ ବିଧାନସଭାର ବୈଧାନିକ କ୍ଷମତା ପରିସରଭୁକ୍ତ ଏବଂ ସମ୍ବିଧାନର ତାଲିକା ୩ର ଏଣ୍ଟ୍ରି ୨୫ରେ ରଖାଯାଇଥିବା ଖଣ୍ଡପୀଠ କହିଛନ୍ତି।

ତେବେ ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ଉକ୍ତ ଆଇନରେ ରହିଥିବା 'ଫଜିଲ' ଏବଂ 'କାମିଲ୍' ଡିଗ୍ରୀ (ମଦ୍ରାସାରେ ଦିଆଯାଉଥିବା ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରୀୟ ଡିଗ୍ରୀ) ରାଜ୍ୟ ବିଧାନସଭାର ବୈଧାନିକ କ୍ଷମତା ବାହାରେ। କାରଣ ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଆଇନରେ ଥିବା ବ୍ୟବସ୍ଥାର ବିରୋଧ କରୁଥିବାରୁ ଅସାମ୍ବିଧାନିକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୟୁଜିସି ଆଇନ ଉଚ୍ଚଶିକ୍ଷାର ମାନକୁ ନିୟନ୍ତ୍ରଣ କରୁଥିବାବେଳେ ରାଜ୍ୟ ବ୍ୟବସ୍ଥାପିକା ଏହାକୁ ନିୟନ୍ତ୍ରଣ କରିପାରିବ ନାହିଁ। ଏହା ୟୁଜିସି ଆଇନରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ। ଗୋଟିଏ ଆଇନରେ ରହିଥିବା କୌଣସି ବ୍ୟବସ୍ଥା ସାମ୍ବିଧାନିକ ମଷ୍ଟର ମଧ୍ୟରେ ଆସୁ ନ ଥିଲେ, ସମ୍ପୂର୍ଣ୍ଣ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।


ସୁପ୍ରିମକୋର୍ଟ ମଦ୍ରାସା ଆଇନକୁ କାଏମ ରଖିବା ପରେ ଇଦ୍‌ଗାର ଇମାମ ମୌଲାନା ଖଲିଦ ରଶିଦ ଫିରଙ୍ଗ ମହାଲି ଲକ୍ଷ୍ନୌରେ ମଦ୍ରାସା ଛାତ୍ରମାନଙ୍କୁ ମିଠା ବାଣ୍ଟୁଛନ୍ତି।

### ରାୟକୁ ମୁସଲମାନ ନେତା, ବିରୋଧୀ ଦଳର ସ୍ୱାଗତ

ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଆଇନର ବୈଧତାକୁ କାଏମ ରଖିଥିବାରୁ ମୁସଲମାନ ଧର୍ମୀୟ ନେତା ଏହାକୁ ସ୍ୱାଗତ କରିଛନ୍ତି। ସେମିନାରିଗୁଡ଼ିକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଠିକ୍ ନୁହେଁ। ଅସାମ୍ବିଧାନିକ ନିଷ୍ପତ୍ତି ବିରୋଧରେ ଅଦାଲତରେ ଲଢ଼େଇ ହେବ ବୋଲି ଜମାଏତ୍ ଉଲେମା-ଇ-ହିନ୍ଦ୍‌ର ମୌଲାନା କାବ୍ ରଶିଦି କହିଛନ୍ତି। ଏବେ ମଦ୍ରାସାଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ଚାଲିପାରିବ ବୋଲି ଅଲ୍ ଇଣ୍ଡିଆ ପର୍ସୋନାଲ ଲ' ବୋର୍ଡର ମୌଲାନା ଖଲିଦ ରଶିଦ ଫରଙ୍ଗି ମହାଲି କହିଛନ୍ତି। ସେହିପରି ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡର ମୁଖପାତ୍ର ମୌଲାନା ୟାସୁବ୍ ଆବ୍ବାସ କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ମଦ୍ରାସାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏହା ଦେଶକୁ ବହୁ ଅମଲା ଏବଂ ମନ୍ତ୍ରୀ ଦେଇଛି। ମଦ୍ରାସାକୁ ନେଇ ରହିଥିବା ଅନିଶ୍ଚିତତା ଦୂର ହୋଇଥିବା ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ କହିଛନ୍ତି। ଶାସକ ଭାଜପା ଲୋକମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବାକୁ ଚାହୁଁଥିବା ସମାଜବାଦୀ ପାର୍ଟି କହିଛି।

## ସଂକ୍ଷେପରେ

### କରାଚୀରେ ୨ ଚାଇନା ନାଗରିକଙ୍କୁ ଗୁଳି

କରାଚୀ,୫।୧୧

ପାକିସ୍ତାନର ବନ୍ଦର ସହର କରାଚୀରେ ସ୍ଥାନୀୟ ସୁରକ୍ଷା କର୍ମୀ ମଙ୍ଗଳବାର ୨ ଜଣ ଚାଇନା ନାଗରିକଙ୍କୁ ଗୁଳି କରିଛନ୍ତି। କରାଚୀର ଇଣ୍ଡଷ୍ଟ୍ରିଆଲ ଟ୍ରେଡିଂ ଇଷ୍ଟେଟ୍ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ଚାଇନା ନାଗରିକଙ୍କ ମଧ୍ୟରେ ବଚସାରୁ ଗୁଳିକାଣ୍ଡ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି। ଗୁଳି ଚଳାଇଥିବା ସୁରକ୍ଷା ଗାର୍ଡଙ୍କୁ ଗିରଫ କରାଯାଇଥିବାବେଳେ ଆହତ ଚାଇନା ନାଗରିକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି।

### ସିଦ୍ଧାରାମାୟାଙ୍କୁ ହାଇକୋର୍ଟ ନୋଟିସ



ବେଙ୍ଗାଲୁରୁ,୫।୧୧

ମହୀଶୂର ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ କର୍ନାଟକ ହାଇକୋର୍ଟ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ବି.ଏମ୍. ପାର୍ବତୀ, ଶାଳକ ମଲ୍ଲିକାର୍ଜୁନ ସ୍ୱାମୀ, କେନ୍ଦ୍ର ସରକାର, ସିବିଆଇ, ରାଜ୍ୟ ସରକାର, ରାଜ୍ୟ ପୋଲିସ ମୁଖ୍ୟ, ଲୋକାୟୁକ୍ତ ପୋଲିସ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ଲୋକାୟୁକ୍ତ ପୋଲିସଠାରୁ ନେଇ ସିବିଆଇକୁ ଦେବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଆବେଦନ ହୋଇଥିଲା। ଏମ୍‌ୟୁଡିଏ ଦୁର୍ନୀତିର ସ୍ୱାଧୀନ, ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ଲାଗି ସାମାଜିକ କର୍ମୀ ସ୍ନେହମୟୀ କ୍ରିଷ୍ଣା ପିଟିଶନ ଦାଏର କରିଥିଲେ। ଏମ୍‌ୟୁଡିଏ ବେଆଇନ ଭାବେ ସିଦ୍ଧାରାମାୟାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ୧୪ଟି ପ୍ଲଟ୍ ଆବଣ୍ଟନ କରିଥିବା ଅଭିଯୋଗ ଉପରେ ଲୋକାୟୁକ୍ତ ପୋଲିସ ତଦନ୍ତ ଚଳାଇଛି। ଦୁର୍ନୀତି ସହ ସମ୍ପୃକ୍ତ ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ଓ ଅନ୍ୟମାନେ ତଦନ୍ତର ସମ୍ମୁଖୀନ ହାଇଛନ୍ତି।

### ୱିକିପିଡିଆକୁ କେନ୍ଦ୍ରର ନୋଟିସ

ନୂଆଦିଲ୍ଲୀ,୫।୧୧

ୱିକିପିଡିଆ ପ୍ଲାଟଫର୍ମରେ ପକ୍ଷପାତ ଏବଂ ଅଶୁଦ୍ଧି ନେଇ ବହୁ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ମଙ୍ଗଳବାର ଏହାକୁ ଆନୁଷ୍ଠାନିକ ନୋଟିସ ପଠାଇଛନ୍ତି। ୱିକିପିଡିଆ ଏକ ମାଗଣା ଅନ୍‌ଲାଇନ ବିଶ୍ୱକୋଷ ଭାବେ ବିଭିନ୍ନ ବିଷୟର ପୃଷ୍ଠା ସୃଷ୍ଟି କରିବା ଓ ସମ୍ପାଦନ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଅନୁମତି ଦେଇଥାଏ। ବିଭିନ୍ନ ବ୍ୟକ୍ତିତ୍ୱ, ପ୍ରସଙ୍ଗ ଏବଂ ବିଷୟଗୁଡ଼ିକର ଏଡିଟିଂ ପାଇଁ ସେମାନଙ୍କୁ ଅନୁମତି ମିଳିଥାଏ। ଏହି ପ୍ଲାଟ୍‌ଫର୍ମ ଅଶୁଦ୍ଧ ଏବଂ ମାନହାନିକାରକ କଣ୍ଟେଣ୍ଟ ପ୍ରଦାନ ନେଇ ସମ୍ପ୍ରତି ଭାରତରେ ଆଇନଗତ ଲଢ଼େଇର ସମ୍ମୁଖୀନ ହୋଇଛି।

### ବେଆଇନ ଖଣି ଖନନ ମାମଲା

### ୫୦ ଲକ୍ଷ ଟଙ୍କା, ୧ କେ.ଜି. ସୁନା ଜବତକଲା ସିବିଆଇ

ନୂଆଦିଲ୍ଲୀ,୫।୧୧

ବେଆଇନ ଖଣି ଖନନ ମାମଲାର ତଦନ୍ତ କରୁଥିବା ସିବିଆଇ ମଙ୍ଗଳବାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ୨୦ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ନଗଦ ୫୦ ଲକ୍ଷ ଟଙ୍କା, ୧ କିଲୋଗ୍ରାମ ସୁନା, ସମପରିମାଣର ରୁପା ଓ ସମ୍ପତ୍ତି ସମ୍ପର୍କିତ ବହୁ କାଗଜପତ୍ର ଜବତ ହୋଇଛି। ଝାଡ଼ଖଣ୍ଡର ନିମ୍ନ ପାହାଡ଼ରୁ ବେଆଇନ ଭାବେ ମୂଲ୍ୟବାନ ପଥର ଖନନ କରାଯାଇ ଅନ୍ତର୍ଜାତୀୟ ବଜାରରେ ବିକ୍ରି କରାଯାଉଥିଲା।

# ୧୮ ମାସରେ ଜୀବନ ହାରିଛନ୍ତି ୭୧ ହୀରା କାରିଗର

ନୂଆଦିଲ୍ଲୀ, ୫।୧୧

## ଆର୍ଥିକ ସହାୟତା ଦାବିକଲା କଂଗ୍ରେସ

ହୀରା ବ୍ୟବସାୟ ପାଇଁ ବିଶ୍ୱର ପ୍ରମୁଖ କେନ୍ଦ୍ର ଭାବେ ଗୁଜରାଟର ସୁରଟ ସହରର ଇତିହାସ ରହିଛି। କେବଳ ଗୁଜରାଟରେ ୨୫ ଲକ୍ଷ ହୀରା କାରିଗର ଥିବାବେଳେ ସେଥିମଧ୍ୟରୁ କେବଳ ସୁରଟରେ ୧୦ ଲକ୍ଷ କାରିଗର ରହିଛନ୍ତି। ପ୍ରୟୋଗଶାଳାଗୁଡ଼ିକରେ ହୀରା ନିର୍ମାଣର ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ବିଶ୍ୱବ୍ୟାପୀ ହୀରା ଉଦ୍ୟୋଗ ଗଭୀର ଭାବେ ପ୍ରଭାବିତ ହୋଇଛି। ତେଣୁ ସୁରଟରେ ବହୁ ସଂଖ୍ୟାରେ ହୀରା କାରିଗରଙ୍କୁ ଛଟେଇ କରାଯାଇଛି। ଚଳିତ ବର୍ଷ ଫେବୃୟାରୀରୁ ଜୁନ୍ ମଧ୍ୟରେ କେବଳ ୧୫ ହଜାର ହୀରା କାରିଗରଙ୍କୁ ଛଟେଇ କରାଯାଇଛି। ସେହିପରି ବହୁ ହୀରା କାରିଗରଙ୍କର ଦରମା ହ୍ରାସ ପାଇଛି। ଫଳରେ ହୀରା କାରିଗରମାନେ ଆର୍ଥିକ ସଙ୍କଟ ଏବଂ ମାନସିକ ଅବସାଦର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି। ନିଯୁକ୍ତି ହରାଇଥିବା ହୀରା କାରିଗରଙ୍କ ପଞ୍ଜୀକରଣ ଓ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ କେନ୍ଦ୍ର ସରକାରଙ୍କୁ ଜରୁରୀ ନିଷ୍ପତ୍ତି ନେବାର ଆବଶ୍ୟକତା ଥିବା ସେ କହିଛନ୍ତି। ଅଧିଂକାଶ ହୀରା ଶ୍ରମିକଙ୍କର ପଞ୍ଜୀକରଣ କରାଯାଇ ନ ଥିବାରୁ ସେମାନଙ୍କ ପାଇଁ କୌଣସି କଲ୍ୟାଣକାରୀ ଯୋଜନା କରିବାକୁ ସରକାରଙ୍କ ପାଖରେ ତଥ୍ୟ ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ହୀରା ଶିଳ୍ପରେ ନିୟୋଜିତ କାରିଗରଙ୍କୁ ବଜାରର ଅନିଶ୍ଚିତତାରୁ ରକ୍ଷା କରିବାକୁ ରମେଶ ଦାବି କରିଛନ୍ତି।

# ସ୍ତ୍ରୀ ଓ ୩ ପିଲାଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା

ବାରାଣସୀ, ୫।୧୧

ଉତ୍ତରପ୍ରଦେଶର ବାରାଣସୀ ଜିଲା ଭଦୈନୀ ଅଞ୍ଚଳର ରାଜେନ୍ଦ୍ର ଗୁପ୍ତାଙ୍କ ଘରୁ ସ୍ତ୍ରୀ ନିତୁ(୪୫) ଓ ତାଙ୍କ ଝିଅ ଗୌରଙ୍ଗୀ(୧୬) ଓ ୨ ପୁଅ ନଭେନ୍ଦ୍ର (୨୫) ଓ ଶୁଭେନ୍ଦ୍ର (୨୫)ଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ମଙ୍ଗଳବାର ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ନିକଟସ୍ଥ ଏକ କନ୍‌ଷ୍ଟ୍ରକ୍ସନ ସାଇଟରୁ ରାଜେନ୍ଦ୍ରଙ୍କର ମୃତଦେହ ମିଳିଛି। ରାଜେନ୍ଦ୍ର ନିଜର ୩ ପିଲା ଓ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ପରିବାର ଲୋକେ ଶୋଇଥିବା ସମୟରେ ଗୁଳି କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପଡ଼ୋଶୀଙ୍କ ଅନୁଯାୟୀ, ରାଜେନ୍ଦ୍ର ଓ ନିତୁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। ରାଜେନ୍ଦ୍ର ଜଣେ ତାନ୍ତ୍ରିକଙ୍କ ପରାମର୍ଶ ନେଉଥିଲେ। ପୂର୍ବରୁ ରାଜେନ୍ଦ୍ର ଅନେକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବାବେଳେ ନିକଟରେ ସେ ଜାମିନ ପାଇଥିଲେ ବୋଲି ପୋଲିସ ସୂଚନା ଦେଇଛି।

# କାନାଡାରେ ହିନ୍ଦୁଙ୍କ ବିଶାଳ ବିକ୍ଷୋଭ

## ମନ୍ଦିର ଉପରେ ଆକ୍ରମଣର ପ୍ରତିବାଦ

ଚଣ୍ଡିଗଡ଼,୫।୧୧

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିର ଉପରେ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ ଘଟଣାର ପ୍ରତିବାଦରେ କାନାଡା ହିନ୍ଦୁ ସମ୍ପ୍ରଦାୟର ଅନେକ ହଜାର ସଦସ୍ୟ ସେଠାର ଗୋରେ ରୋଡ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦେଶରେ ହିନ୍ଦୁ ବିରୋଧୀ ହିଂସା ବଢୁଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମଗ୍ର ଓଣ୍ଟାରିଓରୁ ବିକ୍ଷୋଭକାରୀମାନେ ହାତରେ ତ୍ରିରଙ୍ଗା ଧରି ଖଲିସ୍ତାନୀ ବିରୋଧୀ ସ୍ଲୋଗାନ ଦେବା ସହ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାର ପ୍ରତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହିନ୍ଦୁମାନଙ୍କ ସୁରକ୍ଷା ଏବଂ ଆକ୍ରମଣ ଘଟଣାରେ ଦାୟୀ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଆକ୍ରମଣକୁ କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଏବଂ ଭାରତୀୟ ହାଇକମିଶନ ନିନ୍ଦା କରିଥିଲେ। ହିନ୍ଦୁ ଭକ୍ତଙ୍କୁ ଆକ୍ରମଣ ଘଟଣାରେ କାନାଡା



ପୋଲିସ ୩ ଜଣଙ୍କୁ ଗିରଫ କରି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

# ଆମେରିକାରେ ମତଦାନ ଶେଷ: ଆଜି ଫଳାଫଳ

ୱାଶିଂଟନ୍, ୫।୧୧

ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ବୁଥ୍‌ଗୁଡ଼ିକରେ ଭୋଟରମାନଙ୍କ ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବରୁ ୮୨ ନିୟୁତରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିସାରିଥିବାବେଳେ ମଙ୍ଗଳବାର ୨୪୪ ନିୟୁତ ଆମେରିକୀୟ ମତଦାନ କରିଛନ୍ତି। ବୁଧବାର ଭୋଟଗଣତି ପରେ ଫଳାଫଳ ପ୍ରକାଶ ପାଇବ। ରିପବ୍ଲିକାନ୍ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପ୍ରାର୍ଥୀ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିବାରୁ ଫଳାଫଳ ଉପରେ ସାରା ବିଶ୍ୱର ନଜର ରହିଛି।

ବିଭିନ୍ନ ରାଜ୍ୟରେ ମତଦାନ ଆରମ୍ଭ ସମୟ ଭିନ୍ନ ଭିନ୍ନ ରହିଥିଲା। ସାଧାରଣ ଭାବେ ମତଦାନ ସ୍ଥାନୀୟ ସମୟ ସକାଳ ୬ରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ଭାରତୀୟ ସମୟ ଅନୁଯାୟୀ ମଙ୍ଗଳବାର ଅପରାହ୍ନ ୪ଟା ୩୦ରୁ ଭୋଟଗ୍ରହଣ ଆରମ୍ଭ ହୋଇ ବୁଧବାର ସକାଳ ୬ରେ ଶେଷ ହେବ। ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବାକୁ ଥିବା ୭ ଝୁଲା ରାଜ୍ୟ ପେନ୍‌ସିଲଭାନିଆ, ନେଭଡା, ନର୍ଥ କରୋଲିନା, ଜର୍ଜିଆ, ଆରିଜୋନା, ମିଚିଗାନ ଏବଂ ୱିସ୍‌କନ୍‌ସିନ୍ ଉପରେ ସମସ୍ତଙ୍କ ନଜର ରହିଛି।

ଏଥର ନିର୍ବାଚନ ପ୍ରଚାର ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ସୋମବାର ରାତିରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ୍ ଏବଂ ଡେମୋକ୍ରାଟ୍ ପ୍ରାର୍ଥୀ ହାରିସ୍ ପ୍ରଚାର କରିଥିଲେ। ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କୁ ସାମାନ୍ୟ ଅଧିକ ଭୋଟ ମିଳିପାରେ ବୋଲି କେତେକ ଗଣମାଧ୍ୟମ ପୂର୍ବାନୁମାନ କରିଛନ୍ତି। ହାରିସ୍ ବିଜୟୀ ହେଲେ ସେ ପ୍ରଥମ ଅଣଶ୍ୱେତାଙ୍ଗ ମହିଳା ତଥା ଏସୀୟ-ଆମେରିକୀୟ ଭାବେ ରାଷ୍ଟ୍ରର ନେତୃତ୍ୱ ନେବେ। ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ ଗଣତନ୍ତ୍ର ପ୍ରତି ବିପଦ ବୋଲି ସେ କହିଛନ୍ତି। ପ୍ରଜନନ ଅଧିକାରର ସୁରକ୍ଷା ଏବଂ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ କରିବା ନେଇ ହାରିସ୍ ତାଙ୍କ ପ୍ରତିଶ୍ରୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ପୁନର୍ବାର କ୍ଷମତାକୁ ଫେରିବା ପାଇଁ ଟ୍ରମ୍ପ୍ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଅର୍ଥନୈତିକ ନେତୃତ୍ୱ ପ୍ରତି ଆମେରିକୀୟଙ୍କ ସମର୍ଥନ ଥିବାରୁ ଏହାକୁ ସେ ଭୋଟରେ ପରିଣତ କରିବାକୁ ଉଦ୍ୟମ ଚଳାଇ ଆସିଛନ୍ତି। ଏହା ବ୍ୟତୀତ ଆମେରିକାରେ ବେଆଇନ ପ୍ରବେଶ ଉପରେ ସେ କଠୋର ଆଭିମୁଖ୍ୟ ରଖିଛନ୍ତି। ପ୍ରଚାର ବେଳେ ଟ୍ରମ୍ପ୍ ୨ ଥର ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଟ୍ରମ୍ପ୍ ବିଜୟୀ ହେଲେ ଗୁରୁତର ଅପରାଧରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ପ୍ରଥମ ରାଷ୍ଟ୍ରପତି ହେବେ। ସେ କ୍ଷମତାକୁ ଆସିଲେ ତାଙ୍କ ବିରୋଧରେ ରହିଥିବା ଅନ୍ୟାନ୍ୟ ସଂଘୀୟ ତଦନ୍ତକୁ ବନ୍ଦ କରିଦେବେ। ସେହିପରି ହ୍ୱାଇଟ୍ ହାଉସ୍‌କୁ ଅଣକ୍ରମାଗତ ଭାବେ ବିଜୟୀ ହେବାରେ ସେ ଆମେରିକା ଇତିହାସରେ ଦ୍ୱିତୀୟ ରାଷ୍ଟ୍ରପତି ହେବେ।



ନ୍ୟୁ ହାମ୍ପସାୟାରର ଡିକ୍ସଭିଲେଠାରେ ଜଣେ ମତଦାତା ଭୋଟ ଦେଉଛନ୍ତି।

### ମତାଧିକାର ସାବ୍ୟସ୍ତ କଲେ ୨୪୪ ନିୟୁତ ଭୋଟର

## ଫୁର୍‌ସତ୍



# ଅଜୟଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ'

ମୁମ୍ବାଇ

ଅଭିନେତା ଅଜୟ ଦେବଗନ୍ ତାଙ୍କ ନୂତନ ଫିଲ୍ମ 'ଆଜାଦ' ସମ୍ପର୍କରେ ଘୋଷଣା କରିଛନ୍ତି। ମଙ୍ଗଳବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ଆଜାଦ'ର ଟିଜରକୁ ଜାରି କରାଯାଇଛି। ଏହି ଟିଜରକୁ ଅଜୟ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ଅଜୟ ଲେଖିଛନ୍ତି, ପ୍ରତ୍ୟେକ ଯୁଦ୍ଧରେ ନିଶ୍ଚିତ ଭାବରେ ସାହସୀ ଯୋଦ୍ଧାଙ୍କ ସହ ଏକ ବିଶ୍ୱସ୍ତ ଘୋଡ଼ା ରହିଥାଏ। ତେବେ ଏହି ଟିଜରର ଆରମ୍ଭରେ ଏକ ଭଏସ୍ ଓଭର ଶୁଣାଯାଉଛି ଯେଉଁଥିରେ କୁହାଯାଇଛି, ସେହି ହଲ୍‌ଦିଘାଟୀରେ ମହାରଣା ପ୍ରତାପଙ୍କର ଗୋଟିଏ ପାର୍ଶ୍ୱରେ ପ୍ରାୟ ୮ରୁ ୯ ହଜାର ସୈନ୍ୟ ଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ୪୦ ହଜାର ସୈନ୍ୟ ଥିଲେ। କିନ୍ତୁ ସବୁଠାରୁ ବିଶେଷ ଘୋଡ଼ା ନିଜେ ମହାରଣା ପ୍ରତାପଙ୍କ ସହିତ ଥିଲା। 'ଆଜାଦ' ଚଳଚ୍ଚିତ୍ରରେ ଅଭିନେତ୍ରୀ ରବୀନା ଟଣ୍ଡନଙ୍କ ଝିଅ ରାଶା ଥଡ଼ାନି ଏବଂ ଅଜୟଙ୍କ ପୁତୁରା ଅମନ ଦେବଗନ୍ ବଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। 'ଆଜାଦ' ଚଳଚ୍ଚିତ୍ରରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତର କାହାଣୀକୁ ଦର୍ଶାଯାଇଛି, ଯେଉଁଥିରେ ଅଜୟଙ୍କୁ ଜଣେ ପେସାଦାର ଘୋଡ଼ା ଚାଳକଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି ଉକ୍ତ ଟିଜରରେ ଏକ ବିଶ୍ୱସ୍ତ ଘୋଡାର କାହାଣୀକୁ ନେଇ ମଧ୍ୟ ଧ୍ୟାନ କେନ୍ଦ୍ରିତ କରାଯାଇଛି।

# ମଡେଲ ନୁହନ୍ତି, ଇଲେକ୍ଟ୍ରିସିଆନ୍

ଗ୍ଲାସ୍‌ଗୋ

ସମାଜରେ ଏପରି କିଛି ବୃତ୍ତି ରହିଛି, ଯାହା ମହିଳାମାନଙ୍କ ପାଇଁ ଉପଯୁକ୍ତ ନୁହେଁ ବୋଲି ବିବେଚନା କରାଯାଇଥାଏ। ଜଣେ ବିଜୁଳି ମିସ୍ତ୍ରି ବା ଇଲେକ୍ଟ୍ରିସିଆନ୍‌ଙ୍କର ବୃତ୍ତି ଏଥିରେ ଅନ୍ୟତମ। ଏହି ବୃତ୍ତିରେ ଶାରୀରିକ ପରିଶ୍ରମ ସହ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଉପକରଣଗୁଡିକୁ ପରିଚାଳନା କରିବାକୁ ପଡ଼ିଥାଏ ଏବଂ ସମୟ ସମୟରେ ବିଦ୍ୟୁତ୍ କରେଣ୍ଟ ଖାଇବାକୁ ମଧ୍ୟ ପଡ଼େ। ତେଣୁ ମହିଳାମାନେ ଏତେ ଯନ୍ତ୍ରଣା ସହି ଇଲେକ୍ଟ୍ରିସିଆନ୍‌ଙ୍କ କାମ କରିପାରିବେ ନାହିଁ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ତେବେ ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋରେ ରହୁଥିବା ଡିୟୋନ ଗିବ୍‌ସନ୍ ନାମ୍ନୀ ଜଣେ ୨୨ ବର୍ଷୀୟା ଯୁବତୀ ଲୋକଙ୍କର ଏହି ମତକୁ ଭୁଲ୍ ପ୍ରମାଣିତ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଡିୟୋନ(୨୨) ନାମ୍ନୀ ଜଣେ ଯୁବତୀ ମାତ୍ର ୧୭ ବର୍ଷ ବୟସରୁ ଇଲେକ୍ଟ୍ରିସିଆନ୍ ହେବା ପାଇଁ ପାଠ୍ୟକ୍ରମ ଆରମ୍ଭ କରିଥିଲେ। ଯେତେବେଳେ ସେ ତାଙ୍କ ଶିକ୍ଷା ଶେଷ କରି ଏକ କମ୍ପାନୀରେ ନିଯୁକ୍ତି ପାଇଲେ, ସେତେବେଳେ ସେଠାରେ କାର୍ଯ୍ୟରତ ୧୦୦ ଜଣ କର୍ମଚାରୀଙ୍କ ମଧ୍ୟରୁ ଡିୟୋନ ଏକମାତ୍ର ମହିଳା ଥିଲେ। ଏନେଇ ଡିୟୋନ କୁହନ୍ତି, ବିଜୁଳି ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ପୁରୁଷ କର୍ମଚାରୀ ତଥା ଗ୍ରାହକ ତାଙ୍କ ସୌନ୍ଦର୍ଯ୍ୟ ଦେଖି ଅଭିଭୂତ ହୋଇଥାନ୍ତି ଏବଂ ତାଙ୍କୁ ତାଙ୍କ କାମ କରିବାକୁ ବାରଣ କରନ୍ତି। ଅଲାଗା ସମୟରେ ଅନେକେ ତାଙ୍କୁ ଜଣେ ମଡେଲ ବୋଲି ଭାବିଥାନ୍ତି। ସେ ଏକ ପୁରୁଷ ପ୍ରାଧାନ୍ୟ ବୃତ୍ତିରେ କାର୍ଯ୍ୟ କରୁଛନ୍ତି। ତେଣୁ ଅନେକ ସମୟରେ ତାଙ୍କ ଦ୍ୱାରା କାମ ହେବ ନାହିଁ ବୋଲି ବହୁ ଲୋକେ ଅନୁମାନ କରିଥାନ୍ତି।






# ୧୦ରେ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ, ବିସ୍ମୃତ ଖାଦ୍ୟ ସମ୍ମିଳନୀ'

**ଭୁବନେଶ୍ୱର,୫।୧୧ (ଅନିଲ ଦାସ)**

ନଭେମ୍ବର ୧୦ ଓ ୧୧ ତାରିଖରେ ଲୋକସେବା ଭବନରେ ୨ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ' ଆୟୋଜିତ ହେବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ 'ଓଡ଼ିଶାର ଅନ୍ନ ଓ କୃଷି ଐତିହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଏଥିସହ ଖାଦ୍ୟ ନିରାପତ୍ତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ। ବିସ୍ମୃତ ଫସଲଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଚିରନ୍ତନ ଚାଷ ପଦ୍ଧତିରେ ସହାୟତା ଏବଂ ପୌଷ୍ଟିକତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେମଧ୍ୟରୁ ଅନେକ ଫସଲ ମରୁଡ଼ି ସହନଶୀଳ ଏବଂ କୀଟନାଶକକୁ ପ୍ରତିରୋଧ କରିବାର କ୍ଷମତା ରଖିଥାଏ। ଓଡ଼ିଶାର ପାରମ୍ପରିକ ଶସ୍ୟଗୁଡ଼ିକ ଏହି ଫସଲ ସହିତ ଜଡ଼ିତ, ଯାହା ଯେକୌଣସି ପରିବେଶରେ ଖାପଖୁଆଇ ଭଲ ଭାବେ ବଢ଼ିପାରେ। ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ବିଷୟରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଆମେ ନିଜର ଦୈନନ୍ଦିନ ଜୀବନରେ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ସାମିଲ କରି ଓଡ଼ିଶାର କୃଷି ଐତିହ୍ୟକୁ ସୁରକ୍ଷା ଦେବା ସହ ନିଜକୁ ସୁସ୍ଥ ରଖିପାରିବା। ଏହି ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏଶନ୍, ସେଫ୍ ସଙ୍ଗଠନ, ବ୍ଲଗର୍ ଏବଂ ଛାତ୍ରଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ଏଥିରେ ଶ୍ରୀଅନ୍ନ, ବିଲୁପ୍ତପ୍ରାୟ ଶସ୍ୟ ଓ ଖାଦ୍ୟ ସହିତ ଜଡ଼ିତ କୃଷକ ସମ୍ପ୍ରଦାୟଙ୍କ ଦ୍ୱାରା ଅଭିନବ ତଥା ଚିରନ୍ତନ କୃଷି ପଦ୍ଧତି, ଜୈବବିବିଧତା, ସଂରକ୍ଷଣକୁ ପ୍ରାଧାନ୍ୟ, ବ୍ୟବସାୟୀକରଣ ସୁଯୋଗ ଏବଂ ନୀତିଗତ ଦୃଷ୍ଟିକୋଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ସମ୍ମିଳନୀରେ ଖାଦ୍ୟ ଓ କୃଷି ସଙ୍ଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଏସିଆ ପାସିଫିକ୍ ଆସୋସିଏଶନ୍ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଶନ୍, ଜାତୀୟ ଉଦ୍ଭିଦ ଆନୁବଂଶିକ ସମ୍ବଳ କେନ୍ଦ୍ର, କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ, ଜାତୀୟ ପୋଷଣ ସଂସ୍ଥାନ, ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, ଉଦ୍ଭିଦ କିସମ ଓ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ ଆଦି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ସଙ୍ଗଠନର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ। ସମ୍ମିଳନୀରେ ଶ୍ରୀଅନ୍ନ ଓ ବିଲୁପ୍ତପ୍ରାୟ ଫସଲ ଚାଷ, ଏହାର ପ୍ରକ୍ରିୟାକରଣ ଓ ପ୍ରୋତ୍ସାହନ ଆଧାରିତ ବିଭିନ୍ନ ବିଷୟବସ୍ତୁକୁ ନେଇ ୧୧ଟି ଅଧିବେଶନ ଅନୁଷ୍ଠିତ ହେବ। ଏଥିସହିତ ଶ୍ରୀଅନ୍ନ ଓ ବିଲୁପ୍ତପ୍ରାୟ ଫସଲର ପ୍ରକ୍ରିୟାକରଣ, ଜୈବିକ ଚାଷ ପଦ୍ଧତି ଆଦିକୁ ନେଇ ହେବାକୁ ଥିବା ଅଧିବେଶନ ଅଭିନବ ଓ ତୃଣମୂଳ ସ୍ତରର ଅଂଶୀଦାରିତାକୁ ସୁନିଶ୍ଚିତ କରିବ। ଏହି ସମ୍ମିଳନୀରେ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ବିସ୍ମୃତ ଖାଦ୍ୟ, କଳା ଓ ରନ୍ଧନ ପ୍ରଣାଳୀ ଐତିହ୍ୟ ସମ୍ବନ୍ଧୀୟ କାହାଣୀ ପରିବେଷଣ କରାଯାଇ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ୯ଟି ଷ୍ଟଲରେ ବିଲୁପ୍ତପ୍ରାୟ ଖାଦ୍ୟଶସ୍ୟ, ବିଭିନ୍ନ କିସମର ପୁଷ୍ଟିଶସ୍ୟ, ଡାଲି, ବିହନ, ଶାଗ ଓ କୃଷି ଉପକରଣ ଆଦି ପ୍ରଦର୍ଶିତ ହେବ, ଯାହାଦ୍ୱାରା ଲୋକେ ପାରମ୍ପରିକ ଓ ଅଭିନବ କୃଷି ପ୍ରଣାଳୀ ସମ୍ବନ୍ଧରେ ଅବଗତ ହୋଇପାରିବେ। ଏଥିସହିତ 'ଉଦ୍ଭିଦ କିସମ ଓ କୃଷକ ଅଧିକାର ଆଇନ ସୁରକ୍ଷା', ଯୋଜନାର ନିର୍ଦ୍ଦେଶାବଳୀ–'ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଓ ଏହାର ସ୍ଥାୟିତ୍ୱ' ଏବଂ 'ବିସ୍ମୃତ ଖାଦ୍ୟର ମହକ– ଓଡ଼ିଶାର ଖାଦ୍ୟ ସମ୍ଭାର' ଶୀର୍ଷକ ରନ୍ଧନ ପୁସ୍ତକ ଉନ୍ମୋଚନ କରାଯିବ। ଏହି ପ୍ରକାଶନୀଗୁଡ଼ିକ କୃଷକ ଏବଂ ଜନଜାତି ସମ୍ପ୍ରଦାୟଙ୍କୁ ଚିରନ୍ତନ କୃଷି ପଦ୍ଧତି ସମ୍ପର୍କରେ ଅବଗତ କରାଇବାରେ ସହାୟକ ହେବ। କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟ ଓ କୃଷି ସଙ୍ଗଠନ, ଜାତୀୟ ପୋଷଣ ପ୍ରତିଷ୍ଠାନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଓଡ଼ିଶା ହୋଟେଲ ଓ ରେସ୍ତୋରାଁ ଆସୋସିଏଶନ୍, ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଅନ୍ତର୍ଜାତୀୟ ଜୈବବିବିଧତା ଆଦି ବିଭିନ୍ନ ସଙ୍ଗଠନ ସମେତ ମିଶନ ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ସହଭାଗିତାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଶ୍ରୀଅନ୍ନ ଓ ବିଲୁପ୍ତପ୍ରାୟ ଫସଲ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ପୁଷ୍ଟିଶସ୍ୟ ଚାଷୀ, ଶ୍ରେଷ୍ଠ ବିଲୁପ୍ତପ୍ରାୟ ଫସଲ ସଂରକ୍ଷକ କୃଷକ, ଶ୍ରେଷ୍ଠ କୃଷକ ଉତ୍ପାଦକ ସଙ୍ଗଠନ, ଶ୍ରେଷ୍ଠ ସହଭାଗୀ ସଂସ୍ଥା, ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ଲକ୍/ଜିଲା ଏବଂ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ରନ୍ଧନ ଐତିହ୍ୟକୁ ସଂରକ୍ଷିତ କରି ରଖିଥିବା ମହିଳାମାନଙ୍କୁ ସେମାନଙ୍କ ଅବଦାନ ନିମନ୍ତେ ମଧ୍ୟ ସମ୍ମାନିତ କରାଯିବ। ବିସ୍ମୃତ ଖାଦ୍ୟ/ଶସ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଏଭଳି ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ରାଜ୍ୟରେ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପୁଷ୍ଟିଶସ୍ୟର ପୁନରୁଦ୍ଧାର ଏବଂ ଏହାର ସଫଳ ରୂପାୟନ ପାଇଁ ନିତି ଆୟୋଗ ଓ ବିଶ୍ୱ ଖାଦ୍ୟ ସଙ୍ଗଠନ ଓଡ଼ିଶାକୁ ମଡେଲ ରାଜ୍ୟ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଯୋଜନା ଅଧୀନରେ ପୁଷ୍ଟିଶସ୍ୟର ସ୍ୱାସ୍ଥ୍ୟ ଉପକାରିତାକୁ ନେଇ ବହୁଳ ଭାବରେ ପ୍ରଚାର ଓ ପ୍ରସାର କରାଯାଉଛି। ସେହିଭଳି ବିସ୍ମୃତ ଖାଦ୍ୟ/ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଦିଗରେ ନିଆଯାଇଥିବା ପଦକ୍ଷେପରେ ସମସ୍ତଙ୍କର ସହଯୋଗ ଦ୍ୱାରା ସଫଳତା ହାସଲ ହୋଇପାରିବ।

# ଇଥାନଲ୍ ପ୍ରକଳ୍ପରୁ ଓହରିଗଲା ଏଚ୍‌ପିସିଏଲ୍

**ନବରଙ୍ଗପୁର, ୫।୧୧ (ସଦାଶିବ ପ୍ରହରାଜ)**

## ନବରଙ୍ଗପୁର ଜିଲାରେ ଶିଳ୍ପ ବିକାଶକୁ ଝଟକା

ନବରଙ୍ଗପୁର ଜିଲାରେ ହେବାକୁ ଥିବା ଇଥାନଲ୍ ପ୍ରକଳ୍ପରୁ ଏଚ୍‌ପିସିଏଲ୍ (ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) କମ୍ପାନୀ ଓହରିଯାଇଥିବା ନେଇ ଗୁରୁବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ଥାନୀୟ ଚରକବନରେ ଖବରଦାତାମାନଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତରେ କହିଛନ୍ତି। ଜିଲାରେ ଶିଳ୍ପର ବିକାଶ ପାଇଁ କେନ୍ଦ୍ରୀୟ ପେଟ୍ରୋଲିୟମ ଓ କୃଷିମନ୍ତ୍ରୀଙ୍କ ସହ ଆଲୋଚନାକରି ପ୍ରକଳ୍ପ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଚିନି କାରଖାନାର ବିଫଳତା ଓ ଏବେ ୫୦୦ କୋଟି ଟଙ୍କାର ଇଥାନଲ୍ ପ୍ରକଳ୍ପରୁ ଏଚ୍‌ପିସିଏଲ୍ କମ୍ପାନୀ ଓହରିଯିବା ଘଟଣା ଜିଲାର ଶିଳ୍ପ ବିକାଶକୁ ଶକ୍ତ ଝଟକା ଦେଇଛି।

୨୦୧୯ ନିର୍ବାଚନରେ ଭାଜପାର କେନ୍ଦ୍ରୀୟ ନେତା ଉମରକୋଟରେ ୫୦୦ କୋଟି ଟଙ୍କାର ଇଥାନଲ୍ ପ୍ରକଳ୍ପର ଘୋଷଣା କରିଥିଲେ। ଏହି ପ୍ରକଳ୍ପକୁ ଏଚ୍‌ପିସିଏଲ୍ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଭଳିକି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପରେ ମଧ୍ୟ ଇଥାନଲ୍ ପ୍ରକଳ୍ପ ପାଇଁ ୭୦ ଏକର ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ପ୍ରକଳ୍ପ ଅଟକିଥିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏଚ୍‌ପିସିଏଲ୍ କମ୍ପାନୀ ଏହି ପ୍ରକଳ୍ପରୁ ହାତ ଛାଡ଼ି ଦେଇଥିବା ମନ୍ତ୍ରୀଙ୍କ ବୟାନ ପରେ ସ୍ପଷ୍ଟ ହୋଇଥିଲା। ଏବେ ଜିଲାରେ ଇଥାନଲ୍ ପ୍ରକଳ୍ପକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି। ଏହି ପ୍ରକଳ୍ପରେ କେବଳ ୨୪୦ଜଣ ନିଯୁକ୍ତି ସୁଯୋଗ ମୁଖ୍ୟ ନୁହେଁ, ବରଂ ପରୋକ୍ଷରେ ହଜାର ହଜାର ଚାଷୀ ଉତ୍ପାଦିତ ମକା ଅଭାବୀ ବିକ୍ରିର ଶିକାରରୁ ମୁକୁଳିପାରିଥାନ୍ତେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ଦେଇଛନ୍ତି। ଆଗାମୀ ଦିନରେ ଯଦି କୌଣସି ଶିଳ୍ପର ବିକାଶ ପାଇଁ ରାସ୍ତା ନ ଫିଟିବ ତାହା ହେଲେ ଜିଲାବାସୀ ନିରାଶ ହେବେ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ଦିନରେ ନବରଙ୍ଗପୁର ଜିଲାରେ ରେଳ, କଳ ଓ ଜଳ ମୁଖ୍ୟ ପ୍ରସଙ୍ଗକୁ ପ୍ରାଧାନ୍ୟ ଦେବାକୁ ଦାବି ହୋଇଛି।

# ନରମିଲା ଇସ୍କନ:ଅଦିନିଆ ରଥଯାତ୍ରା ବନ୍ଦ

## ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ସେବାୟତ, ଶ୍ରଦ୍ଧାଳୁ କରିଥିଲେ ତୀବ୍ର ବିରୋଧ

**ଭୁବନେଶ୍ୱର,୫।୧୧ (ବନ୍ଦନା ସେଠୀ)**

ଶେଷରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ଆଗରେ ମୁଣ୍ଡ ନୁଆଁଇଛି ଇସ୍କନ। ଆମେରିକାର ହ୍ୟୁଷ୍ଟନ୍‌ରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ତୀବ୍ର ବିରୋଧ କରିବା ପରେ ଶେଷରେ ଇସ୍କନ କର୍ତ୍ତୃପକ୍ଷ ଏହି ଆୟୋଜନରୁ ଦୂରେଇ ଯାଇଛନ୍ତି। 'ଓଡ଼ିଆ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ହ୍ୟୁଷ୍ଟନ୍‌ରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଇଛି। ତେବେ ରଥଯାତ୍ରା ବଦଳରେ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରାଯିବ।' ଇସ୍କନ ଗଭର୍ନିଂ ବଡି କମିଶନ ଆଣ୍ଡ ଜିବିସି ମିନିଷ୍ଟର ଫର୍ କମ୍ୟୁନିକେଶନର ସଦସ୍ୟ ଅନୁତ୍ତୋମ ପ୍ରଭୁଙ୍କ ସହ ଏ ନେଇ ନ୍ୟାଶନାଲ କମ୍ୟୁନିକେଶନ୍ସ ଡାଇରେକ୍ଟର ଯୁଧିଷ୍ଠିର ଗୋବିନ୍ଦ ପ୍ରଭୁ ଆଲୋଚନା କରିବା ପରେ ରଥଯାତ୍ରା ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିବା ମଙ୍ଗଳବାର ଏକ ପ୍ରେସ୍ ରିଲିଜ୍ ଜରିଆରେ ଭୁବନେଶ୍ୱର ଇସ୍କନ ଉପସଭାପତି ତୁକାରାମ ଦାସ ସୂଚନା ଦେଇଛନ୍ତି। ଫଳରେ ଜଗନ୍ନାଥପ୍ରେମୀଙ୍କ ମନରେ ଖୁସି ଖେଳିଯାଇଛି।

# ନନ୍ଦନକାନନ ଏକ୍ସପ୍ରେସ୍‌କୁ ଗୁଳିମାଡ଼

## ପୁରୀ ଜିଆର୍‌ପି ଥାନାରେ ମାମଲା, ରେଲୱେ ପକ୍ଷରୁ ତଦନ୍ତ ଆରମ୍ଭ



ଗୁଳିମାଡ଼ରେ ଟ୍ରେନ୍‌ର ଝରକା କାଚ ଭାଙ୍ଗିଛି।

**ଭଦ୍ରକ/ପୁରୀ,୫।୧୧ (ସନାତନ ରାଉତ/ଅଜିତ କୁମାର ମହାନ୍ତି)**

ଭଦ୍ରକ ଚରମ୍ପା ରେଳ ଷ୍ଟେଶନର ୧୧୯ ନଂ. ଗେଟ୍ ନିକଟରେ ନନ୍ଦନକାନନ ଏକ୍ସପ୍ରେସ୍‌କୁ ମଙ୍ଗଳବାର ସକାଳେ ଗୁଳିମାଡ଼ ହୋଇଛି। ୨ ରାଉଣ୍ଡ ଗୁଳିମାଡ଼ ନେଇ ଗାର୍ଡ ମହେନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ ସକାଳ ୯ଟା ୧୫ରେ ଚରମ୍ପା ଷ୍ଟେଶନରେ ପହଞ୍ଚିଥିଲା। ଷ୍ଟେଶନ ଛାଡ଼ିବା ପରେ ୧୧୯ ନଂ. ଗେଟ୍ ନିକଟରେ ସିଗ୍‌ନାଲ ଚେଞ୍ଜ୍ ସମୟରେ ଟ୍ରେନ୍‌ର ପଛରେ ଥିବା ଗାର୍ଡ ବଗି ଉପରକୁ ଜଣେ ଯୁବକ ୨ ରାଉଣ୍ଡ ଗୁଳି କରିଥିବା ଗାର୍ଡ ଦର୍ଶାଇଛନ୍ତି। ତେବେ ଗୁଳି ଗାର୍ଡଙ୍କ ଦେହରେ ବାଜି ନ ଥିବାବେଳେ ଟ୍ରେନ୍‌ର ଝରକା କାଚରେ ବାଜିବାରୁ ଭାଙ୍ଗିଯାଇଛି। ଟ୍ରେନ୍‌ଟି ନିକଟସ୍ଥ ବାଉଦପୁର ଷ୍ଟେଶନରେ ପହଞ୍ଚିବା ପରେ ଗାର୍ଡ ବେହେରା ଷ୍ଟେଶନ ମାଷ୍ଟର ଓ ଜିଆର୍‌ପି ଥାନାକୁ ଗୁଳିମାଡ଼ ବିଷୟରେ ଜଣାଇଥିଲେ। ଯାଜପୁର ରୋଡ୍ ଷ୍ଟେଶନରେ ପହଞ୍ଚିବା ପରେ ଅଭିଯୋଗ କରିଥିବା ଜଣାଯାଇଛି। ପରେ ଜିଆର୍‌ପି ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଯାଏ ଗୁଳି ମିଳି ନ ଥିବାରୁ ଗୁଳିମାଡ଼ କି ପଥର ମାଡ଼ ହୋଇଛି ଏବଂ କିଏ, କାହିଁକି ଏପରି କରିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଷ୍ଟେଶନ ମାଷ୍ଟର ସୁବାସ ଚନ୍ଦ୍ର ସାହୁ କହିଛନ୍ତି। ଏନେଇ ସମ୍ପୃକ୍ତ ଗାର୍ଡଙ୍କ ଅଭିଯୋଗ କ୍ରମେ ପୁରୀ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ରେଲୱେ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାସ୍ଥଳରୁ ନମୁନା ସଂଗ୍ରହ ଓ ପ୍ରାରମ୍ଭିକ ତଦନ୍ତ ପରେ ଗୁଳିମାଡ଼ ହୋଇଥାଇପାରେ ବୋଲି ଫରେନ୍‌ସିକ ଟିମ୍ ଅନୁମାନ କରିଛି। ଜିଆର୍‌ପି, ଆର୍‌ପିଏଫ୍, ଫରେନ୍‌ସିକ ଏବଂ ରେଲୱେ ମେକାନିକାଲ ଅଫିସରମାନଙ୍କୁ ନେଇ ମିଳିତ ଟିମ୍ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତ କ୍ରମରେ ଗାର୍ଡଙ୍କୁ ପଚରାଉଚରା ସହ ତାଙ୍କ କଲ ରେକର୍ଡ କରାଯାଇଛି। ତାଙ୍କ ବ୍ୟାଗ ମଧ୍ୟ ଯାଞ୍ଚ କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଗାର୍ଡ ବଗିକୁ ସଂରକ୍ଷିତ କରି ରଖାଯାଇଛି। ତଦନ୍ତ ରିପୋର୍ଟକୁ ରେଳ ବିଭାଗକୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ଯାହା କିଛି କହିବାର ଥିଲା, ତାହା ତଦନ୍ତରେ କହିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ଗାର୍ଡ ପ୍ରକାଶ କରିଛନ୍ତି। ଟ୍ରେନରେ ଥିବା ଗାର୍ଡମାନଙ୍କ ବୟାନକୁ ରେକର୍ଡ କରାଯାଇ ତର୍ଜମା କରାଯାଉଛି। ତେବେ ତଦନ୍ତ ଚାଲିଥିବାରୁ ସବୁ କିଛି ସାର୍ବଜନୀନ କରିବା ଠିକ ହେବ ନାହିଁ ବୋଲି ପୁରୀ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ ବାହିନୀପତି କହିଛନ୍ତି। ସେହିପରି ଫରେନସିକ ଟିମ୍ ଅଧିକାରୀ କହିଛନ୍ତି, ଭାଙ୍ଗିଥିବା କାଚଗୁଡ଼ିକର ସାମ୍ପୁଲ ନିଆଯାଇଛି। ସେଗୁଡ଼ିକର ଅନୁଧ୍ୟାନ କରାଯିବ। ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

# ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଜିଲାପାଳଙ୍କୁ ଚିଠି ଲେଖିଲା ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର,୫।୧୧ (ଅନିଲ ଦାସ)**

## ୫୭ ନୂଆ ଏନ୍‌ଏସି ପ୍ରସ୍ତାବ

ରାଜ୍ୟରେ ପ୍ରସ୍ତାବିତ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ରାଜ୍ୟ ସରକାର ୨୩ ଜିଲାରୁ ସବିଶେଷ ତଥ୍ୟ ଆହ୍ୱାନ କରିଛନ୍ତି। ଜନସଂଖ୍ୟାଠାରୁ ଆରମ୍ଭକରି ସମସ୍ତ ତଥ୍ୟ ଦେବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିବା ସହିତ ଫର୍ମାଟ ପଠାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୪ ମାର୍ଚ୍ଚରେ ୨୩ ଜିଲାରୁ ୫୭ଟି ଅଞ୍ଚଳରେ ନୂତନ ଏନ୍‌ଏସି କରିବାକୁ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଆସିଛି। ତେବେ ସମ୍ପୂର୍ଣ୍ଣ ତଥ୍ୟ ନ ଥିବାରୁ ବିଭାଗ ପକ୍ଷରୁ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରୁ ନାହିଁ। ସମ୍ପୂର୍ଣ୍ଣ ତଥ୍ୟ ପଠାଇବାକୁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଗୋଳ ଜିଲାରୁ ପାଲଲହଡା ଓ ଛେଣ୍ଡିପଦାକୁ ନୂଆ ଏନ୍‌ଏସି ମାନ୍ୟତା ଦେବାକୁ ପ୍ରସ୍ତାବ ଆସିଥିବା ବେଳେ ବଲାଙ୍ଗୀରର ଲୋଇସିଙ୍ଗା, ସିନ୍ଦେକେଲା, ସଇଁତଳା ଓ ବେଲପଡ଼ା, ବାଲେଶ୍ୱରରୁ ବସ୍ତା, ସିମୁଳିଆ, ବାଲିଆପାଳ ଓ ଖଇରା, ବରଗଡ଼ର ପାଇକମାଳ, ଭେଡେନ ଓ ସୋହେଲା, ଭଦ୍ରକର ଅଗରପଡ଼ା ଓ ଧାମରା, ବୌଦ୍ଧର କଣ୍ଟାମାଳ, ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣୀ, କଟକର ସାଲେପୁର, ବଡମ୍ବା, ନରସିଂହପୁର ଓ ନିଆଳି, ଢେଙ୍କାନାଳର ପରଜଙ୍ଗ ଓ ରାସୋଳ ଏବଂ ଗଞ୍ଜାମ ଜିଲାର କୁକୁଡାଖଣ୍ଡି ଓ ଶେରଗଡ଼କୁ ଏନ୍‌ଏସି ମାନ୍ୟତା ଦେବାକୁ ପ୍ରସ୍ତାବ ଆସିଛି। ସେହିପରି ଜଗତସିଂହପୁର ଜିଲାର କୁଜଙ୍ଗ, ଯାଜପୁରର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳାହାଣ୍ଡିର ଜୟପାଟଣା, ମଦନରାମପୁର ଓ ନର୍ଲା, କନ୍ଧମାଳର ରାଇକିଆ, ଚାନ୍ଦିଲି, ଖୋର୍ଦ୍ଧାର ବେଗୁନିଆ, ଟାଙ୍ଗୀ ଓ ବୋଲଗଡ଼, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ନୟାଗଡ଼ର କଣ୍ଟିଲୋ, ଶରଣକୁଳ, ନୂଆପଡ଼ାର ସିନାପାଲି, ପୁରୀର ସାକ୍ଷୀଗୋପାଳ କାକଟପୁର, ରାୟଗଡ଼ାର ମୁନିଗୁଡ଼ା ଓ ବିଷମକଟକ, ସମ୍ବଲପୁରର ରେଙ୍ଗାଲି ଓ ବାମରା, ସୁବର୍ଣ୍ଣପୁରର ସୁବଳୟା, ଉଲୁଣ୍ଡା, ରାମପୁର, ବୀରମହାରାଜପୁର ଓ ଡୁଙ୍ଗୁରିପାଲି ଏବଂ ସୁନ୍ଦରଗଡ଼ ଜିଲାର ବଣାଇଁକୁ ନୂଆ ଏନ୍‌ଏସି କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ମିଳିଛି।

# ୩୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ

## ଭରତପୁର ଥାନାରେ ନିର୍ଯାତନା ଘଟଣା

**ଭୁବନେଶ୍ୱର,୫।୧୧ (ସତ୍ୟଜିତ୍ ରାଉତ)**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି। ଏଥିସହ ବିଚାର ବିଭାଗୀୟ ଯାଞ୍ଚ ଚାଲିଥିବାବେଳେ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲର ସମୟସୀମା ମଙ୍ଗଳବାର ଶେଷ ହୋଇଛି। ତେବେ ୩୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଗ୍ରହଣ କରାଯାଇଥିବା ନେଇ ସୋମବାର କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ସାକ୍ଷ୍ୟ ଗ୍ରହଣ ପାଇଁ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହେବ। ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଉଥିବା ବେଳେ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯାଇ ବୟାନ ରେକର୍ଡ କରାଯିବ ବୋଲି ସଚିବ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ କମିଶନଙ୍କ ପକ୍ଷରୁ ଗତ ଅକ୍ଟୋବର ୫ରୁ ସତ୍ୟପାଠ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ସର୍ବସାଧାରଣଙ୍କ ଦାବି ପାଇଁ ସତ୍ୟପାଠ ଦାଖଲର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି, ତିଳତର୍ପଣ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ପାସିଙ୍ଗ୍ ଗିଫ୍ଟସ୍ ପକ୍ଷରୁ ଦ୍ୱିତୀୟ ସମ୍ମିଳନୀ, ସ୍ଥାନ: ଲେମନ ଟ୍ରି ହୋଟେଲ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ଟିପିସିଓଡିଏଲ୍ ଫାଟକ ସମ୍ମୁଖ, ପାୱାର ହାଉସ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଅର୍ଦ୍ଦିନିଆ ରଥଯାତ୍ରାକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସୃଜନୀ ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟନ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।

## କଟକ

- ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଓଡ଼ିଶା ପୋଲିସ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ମା'ଲୋଭି ଠାକୁରାଣୀଙ୍କ ଯାତ୍ରା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ, ସ୍ଥାନ: ମା' ବୁଢ଼ୀ ମଙ୍ଗଳାଙ୍କ ମନ୍ଦିର ପରିସର, ବିଦ୍ଧାଣିମା, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଭାଷା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଶୁଭଦର୍ଶିନୀ ଦାସଙ୍କ ଇଂଲିଶ ଗଳ୍ପ ସଂକଳନ ମେଡ୍ ମି ୱିନ୍ ପୁସ୍ତକ ଉନ୍ମୋଚନ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମାଗଣା ଗ୍ରହଣ ଖଣ୍ଡିଆ ଚିକିତ୍ସା ଶିବିର, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବହୁବିଧ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମା' ଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ପରିସର, ଜଳଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦଦାସଙ୍କ ସ୍ମୃତିସଭା, ସ୍ଥାନ: ଖଇରା ଶିକ୍ଷକସଂଘ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ଗାଁ ମଜଲିସ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସାହିତ୍ୟ ସମାରୋହ କବିତା ପାଠ ଓ ସାରସ୍ୱତ ସମ୍ବର୍ଦ୍ଧନା, ସ୍ଥାନ: ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସମ୍ମିଳନୀ, ସ୍ଥାନ: ଅଲିପୁର, ସାରଡ଼ାଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଝୋଟହଳ ପ୍ରହରୀ ନାମ ସଙ୍କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ପଶ୍ଚିମସାହି ସାର୍ଥା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ୍ ଲିଗ୍ ନିମନ୍ତେ ଖେଳାଳି ଅକ୍ସନ୍, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଦିବଂଗତ ସାହିତ୍ୟିକ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତିସଭା, ସ୍ଥାନ: ପତ୍ରୁଆଁପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମହାସଂସ୍କୃତି ଜାଗରଣ ଯାତ୍ରାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚରମ୍ପା ରେଲୱେ ପ୍ଲାଟଫର୍ମ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପ୍ରଧାନ ଶିକ୍ଷକ ମଧୁସୂଦନ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବଡ଼ମସିଣିବିଲା ପଞ୍ଚାୟତ ହାଇସ୍କୁଲ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଭସାଣି ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- କୃଷି ଯନ୍ତ୍ରପାତି ମେଳା ଆୟୋଜନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବ୍ଲକସ୍ତରୀୟ ନିଯୁକ୍ତି କାଉନ୍‌ସେଲିଂ, ସ୍ଥାନ: ମୋରଡା ବ୍ଲକ କନଫରେନ୍ସ ହଲ, ଚିତ୍ରଡା, ସମୟ : ପୂର୍ବାହ୍ନ ୧୦ଟା୩୦ ରୁ ଅପରାହ୍ନ୧ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ:କୁମାର୍ସ କ୍ଲବ ଭଞ୍ଜପୁର,ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ଆସିକା ସମବାୟ ଚିନିଶିଳ୍ପର ବାର୍ଷିକ ସାଧାରଣ ସଭା, ସ୍ଥାନ: ଚିନିଶିଳ୍ପ କୃଷକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ସୁରଭି ଓ କଳା ଉତ୍ସବ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ନାଟକ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ମନସା ଦେବୀଙ୍କ ପୂଜାସୋବ, ସ୍ଥାନ: ଜାଲକଣା ମହାକାଳପଡ଼ା, ସମୟ- ସକାଳ ୯ଟା।
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଦକ୍ଷିଣ ଶ୍ୟାମାକାଳୀ ପୂଜା ଉପଲକ୍ଷେ ଗହୀରମଥା ମହୋତ୍ସବ, ସ୍ଥାନ:ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଚଣ୍ଡୀଦେବୀ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପାୟଲ ମ୍ୟୁଜିକର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଜକନିକା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ ଦିପୁ କିଙ୍ଗ୍ ସହ ଇସାନ ରୟାଲ,ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ:ବଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ଟିଟିଲାଗଡ଼ର ନିୟୁ ଲାଇଫ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଳୀ ପୂଜା ମେଲୋଡି ଛକ, ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦।

## କୋରାପୁଟ

- କୋରାପୁଟ ଜିଲାପରିଷଦ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ହୀରାଖଣ୍ଡ ନାଗରିକ ପରିଷଦର ୩୪ତମ ପ୍ରତିଷ୍ଠା ଦିବସ, ସ୍ଥାନ : ପୂର୍ବାହ୍ନ ୧୦ଟା୧୫।
- କ୍ରୀଷ୍ଣା ଆଦିବାସୀ କ୍ଲବ ଆୟୋଜିତ ୨୯ତମ ତ୍ରିବିସୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ : ଏସଏମସି ଅର୍ନ୍ତଗତ ନିର୍ଗୁଣପଡା ଖେଳପଡିଆ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁର ଲିଟିଲ ମିସ ଓ ମାଷ୍ଟର ଫାଇନାଲ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା।
- .ରାତ୍ରକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାପାଳଙ୍କ ଧାନ ଅମଳ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଅଗଲାପାଲି,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ ଟା।

## ସୁବର୍ଣ୍ଣପୁର

- ଅଖଣ୍ଡ ନାମଯଜ୍ଞର ଊନବିଂଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପଠନର ଚତୁର୍ଥ ଦିବସ, ସ୍ଥାନ: ତିକୁଡା ରାମ ମନ୍ଦିର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ୨୧ତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ,ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, କିରେଇ,ସମୟ: ପୂର୍ବାହ୍ନ୧୦ଟା୩୦।

## ରାଉରକେଲା

- ଛଟ୍ ପର୍ବ ପାଇଁ ଖରନା ପାଳି, ସ୍ଥାନ ଝିରପାଣି, ସମୟ: ସକାଳ ୯ଟା।
- ୪ର୍ଥ ଦିବସ ପୁସ୍ତକମେଳା, ସ୍ଥାନ: ସେକ୍ଟର-୧୪, ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼

- ମା' କାଳୀଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- ଚାଷ ଜମିରେ ଜଳ ଯୋଗାଣ ତଥା ସୁବିଧା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ବାରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ବୈଷୟିକ ପରିଚାଳନା ସଂସ୍ଥା ଆନୁକୂଲ୍ୟରେ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ ବଡ଼ ଡ଼ଙ୍ଗାଘାଟ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ରିଆମାଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- କାର୍ଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିସର୍ଜନ, ସ୍ଥାନ: ମଣ୍ଡପରୁ ନଗର ପରିକ୍ରମା, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି ଓ ଡ୍ୟାନ୍ସ ଗ୍ରୁପ୍ କଟକ, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ୯ଟା।
- ସିନିୟର ମ୍ୟାନ ଇଣ୍ଡ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।

## ନୂଆପଡ଼ା

- ମହିଳା ଓ ପୁରୁଷ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁଡ଼ାତାଳ ଗାଁ ନବଜ୍ୟୋତି ସ୍ପୋର୍ଟସ କ୍ଲବ ଖେଳପଡିଆ, ସମୟ: ସକାଳ ୯ଟା।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ସକାଳ ୭ଟା।

## ବୌଦ୍ଧ

- କରଡ଼ି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଅବସରରେ କଳସ ଯାତ୍ରା, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା , ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଅର୍ଥାଭାବ ହେତୁ ଅଟକି ରହିଥିବା କାମଗୁଡ଼ିକ ସଂପୂର୍ଣ୍ଣ ନ ହୋଇପାରେ।

**ବୃଷ** ଘର ସକାଶେ, ଜମିଜମା କ୍ରୟ ହେତୁକ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କ୍ରୀଡ଼ା, ସଙ୍ଗୀତ, କଳା କିମ୍ବା ସାହିତ୍ୟ ଚର୍ଚ୍ଚାଦିରେ ସଫଳତା ପାଇପାରିବେ। ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତିଜନିତ କୌଣସି କାମ ସୁବିଧାରେ ହେବ ନାହିଁ। ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକରେ ଉପଯୁକ୍ତ ଭାବେ ଫଳ ପାଇପାରିବେ।

**କର୍କଟ** ଲାଭସ୍ଥାନରେ ବୃହସ୍ପତି ରହିଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହି ପାରିଲେ ହିଁ ସୁଫଳ ପାଇବେ।

**ସିଂହ** ଶୁକ୍ର କେନ୍ଦ୍ରସ୍ଥାନରେ ବୁଧଙ୍କ ସହ ରହିଥିବାରୁ ଭୋଗବିଳାସ ଦିଗକୁ ସ୍ୱତଃ ମନ ଟାଣିହେବ। ଆଜି ବନ୍ଧୁଙ୍କ ସହାୟତାରେ ବିଭିନ୍ନ ସୂତ୍ରରୁ ଅର୍ଥଲାଭର ଯୋଗ ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

**କନ୍ୟା** ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଆର୍ଥିକ ଉନ୍ନତି, କାର୍ଯ୍ୟସିଦ୍ଧିଜନିତ ଉତ୍‌ଫୁଲ୍ଲିତ ରହିବେ। ଶନିଙ୍କ ସ୍ଥିତିଜନିତ ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯାଇପାରେ। ଅବଶ୍ୟ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା** ରାଶିରେ ବଳହୀନ ରବିଙ୍କ ଯୋଗୁ ପାଇବାକୁଥିବା ଜିନିଷ ମିଳିବା କଷ୍ଟକର ହେବ। ଶୁକ୍ରଙ୍କ ପ୍ରଭାବରେ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରଖିବା ସହ ଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିବ। ଖଳ ଲୋକଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ପ୍ରଚାର ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି।

**ବିଛା** ବୃହସ୍ପତିଙ୍କ ସୁପ୍ରଭାବରେ ନୂଆ, ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗିରହିବ। ଗତକାଲିଠାରୁ ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** ଷଷ୍ଠସ୍ଥ ଗୁରୁଜନିତ ସ୍ୱାସ୍ଥ୍ୟ ଓ କର୍ମହାନି ସଙ୍ଗକୁ ବିବାଦୀୟ ସ୍ଥିତି ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପାରିବାରିକ ସମସ୍ୟା ସୁଧାରି ନେବାରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ସପ୍ତମାଧିପତି ଚନ୍ଦ୍ର କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନରେ ଭାବାନ୍ତର ସୃଷ୍ଟି କରିବ। ମଙ୍ଗଳଙ୍କ ଦୁର୍ବଳତାରୁ ସ୍ୱାସ୍ଥ୍ୟ ବିଗିଡ଼ିପାରେ କିନ୍ତୁ ବିଶେଷ ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ଟେନସନ୍ ଲାଗି ରହିପାରେ।

**କୁମ୍ଭ** ରାଶ୍ୟାଧିପତି ନିଜ ରାଶିରେ ଥିବାରୁ ପ୍ରତ୍ୟେକ ଦିଗରୁ ଦିନଟି ଭଲରେ ଅତିବାହିତ ହେବ। ପିଲାଙ୍କର କିଛି ସମସ୍ୟା ଓ ପରିବାରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ବୃହସ୍ପତି ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏକାଧାରେ ଅର୍ଥ, ସମ୍ମାନ ବିଭିନ୍ନ କ୍ଷେତ୍ରରୁ ଲାଭ କରିବାର ସୁଯୋଗ ପାଇବେ। ବନ୍ଧୁ ମିଳନ ସଙ୍ଗକୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନାଦି ମଧ୍ୟ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

ଆଜି ନଭେମ୍ବର ୬ ତାରିଖ, କାର୍ତ୍ତିକ ଶୁକ୍ଳ ୫ମୀ ବୁଧବାର, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୫୯ମି. ମି, ଗତେ ପୂର୍ବାଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ମି. ଗତେ ଘ.୦୮.୦୮ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଘରୋଇ ସମ୍ପତ୍ତି...

୩୯ବିରେ ବ୍ୟବହୃତ ସମ୍ପତ୍ତି ଅଧୀନରେ ଘରୋଇ ସମ୍ବଳ ଆସୁଛି କି? ସୈଦ୍ଧାନ୍ତିକ ଦୃଷ୍ଟିକୋଣରୁ ଏହାର ଉତ୍ତର ହଁ। ତେବେ ରଙ୍ଗନାଥ ରେଡ୍ଡୀଙ୍କ ମାମଲାରେ ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ସଂଖ୍ୟାଲଘୁ ଦୃଷ୍ଟିକୋଣକୁ ସୁପ୍ରିମକୋର୍ଟ ଗ୍ରହଣ କରିପାରିବେ ନାହିଁ। ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିବା ପ୍ରତ୍ୟେକ ସମ୍ବଳକୁ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ରୂପେ ବ୍ୟବହାର କରାଯାଇପାରିବ ନାହିଁ। ପ୍ରକାଶ ଯେ, ୧୯୭୮ରେ ସୁପ୍ରିମକୋର୍ଟଙ୍କ ୭ ଜଣିଆ ଖଣ୍ଡପୀଠ ୪:୩ ସଂଖ୍ୟାଗରିଷ୍ଠ ରାୟରେ କହିଥିଲେ, ଘରୋଇ ମାଲିକାନାରେ ଥିବା ସବୁ ସମ୍ପତ୍ତି ଭୌତିକ ସମ୍ବଳର ପଦବାଚ୍ୟ ନୁହେଁ। ତେବେ ଜଷ୍ଟିସ୍ ଆୟାର ଉଭୟ ସରକାରୀ ଓ ଘରୋଇ ସମ୍ବଳକୁ ସମ୍ବିଧାନର ଅନୁଚ୍ଛେଦ ୩୯(ବି) ଅନୁଯାୟୀ ଭୌତିକ ସମ୍ବଳ ଅଧୀନରେ ଆସୁଥିବା ଦର୍ଶାଇଥିଲେ। ତେବେ ସଦ୍ୟ ରାୟରେ ଜଷ୍ଟିସ୍ ନାଗରତ୍ନା ଜଷ୍ଟିସ୍ ଆୟାରଙ୍କ ସମ୍ପର୍କିତ ସିଜେଆଇଙ୍କ ଆଭିମୁଖ୍ୟ ଉପରେ ଅସହମତି ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ 'ସମାଜବାଦୀ' ଶବ୍ଦକୁ ଯୋଡ଼ାଯାଇଥିଲା। ସେହି ଦୃଷ୍ଟିରୁ ରାୟ ଦେଇଥିବା ଜଣେ ପୂର୍ବତନ ବିଚାରପତିଙ୍କୁ ଆମେ ଭର୍ତ୍ସନା କରିପାରିବା କି ବୋଲି ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ହୃଷୀକେଶ ରାୟ, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ର, ରାଜେଶ ବିନ୍ଦାଲ, ସତୀଶ ଚନ୍ଦ୍ର ଶର୍ମା ଏବଂ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ପାଇଁ ସିଜେଆଇ ଚନ୍ଦ୍ରଚୂଡ଼ ୧୯୩ ପୃଷ୍ଠା ସମ୍ବଳିତ ରାୟ ଲେଖିଥିବାବେଳେ ଜଷ୍ଟିସ୍ ଧୂଳିଆ ସମସ୍ତ ପ୍ରସଙ୍ଗରେ ଭିନ୍ନମତ ଦେଇଛନ୍ତି। ସଂଖ୍ୟାଗରିଷ୍ଠ ରାୟ ସମ୍ପତ୍ତି ଓ ସମ୍ବଳ ବଣ୍ଟନ ସମ୍ପର୍କିତ ଆଇନକୁ ବହୁଳ ଭାବେ ପ୍ରଭାବିତ କରିପାରେ। ବିଶେଷକରି ମହାରାଷ୍ଟ୍ରରେ ଲୋକଙ୍କ ପ୍ରତି ବିପଦ ସୃଷ୍ଟିକାରୀ ପୁରୁଣା କୋଠାଗୁଡ଼ିକର ସଂରକ୍ଷଣ ଏକ ବୃହତ୍ ପ୍ରସଙ୍ଗ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

## ଆୟ ଅସମାନତା...

ବ୍ୟବଧାନ ଏବେ ମଧ୍ୟ ପ୍ରବଳ ରହିଛି। ତେଣୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୮ ଓ ୩୯ ଉପରେ ପର୍ଯ୍ୟବସିତ ସିଦ୍ଧାନ୍ତକୁ ତ୍ୟାଗ କରିଦେବା ବିଜ୍ଞତା ନୁହେଁ। ୧୯୭୭ରେ ରଙ୍ଗନାଥ ରେଡ୍ଡୀ ମାମଲାରେ ଉକ୍ତ ୨ ଅନୁଚ୍ଛେଦ ଆଧାରରେ ୩ ବିଚାରପତି ରାୟ ଦେଇଥିଲେ। ତେଣୁ ସଂଖ୍ୟାଗରିଷ୍ଠ ରାୟକୁ ସେ ଗ୍ରହଣ କରିପାରୁନାହାନ୍ତି। ଏହାଦ୍ୱାରା ବ୍ୟବସ୍ଥାପିକାର ହାତ ବାନ୍ଧି ହୋଇଯିବ କହି ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ରାୟକୁ ମାନବବାଦୀ ଓ ସମାନତା ପାଇଁ ଉଦ୍ଦିଷ୍ଟ ଥିବା ପ୍ରକାଶ କରିଛନ୍ତି।

## ସ୍କୁଲରେ ଅଗ୍ନି...

ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ସଂଖ୍ୟା.୨୮୫୮୭/ ୨୫।୯।୨୦୨୪ରେ ନିର୍ଦ୍ଧାରିତ ଅବଧି ୩୦ ଦିନ ମଧ୍ୟରେ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେସୁଦ୍ଧା କୌଣସି ଜିଲା ଶିକ୍ଷା ଅଧିକାରୀ ତଥ୍ୟ ପ୍ରଦାନ କରିବାରେ ସମର୍ଥ ହୋଇନାହାନ୍ତି। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ଏବେ ପ୍ରଥମ ଅପିଲ କରିଛନ୍ତି।

ସୂଚନା ଅନୁସାରେ, ୨୦୨୨ରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରୀକରଣ କରିବା ଲକ୍ଷ୍ୟରେ ତତ୍କାଳୀନ ସରକାର ବିଦ୍ୟାଳୟ ପିଛା ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ଯେଉଁଠାରେ ଅଧିକ ଖର୍ଚ୍ଚ ଦରକାର, ସେଠାରେ ଗ୍ରାମପଞ୍ଚାୟତ ପାଣ୍ଠି, ଏମ୍‌ପି ଓ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଭରଣା କରାଯିବ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିଲା। ଏହିସବୁ ବିଦ୍ୟାଳୟରେ ଅତ୍ୟାଧୁନିକ ବୈଦ୍ୟୁତିକ ଯନ୍ତ୍ରାଂଶ ଲଗାଯାଇଛି। ନିୟମ ଅନୁଯାୟୀ, ୫-ଟି ସରକାରୀ ବିଦ୍ୟାଳୟରେ ଅଗ୍ନି ନିର୍ବାପନ ଯନ୍ତ୍ର ସହିତ ବାଲିକୁଣ୍ଡ ରଖିବା କଥା। ଏହି କାର୍ଯ୍ୟ ସରକାର ପାଳନ କରିଛନ୍ତି କି ନାହିଁ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ତଥ୍ୟ ମଗାଯାଇଥିଲା। ହେଲେ ଏନେଇ କୌଣସି ସୂଚନା ସରକାରଙ୍କ ପାଖରେ ନାହିଁ ବୋଲି ବିଭାଗୀୟ ଅନୁଶାସନ ସଚିବ ବଳରାମ ସିଂହ ପତ୍ର ସଂଖ୍ୟା ୧୫୬୨୫/ଏସ୍‌ଏମ୍‌ଇ/୨୮।୬।୨୦୨୪ରେ ପ୍ରଥମେ ଜଣାଇଥିଲେ। ରାଜ୍ୟର କଟକ ଜିଲାର ସୂଚନା ସମ୍ପର୍କରେ ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କୁ ପଚାରିବାରୁ, ସେ ପ୍ରଥମେ କୌଣସି ମତ ଦେବାକୁ ମନା କରିଥିଲେ ମଧ୍ୟ ପରେ ବିଦ୍ୟାଳୟଗୁଡ଼ିକରୁ ତଥ୍ୟ ସଂଗ୍ରହ କରି ଦିଆଯିବ ବୋଲି କହିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି, ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଡୁମୁରା ସରଗୁଜିଷାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି, ସୁନ୍ଦରଗଡ଼ ଜିଲାରେ କେବଳ ୨୧ଟି ମିଶନାରି ଓ ଘରୋଇ ପରିଚାଳନାରେ ପରିଚାଳିତ ବିଦ୍ୟାଳୟରେ ଏହି ବ୍ୟବସ୍ଥା ନାହିଁ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଏହି ସବୁ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବା ପାଇଁ ସ୍ଥିର ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ସେହିପରି ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ଏମ୍‌କେରାଇ ଗ୍ରାମର ଡ. ଗିରିଧର ହାଇସ୍କୁଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କଟକ ସଦର ବ୍ଲକ ଅନ୍ତର୍ଗତ ରାମକୁମାର ପୁରସ୍ଥିତ ନାହାକାଣୀ ଉଚ୍ଚ ବିଦ୍ୟାଳୟ ଓ ଧରିଣା ଉଚ୍ଚବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିଲେ ସୁଦ୍ଧା ଏଠାରେ ସରକାରଙ୍କ ପକ୍ଷରୁ ଆଜି ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ଯନ୍ତ୍ର ଯୋଗାଇ ଦିଆଯାଇ ନାହିଁ। ଏଠାରେ କେବଳ ଶିକ୍ଷକମାନଙ୍କୁ କେବଳ ଦରମା ମିଳେ, ଆଉ କିଛି ସାହାଯ୍ୟ ନାହିଁ ବୋଲି ଜଣେ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ନବୀକରଣ ପାଇଁ ୫-ଟି ଯୋଜନାରେ ବ୍ୟାପକ ଅର୍ଥ ବ୍ୟୟ କରାଯାଇଥିଲା। ଏଠାରେ ଅଧ୍ୟୟନ କରୁଥିବା ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ନିମନ୍ତେ ଶିକ୍ଷା ଗ୍ରହଣ ନିମନ୍ତେ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ହେଲେ ଏହି କମ୍ପ୍ୟୁଟର ହଲ୍ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାବେଳେ କେବଳ ବନ୍ଦ ଘର ଭିତରେ କମ୍ପ୍ୟୁଟର ସାମଗ୍ରୀ ପଡ଼ି ରହିଛି। ସେହିଭଳି ଗୋପବନ୍ଧୁନଗର ବ୍ଲକ ଅଧୀନ ଜୟପୁର ପଞ୍ଚାୟତର ଯଇଦା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ଏଠାରେ କମ୍ପ୍ୟୁଟର ହଲ୍ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି।

## ୨୫ରୁ ପାର୍ଲାମେଣ୍ଟର...

ଆଶଙ୍କା କରାଯାଉଛି। ଶୀତ ଅଧିବେଶନ ଡାକିବା ପାଇଁ କେନ୍ଦ୍ର ସରକାରଙ୍କ ସୁପାରିସକୁ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ନଭେମ୍ବର ୨୬ରେ ଉଭୟ ଗୃହର ମିଳିତ ଅଧିବେଶନ ବସିବ। ୧୯୪୯ରେ ସମ୍ବିଧାନ ଗୃହୀତ ହୋଇଥିବା ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ଏହି ମିଳିତ ଅଧିବେଶନ ଅନୁଷ୍ଠିତ ହେବ।

## ଆରଡିସିସ୍ତରୀୟ ତଦନ୍ତ...

ଫୁଡ୍ ପଏଜନିଂ କାରଣରୁ ମୃତ୍ୟୁ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟ ଆକ୍ରାନ୍ତଙ୍କୁ ସରକାରୀସ୍ତରରେ ଚିକିତ୍ସା ଯୋଗାଇ ଦିଆଯାଉଛି।

କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଡାକ୍ତରୀଦଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ନଭେମ୍ବର ୧ ତାରିଖରେ ସେହି ଗାଁକୁ ଯାଇ ତଦନ୍ତ କରିଥିଲେ। ସମସ୍ତ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇ ତୁରନ୍ତ ଚିକିତ୍ସା କରାଯାଇଥିଲା। ସେଠାରେ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଥିଲା। ଆକ୍ରାନ୍ତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଆକ୍ରାନ୍ତ ବ୍ୟକ୍ତିମାନେ ନିଜର ନିୟମିତ ଖାଦ୍ୟ ଭାବେ ପଖାଳ ଓ ଆମ୍ବଟାକୁଆ ଜାଉ କରି ଖାଇଥିଲେ। ଫୁଡ୍ ପଏଜନିଂ କାରଣରୁ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜିଲା ପ୍ରଶାସନ ଓ ଡାକ୍ତରୀ ଦଳ ଯାଞ୍ଚ ପରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ୩୦ହଜାର ଟଙ୍କା ଓ ଚିକିତ୍ସାଧୀନ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି।

ତେବେ ଏହି ଘଟଣାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୃତକଙ୍କ ପରିବାର ଚାଉଳ ନ ପାଇବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜେଡି ଅଭିଯୋଗ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଏହି ଘଟଣାରେ ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟି ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି କରିଛି।

## ମହିଳା କହି ସ୍ୱର୍ଣ୍ଣ...

ଓଡିଆ ଲିକ୍ ହୋଇଥିବା ଏହି ରିପୋର୍ଟକୁ ଶେୟାର କରିଛନ୍ତି। ଆଲଜେରିଆର ହସ୍ପିଟାଲ ମହମ୍ମଦ ଲାମିନ୍ ଡେବାଘିନ୍ ଓ ଫ୍ରାନ୍ସର କ୍ରେମଲିନ୍ ବିସେଟ୍ରି ହସ୍ପିଟାଲର ମିଳିତ ସହଯୋଗରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଖେଲିଫ୍ ୫-ଆଲ୍‌ଫା ଡେଫିସିଏନ୍ସିରେ ଆକ୍ରାନ୍ତ ବୋଲି ମଧ୍ୟ ଏହି ରିପୋର୍ଟରେ ଦର୍ଶାଯାଇଛି।

### ୫-ଆଲ୍‌ଫା ଡେଫିସିଏନ୍ସି କ'ଣ

ସାଧାରଣତଃ ପୁରୁଷଙ୍କ ନିକଟରେ ଏହି ସମସ୍ୟା ଦେଖାଦେଇଥାଏ। ଏହା ଏକ ଜେନେଟିକ୍ ସଂକ୍ରମଣ, ଯାହା କାରଣରୁ ପୁରୁଷ ଭାବରେ ଜନ୍ମ ନେଇଥିଲେ ମଧ୍ୟ ଯୌନାଙ୍ଗ ବିକଶିତ ହୋଇ ନ ଥାଏ। ଏପରିକି ଯୌନାଙ୍ଗ ଭିନ୍ନ ଆକାରରେ ମଧ୍ୟ ଦେଖିବାକୁ ମିଳିଥାଏ। ମୁଖ୍ୟତଃ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ହୋଇଥିଲେ ଜନ୍ମିତ ଶିଶୁ ଏଭଳି ଜେନେଟିକ୍ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ଅଧିକ ରହିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସମସ୍ୟାରେ ପୀଡ଼ିତ ଥିବା ଖେଲିଫ୍‌ଙ୍କୁ ହରମୋନ୍ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଇମେନ୍ ଖେଲିଫ୍ ପୁରୁଷ କି ମହିଳା ଏହା ଉପରେ ପ୍ରଥମ ଥର ପ୍ରଶ୍ନ ୨୦୨୩ରେ ଉଠିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କୁ ଅଂଶଗ୍ରହଣର ସୁଯୋଗ ମିଳି ନ ଥିଲା। ଏହାକୁ ନେଇ ବିବାଦ ଜାରି ରହିଥିଲେ ମଧ୍ୟ ତାଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ସେ ସମୟରେ ଏହି ନିଷ୍ପତ୍ତିକୁ ବିରୋଧ ମଧ୍ୟ କରାଯାଇଥିଲା। ଇଟାଲୀର ଆଞ୍ଜେଲା କାରିନିଙ୍କ ବିପକ୍ଷ ମ୍ୟାଚ୍‌କୁ ରେକର୍ଡ ୪୬ ସେକେଣ୍ଡରେ ଜିତିଥିଲେ ଖେଲିଫ୍। ଖେଲିଫ୍‌ଙ୍କ ପଞ୍ଚ୍ ଆଗରେ କାରିନି ତିଷ୍ଠି ପାରି ନ ଥିବା ବେଳେ ଏଭଳି ପଞ୍ଚର ସମ୍ମୁଖୀନ ସେ ଜୀବନରେ କେବେ ହୋଇ ନ ଥିବା ମଧ୍ୟ କହିଥିଲେ। ସୋସିଆଲ ମିଡିଆରେ ମହିଳା ଭାବରେ ଖେଲିଫ୍‌ଙ୍କ ଅଂଶଗ୍ରଗହଣକୁ ବିରୋଧ କରାଯାଇଥିଲା। ତେବେ ବିଭିନ୍ନ ଏଲ୍‌ଜିବିଟିକ୍ୟୁ+ ସମୁଦାୟ ପକ୍ଷରୁ ଖେଲିଫ୍‌ଙ୍କ ସମର୍ଥନ କରାଯାଇଥିଲା। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ(ଆଇବିଏ) ପକ୍ଷରୁ ଖେଲିଫ୍‌ଙ୍କୁ ବାସନ୍ଦ କରାଯାଇଥିବା ବେଳେ ଆଇଓସି ଏହାକୁ ହଟାଇଥିଲା। ଆଇବିଏ ଶରୀରରେ ହରମୋନ୍ ସ୍ତର ଓ ଟ୍ରାନ୍ସ ଆଥଲେଟଙ୍କ ପାଇଁ ରହିଥିବା ନିୟମ ଅନୁସାରେ ନିଷ୍ପତ୍ତି ନେଇଥାଏ। ତେବେ ଆଇଓସି ୨୦୧୬ରୁ ରହିଥିବା ଅଲିମ୍ପିକ୍ସ ନିୟମ ଅନୁସାରେ କେବଳ ପାସପୋର୍ଟରେ ରହିଥିବା ଲିଙ୍ଗଗତ ପରିଚୟକୁ ଦୃଷ୍ଟିରେ ରଖିଥାଏ। ତେଣୁ ଖେଲିଫ୍‌ଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳିଥିଲା ଏବଂ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ତାଙ୍କର ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ବିଭିନ୍ନ ମହଲରୁ ଦାବି ଉଠିବା ଆରମ୍ଭ ହୋଇଯାଇଛି।

## ହତ୍ୟା ଅଭିଯୁକ୍ତଙ୍କୁ...

ସନ୍ଦେହ କରିଥିଲା। ଚରଗାଁ ଥାନା ଇନ୍‌ସପେକ୍ଟର ଅଭିଷେକ ପ୍ୟାସି କହିଛନ୍ତି, ହତ୍ୟାର ଗୋଟିଏ ଦିନ ପୂର୍ବରୁ ମନୋଜଙ୍କୁ ଶେଷଥର ପାଇଁ ତାଙ୍କ ପୁତୁରା ଧରମ ଠାକୁରଙ୍କ ସହ ଚରଗାଁର ଏକ ବଜାରରେ ଦେଖିବାକୁ ମିଳିଥିଲା। ସେତେବେଳେ ଉଭୟ ମଦ ଏବଂ ଚିକେନ କିଣୁଥିବା ନେଇ ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା ବୋଲି ଅଭିଷେକ କହିଛନ୍ତି।

ସିସିଟିଭି ଫୁଟେଜ୍ ଆଧାରରେ ଧରମଙ୍କ ଉପରେ ପୋଲିସର ସନ୍ଦେହ ବଢ଼ିଥିଲା। ସୋମବାର ପୋଲିସ ଧରମଙ୍କୁ ଏହି ହତ୍ୟା ମାମଲାରେ ଜେରା କରିଥିଲା। ଜେରା ସମୟରେ ହତ୍ୟା ଦିନ ଦାଦା ମନୋଜଙ୍କ ସହ ମିଶି ଦେଓରି ତାପରିଆ ଗ୍ରାମର ଚାଷଜମିରେ ମଦ ଓ ଚିକେନର ପାର୍ଟି କରିଥିବା ନେଇ ଧରମ ସ୍ୱୀକାର କରିଥିଲା। ହେଲେ ସେ ଉକ୍ତ ପାର୍ଟିରେ କୌଣସି ବିବାଦ କିମ୍ବା ମାରପିଟ ହୋଇଥିଲା ବୋଲି ମାନି ନ ଥିଲା। ପଚରାଉଚରାବେଳେ ଧରମ ପିନ୍ଧିଥିବା ଶାର୍ଟରେ ବାରମ୍ବାର ମାଛି ଆସି ବସୁଥିବା ନେଇ ପୋଲିସ ଦେଖିବାକୁ ପାଇଥିଲା। ଫଳରେ ତାଙ୍କ ଶାର୍ଟରେ ରକ୍ତଛିଟା ଲାଗିଥିବାର ପୋଲିସ ସନ୍ଦେହ କରିଥିଲା। ତେଣୁ ପୋଲିସ ଧରମଙ୍କ ଶାର୍ଟ କାଢ଼ି ଏହାର ଫରେନ୍ସିକ୍ ଯାଞ୍ଚ କରାଇଥିଲା। ଫରେନ୍ସିକ ରିପୋର୍ଟରେ ଧରମଙ୍କ ଶାର୍ଟରେ ଥିବା ରକ୍ତଛିଟାର ଦାଗ ହତ୍ୟାକାଣ୍ଡ ଘଟାଇଥିବା ଠେଙ୍ଗାର ରକ୍ତଦାଗ ସହ ମେଳ ଖାଇଥିଲା। ଏହି ପ୍ରମାଣକୁ ଆଧାର କରି ପୋଲିସ ମଙ୍ଗଳବାର ଧରମକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଦ ଏବଂ ଚିକେନ ପାର୍ଟି ସମୟରେ ମନୋଜ ନିଜ ପୁତୁରା ଧରମଙ୍କୁ କିଛି ଅର୍ଥ ଉଧାରରେ ମାଗିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଟଙ୍କା ଦେଣନେଣକୁ ନେଇ ବିବାଦ ଦେଖାଦେଇଥିଲା ଓ ଧରମ କ୍ରୋଧାନ୍ୱିତ ହୋଇ ଦାଦା ମନୋଜଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ ଏବଂ ଘଟଣାସ୍ଥଳରୁ ଖସି ପଳାଇଥିଲେ ବୋଲି ଜବଲପୁର ଗ୍ରାମୀଣ ଏଏସ୍‌ପି ସୋନାଲି ଦୁବେ କହିଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ଗୋଲ୍ଡି ଦାସ, ଅଭିନେତା



ପ୍ରୀତମ ନାୟକ, ଫ୍ୟାଶନ ଡିଜାଇନର



ସବିଶେଷ ମିଶ୍ର, କଣ୍ଠଶିଳ୍ପୀ



ରାଲି ନନ୍ଦ, ଅଭିନେତ୍ରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ



ପ୍ରଗତି ସାଇନ୍ସ ହାୟର ସେକେଣ୍ଡାରି ସ୍କୁଲ, ଭବାନୀପାଟଣା



ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା



ପାର୍ବତୀଗିରି ମହିଳା ମହାବିଦ୍ୟାଳୟ, ବରଗଡ଼

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ବୁଧବାର, ୬ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# 'ଜଳ, ଜଙ୍ଗଲ, ଜମିର ସୁରକ୍ଷା ପାଇଁ ଜାରି ରହିବ ଲଢ଼େଇ'



ମାଳି ପର୍ବତ ସୁରକ୍ଷା ସମିତି ପକ୍ଷରୁ କରାଯାଉଥିବା ଜନସମ୍ପର୍କ ପଦଯାତ୍ରା।

### ପୁଣି ତେଜୁଛି ମାଳି ପର୍ବତ ସୁରକ୍ଷା ଆନ୍ଦୋଳନ

ସେମିଳିଗୁଡ଼ା/ସୁନାବେଡ଼ା,୫।୧୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କିଛିଦିନ ବ୍ୟବଧାନ ପରେ ମାଳି ପର୍ବତ ସୁରକ୍ଷା ଆନ୍ଦୋଳନ ପୁଣି ତେଜିଛି। ଜଳ,ଜଙ୍ଗଲ, ଜମିର ସୁରକ୍ଷାକୁ ଦୃଷ୍ଟିରେ ରଖି ମାଳି ପର୍ବତ ସୁରକ୍ଷା ସମିତି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସୋମବାର ଆରମ୍ଭ ହୋଇଛି। ସୁରକ୍ଷା ସମିତି ଉପଦେଷ୍ଟା ଦାସୀ ନନ୍ଦବାଲି,ସଭାପତି ବିଜୟ ଖିଲ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ଖିଲ ଓ ଦଳେଇଗୁଡ଼ା ସରପଞ୍ଚ ପ୍ରତିନିଧି ମଙ୍ଗୁଟୁ ଜାନୀଙ୍କ ଆହ୍ୱାନରେ ଏହି ପଦଯାତ୍ରା ଆରମ୍ଭ ହୋଇଛି। ସେମିଳିଗୁଡ଼ା ବ୍ଲକ୍ ପାକଖୋଲା ପଞ୍ଚାୟତ ଆଲି ଗାଁରୁ ଆରମ୍ଭ ହୋଇଥିବା ପଦଯାତ୍ରା ସୋରିଷପଦର ପଞ୍ଚାୟତ ଡେକାପାର ଗାଁରେ ଏକ ମହାସମାବେଶ ମାଧ୍ୟମରେ ଗୁରୁବାର ଶେଷ ହେବ ବୋଲି ସୁରକ୍ଷା ସମିତି ସଭାପତି ଖିଲ କହିଛନ୍ତି। ହିଣ୍ଡାଲ୍‌କୋ କମ୍ପାନୀ ଦ୍ୱାରା ପ୍ରଭାବିତ ଅଞ୍ଚଳ ନଷ୍ଟ ହେଉଥିବା ବେଳେ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ପାଇଁ ଅହରହ ଲଢେଇ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ମାଳି ପର୍ବତ ଓଡ଼ିଶାର ସର୍ବୋଚ୍ଚ ଗିରିଶୃଙ୍ଗ ଦେଓମାଳି ପର୍ବତର ଗୋଟିଏ ଅଙ୍ଗ ବୋଲି ସମିତି ଉପଦେଷ୍ଟା ନନ୍ଦିବାଲି କହିଛନ୍ତି। ଏହା ଭିତରେ ସବୁଠୁ ବଡ଼ ଗୁମ୍ଫା ରହିଛି ଏବଂ ସେଠାରେ ମା'ପାକୁଳି ପୂଜା ପାଉଛନ୍ତି। ତେଣୁ ସରକାର ଦେଓମାଳିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହ ଗୁରୁତ୍ୱ ଦେବା ଭଳି ମାଳି ପର୍ବତରେ ଥିବା ପ୍ରାଚୀନ ଗୁମ୍ଫାକୁ ମଧ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଅଞ୍ଚଳର ବିକାଶ କରନ୍ତୁ। ଏଥିସହ ପେସା ଆଇନ ଓ ୧୯୫୬ ରେଗୁଲେଶନ ୨କୁ କାର୍ଯ୍ୟକାରୀ କରନ୍ତୁ। ୨୦୦୬ ଜଙ୍ଗଲ ଜମି ସ୍ୱୀକୃତି ଆଇନକୁ କାର୍ଯ୍ୟକାରୀ, ୨୦୨୩ ଜଙ୍ଗଲ ସଂଶୋଧନ ଆଇନକୁ ପ୍ରତ୍ୟାହାର,ସଂଗ୍ରାମୀ ଆଦିବାସୀମାନଙ୍କ ନାମରେ ଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର ଏବଂ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନର ସମସ୍ତ ସୁବିଧା କରିବା ସହ ମାଳି ପର୍ବତ ଖଣି ଲିଜ୍‌କୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରିଛନ୍ତି। ଏହା ବ୍ୟତୀତ କମ୍ପାନୀ ବିଭିନ୍ନ ଉପାୟରେ ବାହାନାକରି ମାଳି ପର୍ବତ ପାଦଦେଶରେ ଖରାଦିନେ ଗଛ ଲଗାଇବା ଏବଂ ଲୋକଙ୍କୁ ପାଣି ଯୋଗାଇବା ଆଳରେ ପାହାଡ଼ରୁ ବହିଯାଉଥିବା ଝରଣା ଉପରେ ନଳକୂଅ ଖୋଳିବା ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ ବୋଲି ନନ୍ଦିବାଲି କହିଛନ୍ତି। ପଦଯାତ୍ରାରେ ସେମିଳିଗୁଡ଼ା ବ୍ଲକ୍‌ର ୪ ପ୍ରଭାବିତ ପଞ୍ଚାୟତ ଯଥା ଦଳେଇଗୁଡା, ପାକଖୋଲା,ସୋରିଷପଦର ଏବଂ ଖୁର ବିଭିନ୍ନ ଗାଁର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓଙ୍କୁ ତାଲା

### ପିଡିଏସ୍ ଚାଉଳ ଓଜନରେ କମ୍

ବେତନଟୀ,୫।୧୧(ଧରଣୀଧର ମହାନ୍ତି)


ହିତାଧିକାରୀମାନେ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତରେ ମଙ୍ଗଳବାର ପିଡିଏସ୍ ଚାଉଳ କମ୍ ଦିଆଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ହିତାଧିକାରୀମାନେ ଯାଞ୍ଚ ପାଇଁ ଆସିଥିବା ବିଡିଓ ଏବଂ ବ୍ଲକ କର୍ମଚାରୀମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ପୂରାଇ ତାଲା ପକାଇ ଦେଇଥିଲେ। ୪ ଘଣ୍ଟା ଅଟକ ରହିବା ପରେ ପୋଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା। ସୂଚନା ଅନୁଯାୟୀ, ଗତ ଶନିବାର ନଡ଼ପୁର ପଞ୍ଚାୟତରେ ବ୍ଲକ ଯୋଗାଣ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ପଞ୍ଚାୟତ ଯୋଗାଣ ସହାୟିକା ଜୟସ୍ମିତା କବାଟ ଚାଉଳ ବଣ୍ଟନ କରିଥିଲେ। ଏହି ପଞ୍ଚାୟତ ଅଧୀନ ସିଳିପୁରିଆ ଗ୍ରାମର ରାୟମତ ମାଝୀ ତାଙ୍କ ରାଶନ କାର୍ଡରେ ୧୦୫ କି.ଗ୍ରା. ଚାଉଳ ନେଇଥିବା ବେଳେ ଅନ୍ୟ ଏକ ମେଶିନରେ ଓଜନ କରିବାରୁ ତାହା ୯୬.୪୦୦ ଗ୍ରାମ ହୋଇଥିଲା। ଏହା ପରେ ୧୦ରୁ ୧୫ ଜଣ ରାଶନ କାର୍ଡ ହିତାଧିକାରୀ ସେମାନଙ୍କ ଚାଉଳ ଓଜନ କରି ୫ରୁ ୧୨ କି.ଗ୍ରା. ପର୍ଯ୍ୟନ୍ତ କମ୍ ରହିଥିବା ଜାଣିବାକୁ ପାଇଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୋଗାଣ ସହାୟିକା ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଅଭିଯୋଗ ପାଇ ବେତନଟୀ ଏବିଡିଓ ଗଗନ ବିହାରୀ ବେହେରା, ଜିପିଓ ସବ୍ୟସାଚୀ ଦାସ ତଦନ୍ତ ପାଇଁ ଯାଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରି ନ ଥିଲା। ଅଧିକାରୀମାନେ ପଞ୍ଚାୟତ ଅଫିସର ଚାଉଳ ଗୋଦାମକୁ ସିଲ୍ କରି ବିଡିଓଙ୍କୁ ଅବଗତ କରିବେ କହି ପଳାଇ ଆସିଥିଲେ। ମଙ୍ଗଳବାର ବିଡିଓ ଗୋପୀନାଥ ଖାଖା, ଏବିଡିଓ ବେହେରା, ଜିପିଓ ଦାସ, ବାରିପଦାରୁ ଆସିଥିବା ମାପ ଓ ଓଜନ ବିଭାଗ ଅଧିକାରୀ ଏବଂ ବ୍ଲକ କର୍ମଚାରୀମାନେ ତଦନ୍ତ ପାଇଁ ଯାଇଥିଲେ। ତେବେ ଯାଞ୍ଚ ବେଳେ ଅଭିଯୋଗକାରୀ ଓ ତଦନ୍ତ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅଧିକାରୀମାନେ ଘଟଣାର ସମାଧାନ କରି ନ ପାରିବାରୁ ହିତାଧିକାରୀମାନେ ସେମାନଙ୍କୁ ଅଟକ ରଖି ଅସନ୍ତୋଷ ଜାହିର କରିଥିଲେ।

# 'ରାଜ୍ୟ, କେନ୍ଦ୍ର ଯୋଜନାର ନିୟମିତ ତଦାରଖ ଓ ସମୀକ୍ଷା କର'

### ସଚିବମାନଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)



ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସଚିବମାନେ ନିୟମିତ ସମୀକ୍ଷା ଓ ତଦାରଖ କରିବେ। ଏହାସହ ଜନସାଧାରଣଙ୍କୁ ସେବା ପ୍ରଦାନରେ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ସବୁ ସଚିବଙ୍କୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱଦେବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ କାର୍ଯ୍ୟକରି କାର୍ଯ୍ୟକ୍ରମ ବ୍ୟୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ଅନୁଦାନ ଅର୍ଥର କାର୍ଯ୍ୟକାରିତା ଏବଂ ଖର୍ଚ୍ଚ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି। ଏହାଛଡ଼ା ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, 'ଭିଜନ ଡକ୍ୟୁମେଣ୍ଟ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସମ୍ପର୍କିତ ପ୍ରସ୍ତାବ ଗ୍ରହଣ, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ପ୍ରଦାନ କରାଯାଉଥିବା ବିଭିନ୍ନ ସେବାକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ଅବସର ଗ୍ରହଣ ଦିନ ଯେପରି ସରକାରୀ କର୍ମଚାରୀ ଚୂଡ଼ାନ୍ତ ପେନ୍‌ସନ ପାଇପାରିବେ, ସେଥିଲାଗି ଆବଶ୍ୟକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରକ୍ରିୟା ଉପଯୋଗରେ ସୁବ୍ୟବସ୍ଥା କରାଯିବା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ସେହିପରି ସମବାୟ କ୍ଷେତ୍ରରେ ମାର୍କେଟିଂ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା, ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ସବୁ ସ୍ତରରେ ସ୍ୱଚ୍ଛତା ରକ୍ଷା ସହ କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱ, ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ବା ସବ୍‌ସିଡି ଅର୍ଥ ସିଧାସଳଖ ଅନ୍‌ଲାଇନ ଜରିଆରେ ପ୍ରେରଣ କରାଯିବା, ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଅର୍ଥ ପ୍ରେରଣ ସମ୍ପର୍କରେ ଆଲୋଚନା କରାଯାଇଛି। ଗ୍ରାମୀଣ ଓ ରାଜ୍ୟ ରାଜପଥ ରାସ୍ତା ନିର୍ମାଣ, ସହରାଞ୍ଚଳ ବିକାଶ ସମେତ ବୟନଶିଳ୍ପ, ଶିଳ୍ପ ଓ ଆନୁଷଙ୍ଗିକ ଶିଳ୍ପ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଛି।

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା



# ଅପରାଧୀଙ୍କୁ ଘୋଡ଼ାଉଛି ଏସ୍‌ସିବି

ନିକଟରେ ଓଡ଼ିଶାର ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଏକ ରାଗିଂ ଘଟଣାରେ ୫ ଜଣ ଛାତ୍ରଙ୍କୁ ହଷ୍ଟେଲରୁ ତଡ଼ିଦିଆଯିବା ସହ ୬ ମାସ ପାଇଁ ସେମାନଙ୍କୁ କ୍ୟାମ୍ପସ ବାହାରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚତୁର୍ଥ ବର୍ଷର ଏହି ୫ ଜଣ ଛାତ୍ର ହେଲେ କିରଣ କୁମାର ସୋରେନ, ଲଳିତ ମୋହନ ରଥ, ନିକୁଞ୍ଜ ବିହାରୀ ରାଉତରାୟ, ସଞ୍ଜୟ ମୁର୍ମୁ ଏବଂ ବିଶ୍ୱକାନ୍ତ ଗୁରୁ। ଏଭଳି ମାନସିକତା ପୋଷଣ କରୁଥିବା ଛାତ୍ର ପରବର୍ତ୍ତୀ ସମୟରେ କେଉଁ ପ୍ରକାର ଚିକିତ୍ସକ ହୋଇ ବାହାରିବେ ତାହା ଏବେଠାରୁ ଅନୁମାନ କରିହେଉଛି। ଏହି ଛାତ୍ରମାନେ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନକୁ ସପ୍ତାହେ ନ ପୂରୁଣୁ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନଭେମ୍ବର ୩ରେ ଏକ ରାଗିଂ ଅଭିଯୋଗ ସାମ୍ନାକୁ ଆସିଲା। ଏହି ଘଟଣାରେ ଶେଷ ଅର୍ଥାତ୍ ଚତୁର୍ଥ ବର୍ଷର ଛାତ୍ରମାନେ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ରାଗିଂ କରିଥିବା ଅଭିଯୋଗକୁ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଥିବା ଜଣାପଡ଼ିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ମେଡିକାଲର ଶେଷବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନାମ, ଠିକଣା ବା ପରିଚୟ ସମ୍ପର୍କରେ ପଚାରିଥିଲେ, ଯାହା ଏକ ପରମ୍ପରା ଭାବେ ରହିଆସିଛି। ଏଭଳି ପରମ୍ପରାକୁ କାହିଁକି ପ୍ରୋତ୍ସାହନ ଦିଆଯାଉଛି ତାହା ବୁଝିବା ଅତ୍ୟନ୍ତ କଷ୍ଟକର। ଆଜିର ଯୁଗରେ କାହାରି ବ୍ୟକ୍ତିଗତ ତଥ୍ୟ ପଚାରିବାକୁ ଅନ୍ୟ କୌଣସି ବ୍ୟକ୍ତିଙ୍କର କ୍ଷମତା ନାହିଁ। ଏସ୍‌ସିବି ମେଡ଼ିକାଲ କଲେଜର କର୍ତ୍ତୃପକ୍ଷଙ୍କର ଏଭଳି ହାଲୁକା ମନୋଭାବ ଯୋଗୁ ଏବକାର ପରିସ୍ଥିତି ଉପୁଜିପାରିଛି। ହୁଏତ ସେହି ମନୋଭାବର ଆଢୁଆଳରେ ପୂର୍ବରୁ ମଧ୍ୟ ରାଗିଂ ଭଳି ଜଘନ୍ୟ ଅପରାଧ ମେଡିକାଲ କଲେଜରେ ଘଟି ଆସୁଥିଲା। ପୂର୍ବରୁ ଛାତ୍ରୀଛାତ୍ରଙ୍କର ନୀରବତା ଯୋଗୁ ତାହା ଲୋକଲୋଚନକୁ ଆସିପାରୁ ନ ଥିଲା। ଏବକାର ପରିସ୍ଥିତିରେ ମନୋବଳ ଥିବା ପିଲାଙ୍କର ପ୍ରତିବାଦ ଯୋଗୁ ଆଜି ପରିସ୍ଥିତି ପଦାରେ ପଡ଼ିଛି। ପୂର୍ବର ତ୍ରୁଟିକୁ ଘୋଡ଼ାଇବାକୁ ଯାଇ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ରାଗିଂ କରୁଥିବା ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ ବାଧ୍ୟ ହେଉଛନ୍ତି। ଆରମ୍ଭରୁ କୌଣସି ପ୍ରକାରର ବେଆଇନ କାର୍ଯ୍ୟକୁ ସହିଯିବା ପରିବର୍ତ୍ତେ ଯଦି କଠୋର ପଦକ୍ଷେପ ନିଆଯାଇଥାଆନ୍ତା, ତେବେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାଆନ୍ତା।

**ସବୁଠୁ ଅଧିକ ଚିନ୍ତା ସୃଷ୍ଟି କରୁଛି ଏହି ନକାରାତ୍ମକ ମାନସିକତା ରଖିଥିବା ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା। ଦୋଷୀ ଛାତ୍ରଙ୍କୁ ସୁରକ୍ଷା ଦେବାକୁ ଯାଇ ଘଟଣାକୁ ଖଣ୍ଡନ କରିବା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ସମୟ ଥିବା ଭିତରେ ସରକାରଙ୍କ ତରଫରୁ ଏ ସମ୍ପର୍କରେ ଅନୁସନ୍ଧାନକରି ସମ୍ପୃକ୍ତ ଛାତ୍ରଙ୍କ ସମେତ ସେହି ଅପରାଧକୁ ଘୋଡ଼ାଉଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।**

ସବୁଠୁ ଅଧିକ ଚିନ୍ତା ସୃଷ୍ଟି କରୁଛି ଏହି ନକାରାତ୍ମକ ମାନସିକତା ରଖିଥିବା ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା। ଦୋଷୀ ଛାତ୍ରଙ୍କୁ ସୁରକ୍ଷା ଦେବାକୁ ଯାଇ ଘଟଣାକୁ ଖଣ୍ଡନ କରିବା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ସମୟ ଥିବା ଭିତରେ ସରକାରଙ୍କ ତରଫରୁ ଏ ସମ୍ପର୍କରେ ଅନୁସନ୍ଧାନକରି ସମ୍ପୃକ୍ତ ଛାତ୍ରଙ୍କ ସମେତ ସେହି ଅପରାଧକୁ ଘୋଡ଼ାଉଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ତାହା ନ ହେଲେ ଭବିଷ୍ୟତରେ ଏହି ପ୍ରକାର ଅପରାଧ ବୃଦ୍ଧି ପାଇବାରେ ଲାଗିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୬ ନଭେମ୍ବର ୧୯୭୫

- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ତିନି ଜଣ ଜୀବବିଜ୍ଞାନବିତ୍‌ଙ୍କୁ ଜଗଦୀଶ ଚନ୍ଦ୍ର ବୋଷ ପୁରସ୍କାର ଦେବା ଲାଗି ମନୋନୀତ କରିଛନ୍ତି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦ ରାଜସ୍ଥାନ ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରକାଶ ନାରାୟଣ ସିଂଘଲଙ୍କୁ ସୁପ୍ରିମ୍‌କୋର୍ଟର ଜଣେ ବିଚାରପତି ରୂପେ ନିଯୁକ୍ତ କରିଛନ୍ତି।
- କୋଚିନ୍‌ଠାରେ ପ୍ରଥମ ପାଞ୍ଚଟି ଜାହାଜ ତିଆରି କରିବା ନିମନ୍ତେ ବ୍ରିଟେନ ୧୯ କୋଟି ଟଙ୍କା ଯୋଗାଇ ଦେବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | 3 |
| | | | | 4 | 5 | | 1 | |
| | 3 | | | 6 | | | | 7 |
| | 8 | | 9 | | | | | 2 |
| | | | | 1 | 2 | 9 | | |
| | 7 | | | | | 4 | | |
| 7 | | | 5 | 2 | | | | 4 |
| | | | 4 | | | | 5 | 6 |
| | | 3 | | | 1 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 4 | 3 | 7 | 9 | 5 | 8 |
| 5 | 3 | 8 | 1 | 2 | 9 | 4 | 7 | 6 |
| 7 | 4 | 9 | 5 | 8 | 6 | 3 | 1 | 2 |
| 2 | 6 | 7 | 3 | 4 | 8 | 1 | 9 | 5 |
| 9 | 5 | 1 | 7 | 6 | 2 | 8 | 3 | 4 |
| 4 | 8 | 3 | 9 | 5 | 1 | 6 | 2 | 7 |
| 8 | 7 | 6 | 2 | 1 | 3 | 5 | 4 | 9 |
| 1 | 2 | 5 | 8 | 9 | 4 | 7 | 6 | 3 |
| 3 | 9 | 4 | 6 | 7 | 5 | 2 | 8 | 1 |

ଗତକାଲିର ଉତ୍ତର

# ମହାକାଶ ପର୍ଯ୍ୟଟନ



ଡ. ବିଜୟ କେତନ ପଟ୍ଟନାୟକ

ମହାକାଶ ପର୍ଯ୍ୟଟନ ସମସ୍ତ ଦୁଃସାହସିକ ଅଭିଯାନଠାରୁ ଅନେକ ପାଦ ଆଗରେ। ମହାକାଶରେ ମହାକାଶଚାରୀଙ୍କ ଅନୁଭୂତି ସାଉଁଟିବା ପାଇଁ ଉଦ୍ଦିଷ୍ଟ। ଯଦିଓ ଏପରି ଅନୁଭୂତି ଜୀବନରେ ଏକକ ବା ଅନନ୍ୟ, କିନ୍ତୁ ଏହା ଅତ୍ୟଧିକ ବିପଦସଙ୍କୁଳ ଓ ବ୍ୟୟସାପେକ୍ଷ। ଚିତ୍ତ ବିନୋଦନ ବ୍ୟତୀତ ମନୁଷ୍ୟର ହୃଦ୍‌ସ୍ପନ୍ଦନ ବଢ଼ାଇଦେଲା ଭଳି ଯେଉଁ ରୋମାଞ୍ଚ ଓ ଶିହରଣ ମହାକାଶ ପର୍ଯ୍ୟଟନରୁ ମିଳିଥାଏ, ତାହା ହେଉଛି ପର୍ଯ୍ୟଟକ ଜଣକ ଅନନ୍ତ ଆକାଶରୁ ପୃଥିବୀକୁ ଦେଖିବାର ଅବର୍ଣ୍ଣନୀୟ ଅନୁଭୂତି, ଓଜନ ଶୂନ୍ୟତା ଅନୁଭବ ଏବଂ ଓଜନ ଶୂନ୍ୟତା ହେତୁ ମହାକାଶ ଯାନରୁ ବାହାରି ମହାକାଶରେ ଚାଲିବାର ଉନ୍ମାଦ, ଦ୍ରୁତଗତିରେ ଯାତ୍ରା କରୁଥିବା ମହାକାଶ ଯାନରେ ଅସ୍ୱାଭାବିକ ଗତିଶୀଳତାର ଅନୁଭବ ଇତ୍ୟାଦି। ଏସବୁ ସତ୍ତ୍ୱେ ମହାକାଶ ଯାତ୍ରାରେ ରହିଛି ଆକସ୍ମିକ ଭାବେ ଘଟିଯିବାକୁ ଥିବା ଦୁର୍ଘଟଣାର ବିଷମ ପରିଣତି। ଏବେ ନିକଟରେ ସେମିତି ଏକ ଅଘଟଣ ଘଟିଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ନାସା ଦ୍ୱାରା ପ୍ରେରିତ ଷ୍ଟାର୍‌ଲାଇନର ମହାକାଶ ଯାନରେ ଆନ୍ତର୍ଜାତିକ ମହାକାଶ ଷ୍ଟେଶନକୁ ଯାଇଥିବା ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରେ ସେଠାରେ ଗତ ୪ମାସ ହେଲା ଫସିଯାଇଛନ୍ତି। ସେମାନଙ୍କୁ ମହାକାଶ ସ୍ପେସ୍ ଷ୍ଟେଶନରୁ ଉଦ୍ଧାର କରି ଫେରାଇ ଆଣିବା ପାଇଁ ପୁନର୍ବାର ଏକ ସ୍ପେସ୍ ଏକ୍ସ-କ୍ରିଓ ମିଶନ ପଠାଇବାର ବନ୍ଦୋବସ୍ତ କରାଯାଉଛି। ତେଣୁ ସୁନୀତା ଏବଂ ସହଯାତ୍ରୀଙ୍କୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ। ଏ ଭିତରେ ସେମାନଙ୍କ ଜୀବନ ପ୍ରତି ବିପଦର ଏକାଧିକ ଆଶଙ୍କା ରହିଛି।

ମହାକାଶ ପର୍ଯ୍ୟଟନକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଉପକକ୍ଷୀୟ, କକ୍ଷୀୟ ଏବଂ ମହାକାଶରେ ଚନ୍ଦ୍ର ପର୍ଯ୍ୟଟନ। ଉପକକ୍ଷୀୟ ମହାକାଶ ପର୍ଯ୍ୟଟନରେ ମହାକାଶ ଯାନ ପର୍ଯ୍ୟଟକମାନଙ୍କୁ ମହାକାଶର ସୀମାରେଖାକୁ ନେଇଯାଏ। କିନ୍ତୁ ପୃଥିବୀର କକ୍ଷପଥରେ ପ୍ରବେଶ କରେନାହିଁ। ଯଦିଓ ଭୂପୃଷ୍ଠର ଉପରକୁ ବାୟୁମଣ୍ଡଳ ୧୦୦୦ କି.ମି. ପର୍ଯ୍ୟନ୍ତ ରହିଛି, ମହାକାଶ ବିଜ୍ଞାନୀମାନଙ୍କ ମତରେ ଥର୍ମୋସ୍ଫିୟରରେ ୧୦୦ କି.ମି. ଉଚ୍ଚତା ଉପରକୁ ବାୟୁର ସାନ୍ଦ୍ରତା ଅତି କମ୍। ପାଖାପାଖି ଶୂନ୍ୟ କହିଲେ ଚଳେ। ତେଣୁ ସେମାନଙ୍କ ମତରେ ସମୁଦ୍ର ପତ୍ତନଠାରୁ ୧୦୦ କି.ମି. ଉଚ୍ଚତା ପରେ ମହାଶୂନ୍ୟ ଆରମ୍ଭ ହୋଇଯାଏ ଏବଂ ସେହି ଉଚ୍ଚତାକୁ 'କର୍ମଣରେଖା' କୁହାଯାଏ। ଏହି ଉଚ୍ଚତାରୁ ଉପରକୁ ଉଠିଗଲା ପରେ ପର୍ଯ୍ୟଟକମାନେ ୩ରୁ ୬ ମିନିଟ୍ ପର୍ଯ୍ୟନ୍ତ ଓଜନ ଶୂନ୍ୟତା ଅନୁଭବ କରିପାରିବେ। ମହାକାଶ ଯାନର ଗତି ଘଣ୍ଟା ପ୍ରତି ପ୍ରାୟ ୨୨୦୦ ମାଇଲ ହୋଇଥାଏ। ବ୍ଲୁ ଅରିଜିନ ଓ ଭର୍ଜିନ ଗାଲାକଟିକା ମହାକାଶ ସଂସ୍ଥା ପର୍ଯ୍ୟଟକମାନଙ୍କୁ ଉପକକ୍ଷୀୟ ପର୍ଯ୍ୟଟନର ସ୍ୱାଦ ଚଖାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

କକ୍ଷୀୟ ମହାକାଶ ପର୍ଯ୍ୟଟନରେ ଯାନଟି



ପୃଥିବୀର କକ୍ଷପଥ ପର୍ଯ୍ୟନ୍ତ ଯାତ୍ରା କରିଥାଏ। ପୃଥିବୀର ସୂର୍ଯ୍ୟ ଚାରିପଟେ ଘୂର୍ଣ୍ଣନ କକ୍ଷର ଭୂପୃଷ୍ଠରୁ ସର୍ବନିମ୍ନ ଦୂରତା(ପେରିଜି) ୧୨୦୦ ମାଇଲ ବା ୨୦୦୦ କି.ମି.। ଏହି କକ୍ଷପଥକୁ ଯାତାୟାତ, ଯୋଗାଯୋଗ ଏବଂ ଅନୁସନ୍ଧାନ ପାଇଁ ସୁବିଧାଜନକ ମନେକରାଯାଏ। ଏହି ଯାତ୍ରାରେ ପର୍ଯ୍ୟଟକଙ୍କୁ ମହାକାଶରୁ ଟେନିସ୍‌ବଲ ସଦୃଶ ପୃଥିବୀର କ୍ଷୁଦ୍ର ଗୋଲାକୃତି ସ୍ୱରୂପ ଦେଖିବା ପାଇଁ ଭରପୂର ସୁଯୋଗ ମିଳିଥାଏ। ଏହା ବ୍ୟତୀତ ପର୍ଯ୍ୟଟକମାନେ ଅନେକ ସମୟ ଧରି ଓଜନ ଶୂନ୍ୟତା ଅନୁଭବ କରିଥାନ୍ତି। ମହାକାଶ ଯାନର ଗତି ଘଣ୍ଟା ପ୍ରତି ୧୭,୫୦୦ ମାଇଲ ଏବଂ ସ୍ପେସ୍ ଏକ୍ସ ଯାନ ହିଁ ବ୍ୟବହାର କରାଯାଇଥାଏ।

ପୃଥିବୀର କକ୍ଷପଥ ନିକଟକୁ ଯାତ୍ରା ଅତ୍ୟଧିକ ବ୍ୟୟସାପେକ୍ଷ। ଉପକକ୍ଷୀୟ ମହାକାଶ ପର୍ଯ୍ୟଟନର ପର୍ଯ୍ୟଟକ ପିଛା ୨ ଲକ୍ଷ ଆମେରିକୀୟ ଡଲାର ଲାଗୁଥିବା ବେଳେ କକ୍ଷପଥକୁ ଯାତ୍ରା କରୁଥିବା ମହାକାଶ ଯାନରେ ବ୍ୟକ୍ତି ପାଇଁ ୮ଦିନ ଯାତ୍ରା ଖର୍ଚ୍ଚ ୫୫୦ ଲକ୍ଷ ଡଲାର ଲାଗିଯାଇପାରେ। ଚନ୍ଦ୍ର ମହାକାଶ ମିଶନରେ ସାଧାରଣ ବର୍ଗର ପର୍ଯ୍ୟଟକଙ୍କୁ ବେସରକାରୀ ସ୍ତରରେ ନେଇ ଚନ୍ଦ୍ରପୃଷ୍ଠରେ ପହଞ୍ଚାଇବା ଉଦ୍ଦେଶ୍ୟ ଆମୋଦ ପ୍ରମୋଦ, ଚିତ୍ତ ବିନୋଦନ ଓ ଶିହରଣ।

ମହାକାଶ ପର୍ଯ୍ୟଟନର ଉଦ୍ଦେଶ୍ୟ, ସରକାରୀ ସ୍ତରରେ ପଠାଯାଉଥିବା ମହାକାଶଚାରୀମାନଙ୍କଠାରୁ ଅନେକଟା ଭିନ୍ନ। ପର୍ଯ୍ୟଟକ କେବଳ କେତେକ ଅନନ୍ୟ ଅନୁଭୂତି ଓ ଉନ୍ମାଦନା ପାଇଥାଏ। କିନ୍ତୁ ମହାକାଶଚାରୀମାନେ ଯାତ୍ରା ସମୟରେ ବିଭିନ୍ନ ବୈଜ୍ଞାନିକ ଗବେଷଣା ଓ ଅନୁସନ୍ଧାନ କରିଥାନ୍ତି।

ବେସରକାରୀ ଭାବେ ନିଜସ୍ୱ ଅର୍ଥବ୍ୟୟରେ ଆମେରିକାର କୋଟିପତି ଡେନିସ୍ ଟିଟୋ ୨୦୦୧ ମସିହାରେ ରୁଷିଆର 'ସୋୟୁଜ୍' ଅନ୍ତରୀକ୍ଷ ଯାନରେ ପ୍ରଥମ ମହାକାଶ ପର୍ଯ୍ୟଟକ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନକୁ ଯାତ୍ରା କରିବାର ରେକର୍ଡ ହାସଲ କରିଛନ୍ତି ଏବଂ ସେଠାରେ ୮ ଦିନ ଅବସ୍ଥାନ କରିଥିଲେ। ୨୦୧୦ ପରଠାରୁ ସୋଭିଏଟ୍ ୟୁନିୟନ ଆନ୍ତର୍ଜାତିକ ମହାକାଶ ଷ୍ଟେଶନରେ ସ୍ଥାନାଭାବ କାରଣରୁ ଏହି କାର୍ଯ୍ୟକ୍ରମକୁ ସାମୟିକ ଭାବେ ବନ୍ଦ କରିଦେଇଥିଲେ। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନଟି ୪୦୦ କି.ମି. ଉଚ୍ଚତାରେ ଏକ ବୃତ୍ତାକାର ପଥରେ ପୃଥିବୀକୁ ପରିକ୍ରମଣ କରୁଛି। ଥରେ ପରିକ୍ରମଣ ପାଇଁ ୯୩ ମିନିଟ୍ ସମୟ ନେଇଥାଏ ଏବଂ ଦିନକୁ ୧୫.୫ ଥର ପୃଥିବୀକୁ ପରିକ୍ରମଣ କରିଥାଏ। ୨୦୨୪ ମାର୍ଚ୍ଚ ସୁଦ୍ଧା ୨୨ଟି ଦେଶର ୨୭୯ ଜଣ ମହାକାଶଚାରୀ ଏହି ସ୍ପେସ୍ ଷ୍ଟେଶନରେ ପାଦ ରଖିସାରିଛନ୍ତି। ୨୦୧୦ରୁ ବନ୍ଦ ଥିବା ମହାକାଶ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପୁନର୍ବାର ଆରମ୍ଭକରି ବେସରକାରୀ ପର୍ଯ୍ୟଟକଙ୍କୁ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନକୁ ପଠାଇବାକୁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ୨୦୧୯ ଜୁନ୍‌ରେ ଘୋଷଣାକଲା। ଏହି ଯାତ୍ରା ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ୩୫୦୦ ଆମେରିକୀୟ ଡଲାର ଅର୍ଥଦେବାକୁ ପଡ଼ିବ ବୋଲି ମଧ୍ୟ କୁହାଗଲା। ଦୁଇଟି ଅନ୍ତରୀକ୍ଷ ଯାନ 'ସ୍ପେସ୍-ଏକ୍ସ-ଡ୍ରାଗନ-୨ ଏବଂ ବୋଇଂ ଷ୍ଟାର୍‌ଲାଇନର' ଏହି ଯାତ୍ରା ପାଇଁ ଘୋଷଣା କରାଯାଇଛି। ବ୍ୟୟବହୁଳ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଅତ୍ୟନ୍ତ ଧନୀବ୍ୟକ୍ତିଙ୍କ ପାଇଁ ଏହା ସମ୍ଭବ ହୋଇପାରୁଛି। ତଥାପି ବିଶ୍ୱର ବିଭିନ୍ନ ଅଞ୍ଚଳରୁ ବ୍ୟକ୍ତିବିଶେଷ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବେସରକାରୀ ସଂସ୍ଥାଗୁଡ଼ିକ ଏ ଦିଗରେ ବ୍ୟୟ ହ୍ରାସ ପାଇଁ ମଧ୍ୟ ଚେଷ୍ଟିତ।

ଆର୍ଥିକ ଦିଗକୁ ବାଦ୍ ଦେଲେ ଅନ୍ୟ କେତେକ ଆହ୍ୱାନ ମଧ୍ୟ ମହାକାଶ ପର୍ଯ୍ୟଟନ କ୍ଷେତ୍ରରେ ରହିଛି। ଯଥା ଯାତ୍ରୀମାନଙ୍କର ନିରାପତ୍ତା, ଇନ୍‌ସ୍ୟୁରାନ୍ସ, ବାଣିଜ୍ୟିକ ସମ୍ଭାବନା, ମହାକାଶ ପ୍ରଦୂଷଣ ଏବଂ ବିପତ୍ତି ବା ଦୁର୍ଘଟଣା- ପୃଥିବୀ ପୃଷ୍ଠରେ ଥିବା ପ୍ରକ୍ଷେପଣ କେନ୍ଦ୍ରରୁ ଉତ୍କ୍ଷେପଣ ବେଳେ ଆକସ୍ମିକ ପ୍ରତିକ୍ରିୟା, ପୃଥିବୀର ପ୍ରାକୃତିକ ସମ୍ବଳ ଅପଚୟ ଇତ୍ୟାଦି। ମହାକାଶ ପର୍ଯ୍ୟଟନରେ ଯିବା ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଶାରୀରିକ , ମାନସିକ ତଥା ମନୋବୈଜ୍ଞାନିକ ସ୍ତରରେ ବେଶ୍ କିଛିଦିନ ପ୍ରଶିକ୍ଷଣ ନେଇ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ବଳୟ ବାହାରକୁ ଗଲାବେଳେ କିଛିଟା ଅଭାବନୀୟ ଦୁର୍ଘଟଣା ଘଟିପାରେ , ସେତେବେଳେ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିର ଅନୁଭୂତିକୁ ସହ୍ୟ କରିବାକୁ ପଡିବ।

ଏବେ ମହାକାଶରେ ଫିଲ୍ମ ଶୁଟିଂ କରିବାର ନିଶା ମଧ୍ୟ ଅନେକ ପ୍ରଯୋଜକଙ୍କୁ ଘାରିଛି। ମହାକାଶରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଶୁଟିଂ କରିବାର ବିରଳ ରେକର୍ଡ ଅଧିକାରୀ ରୁଷିଆ ହୋଇଛି। ଏହା ପୂର୍ବରୁ ୨୦୦୨ ମସିହାରେ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନରେ ଗୋଟିଏ ଡକୁମେଣ୍ଟାରି ଫିଲ୍ମ ' ଆଇ ମାକ୍ସ ସ୍ପେସ୍ ଷ୍ଟେଶନ' ମଧ୍ୟ ଶୁଟିଂ ହୋଇଥିଲା। ମହାକାଶ ପର୍ଯ୍ୟଟନର ଅନ୍ୟତମ ଆକର୍ଷଣ ହେବ, ମହାକାଶରେ ପ୍ରଦକ୍ଷିଣ ବା 'ସ୍ପେସ୍ ୱାକ୍'। ସେତେବେଳେ ଅନ୍ତରୀକ୍ଷ ଯାନର ଗତି ଘଣ୍ଟା ପ୍ରତି ୨୫.୦୦୦ କି.ମି . ଥିବ। ଅନ୍ତରୀକ୍ଷ ଯାନରୁ ବାହାରି ସେହି ଗତିରେ ମହାଶୂନ୍ୟରେ ଯାନ ସହିତ ସମାନ୍ତରାଳ ଭାବେ ଧାବମାନ ହେବା ମହାକାଶ ପର୍ଯ୍ୟଟନର ଏକ ବିରଳ, ବିସ୍ମୟ ଓ ଅନନ୍ୟ ଅନୁଭୂତି। ତେଣୁ ଆର୍ଥିକ, ମାନସିକ ଓ ମନୋବୈଜ୍ଞାନିକ ଆହ୍ୱାନ ଥିବା ସତ୍ତ୍ୱେ ଆଶା କରାଯାଏ, ଆଗାମୀ ଦଶକରେ ମହାକାଶ ପର୍ଯ୍ୟଟନ କମ୍ ବ୍ୟୟ ସାପେକ୍ଷ ଓ ଅଧିକ ବିସ୍ତାରିତ ହେବ।

**ପୂର୍ବତନ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ
ଓଡ଼ିଶା, ଭୁବନେଶ୍ୱର,
ମୋ:୯୪୩୭୦୦୦୯୦୪**

# ବିଷାକ୍ତ କାର୍ଯ୍ୟ ସଂସ୍କୃତି



ଅସିତ ମହାନ୍ତି

ଏକ ଘରୋଇ କମ୍ପାନୀର ଅଫିସ ଚାକିରିରେ ଅତ୍ୟଧିକ କାର୍ଯ୍ୟ କରିବା କାର୍ଯ୍ୟସ୍ଥଳର ବିଷାକ୍ତ ସଂସ୍କୃତିକୁ ପ୍ରଦର୍ଶିତ କରିଥାଏ; ଏହି ସଂସ୍କୃତି ଜଣେ ବ୍ୟକ୍ତିର ଜୀବନ ନେଇପାରେ କି ? ନିଃସନ୍ଦେହ ଏହା ଏକ ଗମ୍ଭୀର ପ୍ରଶ୍ନ? ବାସ୍ତବରେ ପୂର୍ବେ ଏହାର ଏକ ଉଦାହରଣ ଦେଖିଲୁ। ୨୬ ବର୍ଷୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆନ୍ନା ସେବାଷ୍ଟିଆନ ପେରେଏଲ 'ଅର୍ନଷ୍ଟ ଆଣ୍ଡ ୟଙ୍ଗ'(ଇୱାଇ) ର ଏକ ସଦସ୍ୟ ସଂସ୍ଥା ସହିତ କାମ କରୁଥିଲେ। ତାଙ୍କ ମାତା ଅନୀତା ଇୱାଇ ଇଣ୍ଡିଆର ଚେୟାରମ୍ୟାନଙ୍କୁ ଏକ ଚିଠି ଲେଖିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ତାଙ୍କ ଝିଅକୁ କର୍ମକ୍ଷେତ୍ରରେ ଏତେ କାମ ଦିଆଯାଇଥିଲା ଯେ ସେ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ହୋଇ ଭାଙ୍ଗିପଡ଼ିଥିଲେ ଏବଂ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

ମ୍ୟାକିନେସି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏପ୍ରିଲ ୨୦୨୨ରେ ଏକ ସର୍ଭେ କରିଥିଲା। ଏଥିରେ ୧୫,୦୦୦ କର୍ମଚାରୀ ଏବଂ ୧୦୦୦ ଏଚ୍‌ଆର୍ ମ୍ୟାନେଜରଙ୍କ ସହ କଥା ହୋଇଥିଲେ। ସର୍ବେକ୍ଷଣରୁ ଜଣାପଡିଛି ଯେ ୪୦% ଭାରତୀୟ କର୍ମଚାରୀ କେତେଗୁଡିଏ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେମିତି ଦୁଃଖ, ଚିନ୍ତା କିମ୍ବା ଉଦାସୀନତାର ଲକ୍ଷଣ । ଏହିପରି ଫଳାଫଳଗୁଡ଼ିକର ୯୦%ର କାରଣ ହେଉଛି ବିଷାକ୍ତ କାର୍ଯ୍ୟକ୍ଷେତ୍ରର ଆଚରଣ। ସେଥିପାଇଁ ଭାରତରେ କର୍ମଚାରୀଙ୍କ ମଧ୍ୟରେ ଚାକିରି ଛାଡିବାକୁ ଇଚ୍ଛା ବିଶ୍ୱର ହାରାହାରିଠାରୁ ୬୦% ଅଧିକ, କିନ୍ତୁ ବେରୋଜଗାର ଆମ ଦେଶରେ ଏକ ଅସୁବିଧାଜନକ ସମସ୍ୟା, ଯାହା ଏହି ସମୟ ମଧ୍ୟରେ ଚାକିରି ଛାଡିବା କଷ୍ଟକର କରିଥାଏ। ତେବେ ଏହି ବିଷାକ୍ତ କାର୍ଯ୍ୟ ସଂସ୍କୃତି କ'ଣ? ପ୍ରଶ୍ନ ହେଉଛି ଘରୋଇ କମ୍ପାନୀମାନେ କ'ଣ ଶ୍ରମ ନିୟମକୁ ପାଳନ କରୁଛନ୍ତି ? ଏହି ବିଷୟରେ ଚର୍ଚ୍ଚା ହେବ ଉଚିତ।

ଦୁଇମାସ ପୂର୍ବେ ଅଷ୍ଟ୍ରେଲିଆ ସରକାର ଅଷ୍ଟ୍ରେଲିଆରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସଂଯୋଗ ବିଚ୍ଛିନ୍ନ କରିବାର ଅଧିକାର ଦେଇଥିଲେ। ଏହାର ଅର୍ଥ ଯଦି କୌଣସି ଅଷ୍ଟ୍ରେଲୀୟ କର୍ମଚାରୀ କାର୍ଯ୍ୟରେ ନାହାନ୍ତି ଏବଂ ସେମାନଙ୍କ ନିଯୁକ୍ତିଦାତା ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରନ୍ତି ବାର୍ତ୍ତା କିମ୍ବା କଲ୍ ମାଧ୍ୟମରେ, କର୍ମଚାରୀ ସେହି କଲ୍ ଏବଂ ବାର୍ତ୍ତାଗୁଡ଼ିକୁ ଅଣଦେଖା କରିପାରିବେ। ୟୁରୋପରେ ଏକ ୟୁରୋପୀୟ ୟୁନିଅନର ନିୟମ ଅନୁଯାୟୀ ସପ୍ତାହରେ ସର୍ବାଧିକ କାର୍ଯ୍ୟ ସମୟ ୪୮ ଘଣ୍ଟା ହେବ। ଏହାର ଅର୍ଥ କୌଣସି ପ୍ରକାରର କାର୍ଯ୍ୟରେ କୌଣସି କର୍ମଚାରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କରିପାରିବେ ନାହିଁ। ଯଦି ଆମେ ନଭେମ୍ବର ୨୦୨୦ (ଇକୋନୋମିକ ଟାଇମ୍ସ)ରୁ ଏହି ଆର୍ଟିକିଲକୁ ଦେଖିବା, ଶ୍ରମ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି, ଏକ କମ୍ପାନୀ ସେମାନଙ୍କ କର୍ମଚାରୀମାନଙ୍କୁ ଦିନକୁ ୧୨ ଘଣ୍ଟା ପର୍ଯ୍ୟନ୍ତ କାମ କରାଇପାରିବ। ତେଣୁ ଯଦି ଆପଣ ସପ୍ତାହରେ ୫ ଦିନ କାମ କରନ୍ତି, ଏହା ସପ୍ତାହରେ ୬୦ ଘଣ୍ଟା ହୁଏ। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର



ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଶୋଭା କରାଣ୍ଡଲାଜେ ଟୁଇଟ କରି କହିଛନ୍ତି ଯେ ଏକ ଅସୁରକ୍ଷିତ ତଥା ଶୋଷଣକାରୀ କାର୍ଯ୍ୟ ପରିବେଶ (ଅଭିଯୋଗ) ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଅଧିକାଂଶ ସମୟରେ ସରକାର କମ୍ପାନୀକୁ ଚେତାବନୀ ଦେବେ। ଯଦି କମ୍ପାନୀ ଉପରେ ବହୁତ ଚାପ ଥାଏ, ତେବେ କମ୍ପାନୀ କିଛି ମ୍ୟାନେଜରଙ୍କ ଉପରେ ଦୋଷ ଲଦି ସେମାନଙ୍କୁ ବହିଷ୍କାର କରିବ। ଏହା କର୍ମଚାରୀ କିମ୍ବା ପରିଚାଳକଙ୍କ ପ୍ରଶ୍ନ ନୁହେଁ। ପରିଚାଳକମାନେ ମଧ୍ୟ ସେମାନଙ୍କ ମାଲିକମାନଙ୍କ ଚାପରେ ଅଛନ୍ତି। ବାସ୍ତବରେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଚାପ।

ଭାରତୀୟ ଶ୍ରମ ଆଇନ ଅନୁଯାୟୀ, କୌଣସି କର୍ମଚାରୀଙ୍କୁ ଦିନକୁ ନଅ ଘଣ୍ଟାରୁ ଅଧିକ କିମ୍ବା ସପ୍ତାହରେ ୪୮ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇ ନ ଥାଏ। ତଥାପି, ନୂତନ ଶ୍ରମ ନିୟମ ଅନୁଯାୟୀ, ଯଦି ଜଣେ ନିଯୁକ୍ତିଦାତା କର୍ମଚାରୀଙ୍କ ଉପରେ ୧୨ ଘଣ୍ଟା ଡ୍ୟୁଟି ଲଗାନ୍ତି, ତେବେ ତାଙ୍କ କର୍ମଚାରୀମାନଙ୍କୁ ଏକ ସପ୍ତାହରେ ତିନି ଦିନ ଛୁଟି ଦେବାକୁ ପଡିବ। ଶ୍ରମ ଆଇନ ସହିତ ଜଡିତ ଆଉ କିଛି ଜିନିଷ – ଓଭରଟାଇମ ଉପରେ ପ୍ରିମିୟମ ହେଉଛି ମୋଟ ମଜୁରିର ୧୦୦%। ଯଦି କୌଣସି କର୍ମଚାରୀଙ୍କୁ ସାପ୍ତାହିକ ଛୁଟି ଦିଆଯାଏ ନାହିଁ, ତେବେ ତାଙ୍କୁ ଦୁଇ ମାସ ମଧ୍ୟରେ ଏହା ବଦଳରେ ଛୁଟି ଦିଆଯାଇପାରେ। ନୂତନ ଶ୍ରମ ନିୟମ ଅନୁଯାୟୀ, ଯଦି ଜଣେ କର୍ମଚାରୀଙ୍କୁ ଦୀର୍ଘ ଛୁଟି ନେବାକୁ ପଡିବ, ତେବେ ତାଙ୍କୁ ବର୍ଷକୁ ଅତି କମରେ ୧୮୦ ଦିନ କାମ କରିବାକୁ ପଡିବ। ମହିଳା କର୍ମଚାରୀମାନେ ସେମାନଙ୍କ ସମ୍ମତି ବିନା ରାତି ଶିଫ୍ଟରେ କାମ କରିବାକୁ ବାଧ୍ୟ ହୋଇପାରିବେ ନାହିଁ , କିନ୍ତୁ ନିୟମ ଏବଂ କାନୁନକୁ କିଏ ଧ୍ୟାନ ଦିଅନ୍ତି ? ବର୍ତ୍ତମାନ ପ୍ରଶ୍ନ ହେଉଛି କମ୍ପାନୀଗୁଡିକ କାହିଁକି ସେମାନଙ୍କ କର୍ମଚାରୀଙ୍କଠାରୁ ଅଧିକ କାମ ନେଉଛନ୍ତି?

ଅର୍ଥନୀତିର ନିୟମ ଅନୁଯାୟୀ, ବିନା ଶ୍ରମଶକ୍ତିର ଶୋଷଣ କରି କମ୍ପାନୀ ଲାଭ କରିବା ଅସମ୍ଭବ। ଅର୍ଥାତ୍ ଲାଭ କରିବାକୁ ହେଲେ ପ୍ରଥମେ ଶ୍ରମ ଶକ୍ତିକୁ କମ୍ କରିବାକୁ ହେବ। କାର୍ଯ୍ୟ ଅଧିକ, କିନ୍ତୁ ଶ୍ରମଶକ୍ତି କମ୍, ତେଣୁ ଏହା ସ୍ପଷ୍ଟ ଯେ ଶ୍ରମଶକ୍ତି ଉପରେ କାର୍ଯ୍ୟଭାର ଅଧିକ ହେବ। ଏହି ଅଧିକ କାର୍ଯ୍ୟଭାର ଶ୍ରମଶକ୍ତି ଉପରେ ପ୍ରଭାବ ପକାଇବ ଏବଂ ଏହି ପ୍ରଭାବ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଏହିଠାରେ ଓଭରଟାଇମ, ଛୁଟି ବନ୍ଦ, କାର୍ଯ୍ୟ ଭାର, ରବିବାର ଛୁଟି ବାତିଲ ଇତ୍ୟାଦି ଆରମ୍ଭ ହୁଏ। ଏହା କେବଳ ଜଣେ ବ୍ୟକ୍ତିର ସାମାଜିକ ଜୀବନକୁ ନଷ୍ଟ କରି ନ ଥାଏ ବରଂ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ବାସ୍ତବରେ ଏହା ହିଁ ଆନ୍ନାଙ୍କ ସହିତ ହୋଇଥିଲା। ତାଙ୍କର ହୃଦ୍‌ଘାତର କାରଣ ହେଉଛି ଅତ୍ୟନ୍ତ କାର୍ଯ୍ୟ ଭାର। ତେଣୁ ଯେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜୀବିତ ରହିବ ଶୋଷଣ ଜାରି ରହିବ।

**ସୁଜନପୁର, ଯାଜପୁର
ମୋ: ୯୩୪୮୭୬୮୮୧୨**

## ଏଇ ଭାରତରେ

ରାକେଶ ପଞ୍ଚାଲ ଅସହାୟ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ଗୁଜରାଟର ଭାସୋ ବ୍ଲକରେ ରାକେଶ ଏବେ ୫୦୦ରୁ ଅଧିକ ବରଷ୍ଠ ନାଗରିକଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଛନ୍ତି। ରାକେଶଙ୍କ ବୟସ ଏବେ ୪୪। ରାକେଶ ତାଙ୍କ ପିତାଙ୍କ ନିର୍ମାଣ ଉପକରଣ ବ୍ୟବସାୟରେ କାମ କରୁଥିବା ସମୟରେ ଏହି ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାଙ୍କ ପିତାଙ୍କ ଦେହାନ୍ତ ପରେ ଏହା ଆରମ୍ଭ କରିଥିଲେ। କାରଣ ଗରିବଙ୍କୁ ମାଗଣାରେ ଖାଦ୍ୟ ଦେବା ତାଙ୍କ ପିତାଙ୍କ ଇଚ୍ଛା ଥିଲା। ସେ ମଧ୍ୟ ତାହା ଆରମ୍ଭ କରିଥିଲେ। କିନ୍ତୁ ସେବାକୁ ଆଗକୁ ବଢ଼ାଇବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ପ୍ରଥମେ ରାକେଶ ହସ୍ପିଟାଲରେ ପ୍ରସୂତିମାନଙ୍କୁ ଖେରା (ଘିଅ, ଚିନି ଓ ଡ୍ରାଏଫ୍ରୁଟ୍‌ସରେ ତିଆରି) ଲଡୁ ଦେଉଥିଲେ। ପରେ ହସ୍ପିଟାଲକୁ ଦୂରରୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ମାଗଣାରେ ଖାଦ୍ୟ ଦେବା ପରେ ବରିଷ୍ଠ ନାଗରିକଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ। ଏବେ ସେ ଭିସାମୋ ସାର୍ବଜନିକ ଚାରିଟେବଲ ଟ୍ରଷ୍ଟ ଗଠନ କରି ତା'ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଉଛନ୍ତି। ଏହି କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ରାକେଶଙ୍କୁ ସହଯୋଗ କରୁଛନ୍ତି। ମୁଖ୍ୟତଃ ଭାତ, ରୁଟି, ଡାଲି ଓ ତରକାରି ସେ ଦେଉଛନ୍ତି। ଗାଡିରେ ନେଇ ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି। ଏବେ ସେ ଏଥିପାଇଁ ଦୈନିକ ୨୧,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିୟା
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୋଇଲି ଜାଉର କରୁଣ ପରିଣତି

ମହାଶୟ,

ରାଜ୍ୟର ଅନାହାର ଜନିତ ଅସହ୍ୟ କ୍ଷୁଧାର କରାଳ ଜ୍ୱାଳାରେ ଆମ୍ୱଟାକୁଆ କୋଇଲି ଜାଉ ଖାଇ ମୃତ୍ୟୁ ଏବଂ ଅନେକ ଗୁରୁତର ହୋଇ ଚିକିତ୍ସିତ ହେବା ଖାଦ୍ୟ ସୁରକ୍ଷା ବା ନିରାପତ୍ତା ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗରିବ ଲୋକମାନଙ୍କ ପାଇଁ ମାଗଣାରେ ଉପଲବ୍ଧ ହେଉଥିବା ଖାଦ୍ୟଦ୍ରବ୍ୟ ଅନାହାର ମୃତ୍ୟୁକୁ ରୋକିବାରେ ସରକାରଙ୍କ ପ୍ରଶାସନିକ ସେବା ଯୋଗାଇ ଦେବାରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚିତ ଭାବେ। କିନ୍ତୁ ଆଧାର କାର୍ଡରେ ନାମ, ଠିକଣା, ବୟସ ଓ ଫୋନ୍ ନମ୍ବର ସବୁକୁ କେୱାଇସି ଅପଡ଼େଟ କରିବାରେ ବିଭିନ୍ନ ନୀତିନିୟମ ସମୟାନୁକ୍ରମେ ବାରମ୍ବାର ପରିବର୍ତ୍ତନ ଆଣିବା ଦ୍ୱାରା ସାଧାରଣ ଗରିବମାନେ ତାହା କରିପାରୁନାହାନ୍ତି । ଫଳରେ ସେମାନେ ମାଗଣା ରାଶନରୁ ବଞ୍ଚିତ ହେଉଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ଯୋଜନା ଦ୍ୱାରା ରାଜ୍ୟର ସବୁ ପରିବାରକୁ ରାଶନକାର୍ଡ ପ୍ରଦାନ କରାଯିବା ଦରକାର। ଏହାସହ ଖାଦ୍ୟଶସ୍ୟ ବଣ୍ଟନ ପରିବାର ସଦସ୍ୟଙ୍କ ସଂଖ୍ୟାନୁପାତିକ ଭିତ୍ତିରେ ସ୍ୱଳ୍ପ ମୂଲ୍ୟରେ କରାଯିବା ଉପରେ ପୁନଃବିଚାର କରିବା ଆବଶ୍ୟକ, ଯେପରି ପୂର୍ବରୁ ଥିଲା ।

**-ଅଶୋକ କୁମାର ଆଢ଼୍ୟ
ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଫେଇ ଓ ସଚେତନତା କାର୍ଯ୍ୟକ୍ରମ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଣୀ ସମ୍ପଦ ଚିକିତ୍ସା କେନ୍ଦ୍ର ପରିସରରେ ଜୟ ବଜରଙ୍ଗ ବଳି ସଂଗଠନ ତରଫରୁ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସଂଗଠନର ସଭାପତି ପ୍ରମୋଦ କୁମାର ବାଗଙ୍କ ନେତୃତ୍ୱରେ ସଂଗଠନ ସମ୍ପାଦକ ସଞ୍ଜୟ ବାରିକ, ଉପେନ୍ଦ୍ର ଭୋଇ, ସନ୍ତୋଷ ଗଡତ୍ୟା ପ୍ରମୁଖ ଖପ୍ରାଖୋଲ ଗ୍ରାମକୁ ପଲିଥିନ ମୁକ୍ତ କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ରାସ୍ତାକଡ଼ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ପ୍ରଭାତ ଫେରି ଭଜନ ଦଳର ସଦସ୍ୟ କାହ୍ନୁ ଥନାପତି, ତୁଷାର କାନ୍ତ ଦାସ, ଅରୁଣ ଗଡ଼ତ୍ୟା, ଶେଷ ଦଣ୍ଡସେନା, ରାଜରାମ ଦଣ୍ଡସେନା, ନେତ୍ର ରାଉତ, ରିଙ୍କୁ ବାରିକଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସାମିଲ ଥିଲେ।

## ସଂକ୍ଷେପରେ

### ଲୋଇସିଂହା କଲେଜ ଯୁକ୍ତ ୨ ଏନ୍ଏସ୍ଏସ୍ ଶାଖା ଉଦ୍‌ଘାଟିତ




ଲୋଇସିଂହା,୫।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଯୁକ୍ତ ୨ ଏନଏସଏସ ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବାଗତ ଏନଏସ୍ଏସ ସ୍ୱେଚ୍ଛାସେବୀମାନଙ୍କୁ ସଚେତନତା ବାର୍ତ୍ତା ସହିତ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଧକ୍ଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ.ଅଜିତ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ଯୋଜନାର ଉତ୍ପତ୍ତି, ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଯୁକ୍ତ ୨ର କାର୍ଯ୍ୟକ୍ରମ ଅଧିକାରୀ ରିପନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁକ୍ତ ୩ ର ଅଧିକାରୀ ଜଗମୋହନ ଦର୍ଜି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶୃଙ୍ଖଳା ସମୃଦ୍ଧ ସମାଜର ମୂଳଭିତ୍ତି'

ବଲାଙ୍ଗୀର,୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)


ଅତିଥିମାନେ ପିପି ଏକାଡେମୀ ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କରୁଛନ୍ତି।

**ପତିତପାବନ ଏକାଡେମୀ ହୀରକ ଜୟନ୍ତୀର ଲୋଗୋ ଉନ୍ମୋଚନ**

ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ପତିତପାବନ ଏକାଡେମୀ ପରିସରରେ ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଛି। ପିପି ଏକାଡେମୀ ହୀରକ ଜୟନ୍ତୀ କମିଟି ସଭାପତି ଶଶୀଭୂଷଣ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦୀକ୍ଷିତ ଯୋଗଦାନ କରି ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି କୁଳପତି ପ୍ରଫେସର ମହାପାତ୍ର ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା ହିଁ ସମୃଦ୍ଧ ସମାଜର ମୂଳ ଭିତ୍ତି ବୋଲି କହିଥିଲେ। ଜାପାନ ଦେଶର ନାଗରିକଙ୍କ ଶୃଙ୍ଖଳିତ ଜୀବନ ସମ୍ପର୍କରେ ସେ ଅନେକ ଉଦାହରଣ ଦେଇଥିଲେ। ଛାତ୍ରମାନେ ଶୃଙ୍ଖଳିତ ଏବଂ ଅଧ୍ୟବସାୟ ବଳରେ ଆମ ଦେଶକୁ ମଧ୍ୟ ଆଗକୁ ନେଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ ବେହେରା ତାଙ୍କ ବକ୍ତବ୍ୟରେ ପିପି ଏକାଡେମୀର ଶୃଙ୍ଖଳିତ ଶିକ୍ଷକ ଓ ଛାତ୍ରଙ୍କ ସମ୍ପର୍କରେ କହିବା ସହ ଶିକ୍ଷା ଓ ସମାଜର ଉନ୍ନତିରେ ନାଗରିକ ସମାଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଉପରେ କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଦୀକ୍ଷିତ ଏହି ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦାନ କରିବାର ପ୍ରଥମ ଦିନର ଅନୁଭୂତି, ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡା ଏବଂ ଲତା ପଣ୍ଡାଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ଶେଖର ସେଠ୍ ଲୋଗୋ ପ୍ରସ୍ତୁତି କରିଛନ୍ତି। ସଭା ପ୍ରାରମ୍ଭରେ ସ୍କୁଲ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ପ୍ରଧାନ ଶିକ୍ଷକ ସିନ୍ଧୁ ସୁନ୍ଦର ପାଢ଼ୀ ପରିଚାଳନା କରିଥିଲେ। ଶେଷରେ ହୀରକ ଜୟନ୍ତୀ କମିଟି କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରତିଷ୍ଠାତାଙ୍କ ପୁଅ ସନ୍ତୋଷ ପଣ୍ଡା ଓ ପୁତ୍ରବଧୂ ପଙ୍କଜିନୀ ପଣ୍ଡା, ପ୍ରାକ୍ତନ ଶିକ୍ଷକ ବିବେକାନନ୍ଦ ମିଶ୍ର ଓ ରଘୁନାଥ ମିଶ୍ର, ପୁରାତନ ଛାତ୍ର ପ୍ରଭାସ ପାଣିଗ୍ରାହୀ, ହେମନ୍ତ ପଣ୍ଡା, ସନ୍ତକ ବହିଦାର, ସତ୍ୟ ମିଶ୍ର, ପ୍ରଦୀପ ସାହୁ, ଅଫତାବ ହୁସେନ୍, ଶଙ୍କରଲାଲ ଅଗ୍ରୱାଲ, ଶିବନାରାୟଣ ରଥ, ଜୟ ପ୍ରକାଶ ପୁରୋହିତ, ମହେନ୍ଦ୍ର ପ୍ରଧାନ, ରଘୁନନ୍ଦନ ସିଂ, ଋତୁରାଜ ସିଂ, ଶରତ ଚନ୍ଦ୍ର ମିଶ୍ର, ଶରତ ପଣ୍ଡା, ବ୍ରହ୍ମାନନ୍ଦ ବନ୍‌ଛୋର, ବର୍ତ୍ତମାନର ଛାତ୍ର, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

# ବିଧବା ମହିଳାଙ୍କୁ ବ୍ଲାକମେଲିଂ: ନ୍ୟାୟ ଭିକ୍ଷା

- ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ
- ପୀଡ଼ିତାଙ୍କ ଅଭିଯୋଗ ପରେ ଅଭିଯୁକ୍ତ ଫେରାର

ଲୋଇସିଂହା,୫।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିଧବା ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିବାକୁ ଯାଇ ଜଣେ ସରକାରୀ କର୍ମଚାରୀ ପୂର୍ବରୁ ରଖିଥିବା ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଭିଡିଓ ଭାଇରାଲ ହେବା ଜାଣିବା ପରେ ସମ୍ପୃକ୍ତ ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରାଯିବା ସହ ଆକ୍ରମଣ କରାଯାଇଛି। ଏ ନେଇ ମହିଳା ଜଣକ ସୋମବାର ଆଗଲପୁର ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଥାନାରେ ନଂ ୧୮୬/୨୪ରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗରୁ ପ୍ରକାଶ ଯେ, ପ୍ରାୟ ଦେଢ଼ବର୍ଷ ତଳେ ସମ୍ପୃକ୍ତ ମହିଳା ଜଣଙ୍କୁ ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ପିଡିଏସ ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଥିଲେ। ସେ ଯାଇ ପିଡିଏସ ଚାଉଳ ନେବାବେଳେ ସେଠାରେ କେହି ନ ଥିବାର ସୁଯୋଗ ନେଇ ସେହି କର୍ମଚାରୀ ତାଙ୍କୁ ଏକ ନିଛାଟିଆ କୋଠରୀକୁ ଡାକିନେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ତାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ନେଇଥିଲେ। ଉକ୍ତ ଭିଡିଓକୁ ନେଇ ବ୍ଲାକମେଲିଂ କରି ପ୍ରାୟ ସମୟରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। କିଛିଦିନ ପୂର୍ବରୁ କର୍ମଚାରୀ ଜଣକ ସମ୍ପର୍କ ରଖିବାକୁ ସମ୍ପୃକ୍ତ ପୀଡିତାଙ୍କୁ ଡାକିଥିଲେ। ହେଲେ ସେ ନ ଆସିବାରୁ ପୂର୍ବରୁ ରଖିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ କର୍ମଚାରୀ ଏବଂ ତାଙ୍କ ସହଯୋଗୀ ଭାଇରାଲ କରିଥିଲେ। ଏ ସଂକ୍ରାନ୍ତରେ ପୀଡିତା ଜଣକ ଗତ ୨ ତାରିଖରେ ଜାଣିବାକୁ ପାଇଥିଲେ। ସେହିଦିନ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ କରିବାରୁ ତାଙ୍କୁ ସମ୍ପୃକ୍ତ କର୍ମଚାରୀ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରି କି ହତ୍ୟା ଧମକ ଦେବାକୁ ପଛାଇ ନ ଥିଲେ। ଏହାଛଡା ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ କର୍ମଚରୀଙ୍କ ସହଯୋଗୀ ମହିଳାଙ୍କ ମୁଣ୍ଡରେ ଏକ କାର୍ ଚାବିରେ ବାରମ୍ବାର ଆଘାତ କରିବା ଦ୍ୱାରା ସେ ସେଠାରେ ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନାରୁ ଘରକୁ ଆସିବା ପରେ ଏନେଇ ପୀଡିତା ଅଭିଯୋଗ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି, ଅଭିଯୋଗ ହେଲା ପରେ ଏକ ମାମଲା ରୁଜୁ ହୋଇଛି। ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି।

# କଂସ ଦରବାର, ଲୋକନୃତ୍ୟ ଓ ମୀନାବଜାର ଆକର୍ଷଣର କେନ୍ଦ୍ର


ଭୀମପାହାଡ ମହୋତ୍ସବ ଉଦ୍‌ଯାପନୀ ଅବସରରେ କଂସ ଦରବାର।

**ଦଶମ ଭୀମପାହାଡ଼ ମହୋତ୍ସବ ଉଦ୍‌ଯାପିତ**

ଦେଓଗାଁ,୫।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ଗିରି ଗୋବର୍ଦ୍ଧନ ପୂଜା ଅବସରରେ ଚାଲିଥିବା ୧୦ମ ଭୀମପାହାଡ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କମିଟି ସଭାପତି ପ୍ରମୋଦ କୁମାର ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର, ସମ୍ମାନିତ ଅତିଥି ଭାବେ ଡ. ସଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଆବାହକ ଲକ୍ଷ୍ମଣ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ ଦଳ ଦ୍ୱାରା ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ରବିନ୍ଦ୍ର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର, ୨୪ ପ୍ରହରୀ ନାମଯଜ୍ଞ ଓ ମିନାବଜାର ମୁଖ୍ୟ ଆକର୍ଷଣ ସାଜିଥିଲା। ମହୋତ୍ସବରେ ଜିଲା ତଥା ଜିଲା ବାହାରର ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଶୈଳେନ୍ଦ୍ର କୁମାର ସାହୁ, ସମ୍ପାଦକ ଗୋବର୍ଦ୍ଧନ ସାହୁ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ ତଥା ଗିରି ଗୋବର୍ଦ୍ଧନ ପୂଜା ପରିଚାଳନା କମିଟି ତଥା ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଟିଟିଲାଗଡ,୫।୧୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆବାସ ଯୋଜନା, ଭତ୍ତା, ଚିକିତ୍ସା ସହାୟତା, ଜମିଜମା ସମ୍ବନ୍ଧୀୟ ଅଭିଯୋଗଗୁଡିକ ପଞ୍ଜୀକୃତ ହୋଇଥିଲା। ଶିବିରରେ ମୋଟ ୪୯ ଗୋଟି ଅଭିଯୋଗ ମଧ୍ୟରୁ ୪୩ଟି ବ୍ୟକ୍ତିଗତ ଓ ୬ଟି ସାମୁହିକ ଥିଲା। ତତ୍କାଳ ୮ ଗୋଟି ଆବେଦନର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ଯଥାଶୀଘ୍ର ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ଶିବିରରେ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ସହରୀ ଉନ୍ନୟନ ସଂସ୍ଥା, ପ୍ରଫୁଲ୍ଲ କୁଜୁର, ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରି ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ଆବର୍ଜନାରେ ଭର୍ତ୍ତି ରେଲୱେ ରାସ୍ତା

**ଦୁର୍ଗନ୍ଧରେ ଲୋକେ ଅତିଷ୍ଠ**

ଲାଠୋର,୫।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ(ଲାଠୋର) ରେଳଷ୍ଟେଶନ ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡି ରହିଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିକଟ ଦେଇ ଦେଶର ବିଭିନ୍ନ ସ୍ଥାନକୁ ରେଳ ଚଳାଚଳ କରୁଛି। ରାଜ୍ୟ ତଥା ରାଜ୍ୟ ବାହାର ଲୋକ ଏଠାକୁ ଯିବା ଆସିବା କରୁଛନ୍ତି। ଷ୍ଟେଶନକୁ ଯିବା ଆସିବା ପାଇଁ ଥାନା ଦେଇ ରାସ୍ତା ରହିଥିବା ବେଳେ ଷ୍ଟାଫ କଲୋନୀ ଦେଇ ମଧ୍ୟ ଅନ୍ୟ ଏକ ରାସ୍ତା ରହିଛି। ହେଲେ ଷ୍ଟାଫ କଲୋନୀ ଦେଇ ଯାଇଥିବା ରାସ୍ତାର ଦୁଇ କଡ଼ରେ ଅଳିଆ, ଆବର୍ଜନା ପଡିରହିଛି। ବିଶେଷ କରି ଆଖପାଖରେ ଥିବା ଦୋକାନ ବଜାର ଓ ହୋଟେଲରୁ ବାହାରୁଥିବା ଆବର୍ଜନା ଉକ୍ତ ରାସ୍ତା କଡ଼ରେ ପକାଇ ଦେବା ଯୋଗୁ ଦୁର୍ଗନ୍ଧ ହେଉଛି। ଆବର୍ଜନା ପଡିଥିବା ସ୍ଥାନରେ ସବୁବେଳେ ବୁଲା କୁକୁରଙ୍କ ଭିଡ ଜମୁଛି। କୁକୁରଙ୍କ ପାଇଁ ସେହି ବାଟ ଦେଇ ଯାଉଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଜୀବନ ପ୍ରତି ବିପଦ ରହୁଛି। ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# କରଣ ସମାଜର ଚିତ୍ରଗୁପ୍ତ ପୂଜା

ଟିଟିଲାଗଡ଼,୫।୧୧(ଶରତ ମିଶ୍ର): ଚିତ୍ରଗୁପ୍ତ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ଚିତ୍ରଗୁପ୍ତ ପୂଜା ଏବଂ କରଣ ସମାଜର ବାର୍ଷିକ ଉତ୍ସବ ରବିବାର ସତୀଘାଟସ୍ଥିତ କରଣ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କରଣ ସମାଜ ପରିବାରର ବହୁ ସଦସ୍ୟ ଏହି ପୂଜାନୁଷ୍ଠାନରେ ସାମିଲ ହୋଇଥିଲେ। ଏହି ଅବସରରେ କରଣ ସମାଜ ପରିବାରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ମାଠିଆ ଫଟା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ଦୟାସାଗର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ମହାନ୍ତି, କୋଷାଧ୍ୟକ୍ଷ ଶଙ୍କର୍ଷଣ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ସୀତାରାମ ପଟ୍ଟନାୟକ, ଚକ୍ର ପଟ୍ଟନାୟକ, ସୌମେନ୍ଦ୍ର ପଟ୍ଟନାୟକ, ପ୍ରକାଶ ମହାନ୍ତି, ଦେବୁ ପଟ୍ଟନାୟକ, ଜିତେନ ପଟ୍ଟନାୟକ, ନିରୋଜ ପଟ୍ଟନାୟକ, ରମେଶ ପଟ୍ଟନାୟକ, ବିନୋଦ ପଟ୍ଟନାୟକ, ତାରକେଶ୍ୱର ପଟ୍ଟନାୟକ, ଭୁବନେଶ୍ୱର ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ସଞ୍ଜୀବ ପଟ୍ଟନାୟକ, ଆଇନ ପରାମର୍ଶଦାତା ପ୍ରଦୀପ ମହାନ୍ତି, ମହେଶ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।


ଗୋସେବା କେନ୍ଦ୍ରରେ ଲକ୍ଷ୍ମୀ ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲର ଛାତ୍ରୀଛାତ୍ର।

# ସ୍କୁଲ ଛାତ୍ରୀଛାତ୍ରଙ୍କ ଗୋସେବା କେନ୍ଦ୍ର ପରିଦର୍ଶନ

କଣ୍ଟାବାଞ୍ଜି,୫।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ରୋଡ ନଂ.୪ସ୍ଥିତ ଗୋ ସେବା କେନ୍ଦ୍ରକୁ ସ୍ଥାନୀୟ ଲକ୍ଷ୍ମୀ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲର ଛାତ୍ରୀଛାତ୍ର ନିକଟରେ ପରିଦର୍ଶନ କରିଥିଲେ। ଗିରି ଗୋବର୍ଦ୍ଧନ ପୂଜା ପାଳନ ଅବସରରେ ସ୍କୁଲର କୁନି କୁନି ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନେତୃତ୍ୱରେ ସେଠାକୁ ପରିଦର୍ଶନରେ ଯାଇଥିଲେ। କଣ୍ଟାବାଞ୍ଜି ସହରାଞ୍ଚଳ ତଥା ଆଖପାଖ ଅଞ୍ଚଳର ବୁଲା ତଥା ଦୁର୍ଘଟଣାଗ୍ରସ୍ତ ଗୋରୁକୁ ଏହି ଗୋ ସେବା କେନ୍ଦ୍ରରେ ସେବା ଯୋଗାଇ ଦିଆଯାଉଛି। ନିଜ ଖର୍ଚ୍ଚରେ ମନୋଜ ଚିନାଗୁନ କରିଥିବା ଏହି ଗୋ ସେବା କେନ୍ଦ୍ରରେ ଦୀର୍ଘ ୧୦ବର୍ଷ ହେଲା ସେବା ଚାଲିଛି। ଅସହାୟ ଗୋରୁଙ୍କ ସେବା କରିବା ଲକ୍ଷ୍ୟ ନେଇ ସେ ଏକ ଗୋ ସେବା ସଂଘ ଗଠନ କରି ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସେବା ଯୋଗାଇ ଆସୁଛନ୍ତି। ଲକ୍ଷ୍ମୀ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସୁପ୍ରିୟା ମିଶ୍ରା, ଅଞ୍ଜୁ ବରିହା, ସୋନାଲି ବାରିକଙ୍କ ନେତୃତ୍ୱରେ ପରିଦର୍ଶନ ଯାଇଥିବା ଛାତ୍ରୀଛାତ୍ର ଗୋରୁଙ୍କୁ ପୂଜା ଅର୍ଚ୍ଚନା କରିଥିଲେ।

# ବଲାଙ୍ଗୀର ଲୋକ ଉତ୍ସବ ପାଳନ ନେଇ ଅନିଶ୍ଚିତତା

- ଜରୁରୀ ବୈଠକ ଡାକିଲେ କଳାକାର, ସଙ୍ଗଠକ
- ଲୋକ ଉତ୍ସବ ପାଳନ ନ ହେଲେ ଆନ୍ଦୋଳନ ଚେତାବନୀ

ବଲାଙ୍ଗୀର,୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକ ଉତ୍ସବ ପାଳନକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଗତବର୍ଷ ଏଭଳି ଅନିଶ୍ଚିତତା ଲାଗି ରହିବାରୁ ଏହା ପାଳନ ହୋଇପାରି ନ ଥିଲା। ଚଳିତବର୍ଷ ମଧ୍ୟ ଏନେଇ ଅନିଶ୍ଚିତତା ଏବଂ ପ୍ରଶାସନିକ ଅନାଗ୍ରହ ଲାଗି ରହିଥିବାରୁ ସହରର ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ,ଅନୁଷ୍ଠାନର ପ୍ରତିନିଧି ଓ କଳାକାରମାନେ ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲ ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଡାକି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବରିଷ୍ଠ କଳାକାର ମୁରଲୀଧାରୀ ପତି, କାଳୀ ପ୍ରସାଦ ଷଡଙ୍ଗୀ, କପିଳେଶ୍ୱର ଖମାରୀ, ରାମ ଦାଶ, ମଧୁସୂଦନ ନାୟକ, ବ୍ରହ୍ମାନନ୍ଦ ବନ୍‌ଛୋର, ନୟନ ମହାନ୍ତି, ମହେନ୍ଦ୍ର ଦର୍ଜୀ, ରଘୁନନ୍ଦନ ସିଂ, ସଙ୍ଗୀତା ଦାଶ, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ସୁମିତ ପୁରୋହିତ, ଜନ୍ମ ବାରିକ, ପ୍ରକାଶ ଥନାପତି, ବାସୁଦେବ ମେହେର, ଅଶୋକ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗତବର୍ଷ ବିଭିନ୍ନ କାରଣରୁ ଲୋକ ଉତ୍ସବ ହୋଇପାରି ନ ଥିଲା। ଯେ କୌଣସି କାରଣରୁ ମଧ୍ୟ ଜିଲାର କଳାକାର, ଶିଳ୍ପୀମାନେ ମଞ୍ଚ ପାଇବାରୁ ବଞ୍ଚିତ ହୋଇଥିଲେ। ଚଳିତବର୍ଷ ସେଇ ସମସ୍ୟା ଲାଗି ରହିଛି। ବିଶେଷକରି ଜିଲା ସଂସ୍କୃତି ଅଧିକାରୀ ଲୋକ ଉତ୍ସବ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି ବୋଲି କେତେଜଣ କଳାକାର ଓ ସଙ୍ଗଠକ ଅଭିଯୋଗ କରିଥିଲେ। ଚଳିତବର୍ଷ ଲୋକ ଉତ୍ସବ ଆୟୋଜନ ପାଇଁ ଢ଼େର ପୂର୍ବରୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ କେତେଜଣ କଳାକାର ଜିଲାପାଳଙ୍କୁ ଭେଟି ଲୋକ ଉତ୍ସବ ଆୟୋଜନ ନେଇ ଅନୁରୋଧ କରାଯାଇଥିଲା। ତେବେ ଜିଲାପାଳ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନେଇ ନାହାନ୍ତି ବୋଲି କଳାକାରମାନେ ବୈଠକ କରି ଅସନ୍ତୋଷ ଜାହିର କରିଥିଲେ। କିଭଳି ଭାବେ ଚଳିତବର୍ଷ ଲୋକ ଉତ୍ସବ ହେବ ସେନେଇ ପଦକ୍ଷେପ ନେବାକୁ ଆଉ ଥରେ ଜିଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନ ଏ ଦିଗରେ ଆଗ୍ରହ ନ ଦେଖାଇଲେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।


ବଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲରେ କଳାକାରମାନେ ଲୋକ ଉତ୍ସବ ପାଳନ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି।

# ଗ୍ରାମ୍ୟ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

ଦେଓଗାଁ,୫।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଦେଓଗାଁ ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରିୟରଞ୍ଜନ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ବିବରଣୀ ପଠନ କରିଥିଲେ। ବୈଠକ ପ୍ରାରମ୍ଭରେ ଗୌରଗୋଠ ପଞ୍ଚାୟତର ସମିତିସଭ୍ୟ ସ୍ୱର୍ଗତ ଟଙ୍କଧର ବେରିଆଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଗ୍ରାମ୍ୟ ପାନୀୟଜଳ ଯୋଗାଣରେ ବ୍ୟାପକ ଭାବେ ଅବ୍ୟବସ୍ଥା ଲାଗି ରହିଥିବା ନେଇ ଗୃହରେ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ମାଣ ହୋଇଥିବା ତଥା ନିର୍ମାଣାଧୀନ ଅନେକ ପ୍ରକଳ୍ପରେ ଘୋର ଅନିୟମିତତା ହୋଇଥିବାରୁ ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ଏଥିସହ ଦେଓଗାଁ କସ୍ତୁରବାଗାନ୍ଧୀ ବିଦ୍ୟାଳୟକୁ ପାନୀୟଜଳ ଯେଗାଣ ପାଇଁ ସାଗରପାଲି ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରଶ୍ନ ଉଠାଇଥିଲେ। ସିକୁଆଁ ଓ ଜରାସିଂହାର ଇନଟେକୱେଲଗୁଡିକରେ ଢ଼ାଙ୍କୁଣି ଲଗାଇ ନ ଥିବାରୁ ପାଣି ଦୂଷିତ ହେଉଥିବା ନେଇ ଉଭୟ ପଞ୍ଚାୟତର ସରପଞ୍ଚ କ୍ଷୋଭପ୍ରକାଶ କରିଥିଲେ। ସେହିପରି ହାତୀସରା ପଞ୍ଚାୟତର ନାଇକେନସିରା ଗାଁର ଉପରପଡା ଓ ଦାବଲିକାନୀର ଲୋକ ପାନୀୟ ଜଳରୁ ବଞ୍ଚିତ ଥିବା ସମିତିସଭ୍ୟ ବିଶ୍ୱଜିତ ପାତ୍ର ଅଭିଯୋଗ ଉଠାଇଥିଲେ। ବନ୍ଧପଡା ପଞ୍ଚାୟତର ଟେପ୍ରେନ ଓ ଘାଟୁଲଡୁଙ୍ଗୁରୀ ଗାଁକୁ ମଧ୍ୟ ପାନୀୟଜଳ ଯୋଗାଣ ହୋଇପାରୁ ନ ଥିବା ନେଇ ସରପଞ୍ଚ ଅଭିଯୋଗ କରିଥିଲେ। ମହଲାଇ ପଞ୍ଚାୟତର ବଲାରପାଲି ଭଳି କେତେକ ଗାଁରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଥିବାରୁ ଉକ୍ତ ଗାଁଗୁଡିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ପାଇଁ ସରପଞ୍ଚମାନେ ଦାବି କରିଥିଲେ। ପ୍ରତ୍ୟହ ୩ ଶହରୁ ଊର୍ଦ୍ଧ୍ୱ ରୋଗୀ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଥିଲା। ସ୍କୁଲ ଡ୍ରେସ ବଣ୍ଟନର ଟେଣ୍ଡରରେ ବଡଧରଣର ଫିକ୍ସିଂ ହୋଇଛି ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ବ୍ଲକରୁ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଆସିଥିବା ଅର୍ଥ କାମ ନ ହୋଇ ଫେରିଯିବା ଦୁର୍ଭାଗ୍ୟର ବିଷୟ ବୋଲି କହିବା ସହ ଏହାର ତଦନ୍ତ ଦାବି କରିଥିଲେ ଜନପ୍ରତିନିଧିମାନେ। ରାଏପାଲି ଗାଁ ରାସ୍ତା ମରାମତି ଦାବି କରିବା ସହ ଆଦର୍ଶ ଗାଇଗୁହାଳ କାମ ସମ୍ପୂର୍ଣ୍ଣ କରି ସାରିଥିବା ହିତାଧିକାରୀଙ୍କୁ ଶୀଘ୍ର ବିଲ୍ ପ୍ରଦାନ କରିବା ପାଇଁ ଦାବି କରିଥିଲେ ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର। ବୈଠକକୁ ଆରଡି, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗ, ମୃର୍ତ୍ତିକା ସଂରକ୍ଷଣ ଆଦି ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବା ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶେଷରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଜିଆର୍‌ଏସ୍‌ଙ୍କ ମୃତ

ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ): ବରପାଲି ବ୍ଲକ ମହୁଲପାଲି ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟରତ ପଦ୍ମପୁର ଉପଖଣ୍ଡ ଖୁଜେନ ଗାଁର ଘନଶ୍ୟାମ ବରିହା ବୟସ (୩୦) ଦୁଇଦିନ ତଳେ ବରପାଲିରୁ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ବିଜେପୁର ବଲଣ୍ଡା ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଛି। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟର ଗୀତା ପାଠଶାଳା

ପାଇକମାଲ,୫।୧୧(ବଡ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗ୍ରାମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଗୀତା ପାଠଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀର ସଚିନ ଭାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଲୋକ ଭାଇ, ଗୋବିନ୍ଦ ଭାଇ, ଅଶୋକ ଭାଇ, ପାଇକମାଲ ସଂଚାଳିକା ମୀରା ଭଉଣୀ ଉପସ୍ଥିତ ଥିଲେ। ଆତ୍ମାର ସ୍ୱରୂପ ପରିଚୟ ତଥା ବିଶ୍ୱ ପରିବର୍ତ୍ତନ ଉପରେ ସଚିନ ଭାଇ ନିଜ ଅନୁଭବକୁ ଉପସ୍ଥାପନ କରିଥିଲେ। ତ୍ୟାଗ, ନିଷ୍ଠା, ଶ୍ରଦ୍ଧା, ଦୃଢ଼ତା ତଥା ପୂର୍ଣ୍ଣ ସମର୍ପଣ ଦ୍ୱାରା କିପରି ଅସମ୍ଭବ ସମ୍ଭବ ହୁଏ ତାହା ବ୍ୟକ୍ତ କରିଥିଲେ।

### ବିବେକାନନ୍ଦ ପାଠାଗାର ଉଦ୍‌ଘାଟିତ

ପାଇକମାଲ,୫।୧୧(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଲ ବ୍ଲକ ବଇଦପାଲି ଗ୍ରାମରେ ବିବେକାନନ୍ଦ ବିଶ୍ୱଚେତନା ଅଭିଯାନ ଆନୁକୂଲ୍ୟରେ ବିବେକାନନ୍ଦ ପାଠାଗାର ଓ ଧ୍ୟାନକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ୟାମଲାଲ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ପାଠାଗାର କିପରି ଅନ୍ୟ ଅଞ୍ଚଳବାସୀଙ୍କ ପାଇଁ ଆଦର୍ଶ ଭାବେ ପରିଗଣିତ ହେବ ତାହା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ କହିଥିଲେ। ପାଇକମାଳ ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏବଂ ଡାକ୍ତର ଚୈତନ୍ୟ କୁମାର ସାହୁ ଏହି ପାଠାଗାର ଗ୍ରାମବାସୀଙ୍କ ପାଇଁ ଉପଯୋଗୀ ସିଦ୍ଧ ହେବ ବୋଲି କହିଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଟିଟିଲାଗଡ,୫।୧୧(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ବଲାଙ୍ଗୀର ଜିଲାପାଳ ଗୌରବ ଶିଓାଜୀ ଇସଲୱାର ଓ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆବାସ ଯୋଜନା, ଭତ୍ତା, ଚିକିତ୍ସା ସହାୟତା, ଜମିଜମା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଥିଲା । ଶିବିରରେ ମୋଟ ୪୯ ଗୋଟି ଅଭିଯୋଗ ମଧ୍ୟରୁ ୪୩ଟି ବ୍ୟକ୍ତିଗତ ଓ ୬ଟି ସାମୁହିକ ଥିଲା ।

# ୨୦ରୁ ବରଗଡ଼ ଜିଲାରେ ଧାନ ସଂଗ୍ରହ

ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ)

ଖରିଫ ବର୍ଷ ୨୦୨୪-୨୫ ଧାନ ସଂଗ୍ରହ ଲାଗି ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀ ଯେପରି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରଶାସନର ଆଦେଶ ଖିଲାପକାରୀ ଅଧିକାରୀ, ମିଲର୍ସ ତଥା ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସମେତ ଜିଲାର ବରଗଡ଼ ବ୍ୟତୀତ ଅନ୍ୟ ନିର୍ବାଚନ ମଣ୍ଡଳୀର ବିଧାୟକ ଉପସ୍ଥିତ ରହି ଚାଷୀ କିଭଳି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ସହ ମଣ୍ଡିରେ ଦଲାଲଙ୍କ ସମ୍ପୃକ୍ତି ଏବଂ କଟନି ଛଟନି ଭଳି ଅବ୍ୟବସ୍ଥା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳ ତଥା ଉପସ୍ଥିତ ଲୋକ ପ୍ରତିନିଧିଙ୍କ ଅନୁମୋଦନ କ୍ରମେ ଆଗାମୀ ୨୦ ତାରିଖରୁ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଥିଲା। ଏଥିସହ ଜିଲାର ସମୁଦାୟ ୧୨ଟି ବ୍ଲକ ତଥା ବରଗଡ଼, ଅତାବିରା ଏବଂ ପଦ୍ମପୁର ଆର୍‌ଏମ୍‌ସିରୁ ସମୁଦାୟ ୨୦୫ଟି ପିପିସି ଦ୍ୱାରା ଧାନ ସଂଗ୍ରହ କରାଯିବ। ଚାଷୀଙ୍କ ସୁବିଧା ପାଇଁ ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେଟ୍ ବ୍ରିଜ୍, ବିଶ୍ଳେଷଣ କିଟ୍ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଥିବା ମଡେଲ ମଣ୍ଡି ବ୍ୟବସ୍ଥା କରାଯାଇଛି। ସେହିପରି ଜିଲାର ସମସ୍ତ ମାର୍କେଟ ୟାର୍ଡରେ କଳାବଜାର ରୋକିବା ପାଇଁ ଜିଲା ଏବଂ ଉପଖଣ୍ଡ କଣ୍ଟ୍ରୋଲ ରୁମ୍ ସିସିଟିଭି ଲାଇଭ ଫୁଟେଜ ଦ୍ୱାରା ୨୪ ଘଣ୍ଟା ତଦାରଖ କରାଯିବ। ଚାଷୀଙ୍କ ପୂର୍ବ ସମସ୍ୟା ଗୁଡିକର ଆଲୋଚନା ତଥା ପରାମର୍ଶ ଆଧାରରେ ଜିଲାପାଳ ଏବର୍ଷ ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ କୌଣସି ମିଲର, ଆର୍‌ଏମ୍‌ସି ଅଧିକାରୀ ଏବଂ ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତଲା ଦେବା କିମ୍ବା ଟୋଲ ଫ୍ରି ନଂ-୧୯୬୭ କିମ୍ବା ୦୬୬୪୬-୨୪୬୦୪୧ ରେ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ଭିତ୍ତିଭୂମି ସୁବିଧା ଲାଗି ପ୍ରଶାସନ ତରଫରୁ ମଡେଲ ମଣ୍ଡି ବ୍ୟବସ୍ଥା ସହିତ ଚାଷୀଙ୍କୁ ଗ୍ରାମପଞ୍ଚାୟତ ସ୍ତରରେ ଝୋଟ ବ୍ୟାଗ୍ ଯୋଗାଇବା କିମ୍ବା ଚାଷୀ ଦେଇଥିବା ବ୍ୟାଗ୍‌ର ଉଚିତ ମୂଲ୍ୟ ମିଲର ବହନ କରିବେ ଏବଂ ଏହାର ତଦାରଖ ଲାଗି ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ସେ ମଣ୍ଡି ସ୍ତରରେ ସମସ୍ତ ଚାଷୀ କିଭଳି ଠିକ୍ ଭାବେ ପଇସା ପାଇବେ ସେ ବ୍ୟବସ୍ଥା ହେବ ବୋଲି ଜିଲାପାଳ କହିଥିଲେ।

ଏତଦ୍‌ବ୍ୟତୀତ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ଅଭିଯୋଗ ଗ୍ରହଣ ଲାଗି ସ୍ୱତନ୍ତ୍ର ରେଜିଷ୍ଟର ସହ ଜିଲା ମୁଖ୍ୟାଳୟରେ ଅଭିଯୋଗ ଗ୍ରହଣ ଲାଗି ଏକ ସ୍ୱତନ୍ତ୍ର ଟୋଲ ଫ୍ରି ନମ୍ବର ଜାରି କରାଯିବ ଏବଂ ରେଜିଷ୍ଟ୍ରେଶନ ପରେ ଚାଷୀଙ୍କ ମୋବାଇଲରେ ମଣ୍ଡିକୁ ଧାନ ନେଇଯିବା ତାରିଖ ସୂଚନା ଆସିବ ଏବଂ ଗୋଟିଏ ଟୋକନର ଅବଧି ୩୦ ଦିନ ପର୍ଯ୍ୟନ୍ତ ରହିବ। ଧାନ ଦେବାର ୪୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ଦ୍ୱାରା ଟଙ୍କା ପଠାଯିବ। ପ୍ରତ୍ୟେକ ଆର୍‌ଏମ୍‌ସି ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଧାନ ସଂଗ୍ରହ ତାରିଖ ତଥା ଅନ୍ୟାନ୍ୟ ବିବରଣୀ ବିଷୟରେ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତି ଆର୍‌ଏମ୍‌ସି ଅଧ୍ୟକ୍ଷଙ୍କୁ ଗାଁ ଗାଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକନ୍ ଦେବା ବ୍ୟବସ୍ଥା, କଳାବଜାର କିମ୍ବା ଆବଶ୍ୟକ ଧାନ ପଡୋଶୀ ଜିଲାକୁ ସ୍ଥାନାନ୍ତର ଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜିଲାର ସମସ୍ତ ସୀମାରେଖାରେ ପୋଲିସ୍ ମୁତୟନ ସହ କଡାକଡି ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମପୁର ଉପଜିଲାପାଳ ଆରାଗୁଲା ସ୍ନେହା ଏବଂ ଜିଲାର କୃଷକ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ବୈଠକ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଆବର୍ଜନାରେ ଭର୍ତ୍ତି ରେଲୱେ ରାସ୍ତା

### ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

ଲାଠୋର,୩।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ(ଲାଠୋର) ରେଳଷ୍ଟେଶନ ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡି ରହିଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିକଟ ଦେଇ ଦେଶର ବିଭିନ୍ନ ସ୍ଥାନକୁ ରେଳ ଚଳାଚଳ କରୁଛି। ରାଜ୍ୟ ତଥା ରାଜ୍ୟ ବାହାର ଲୋକ ଏଠାକୁ ଯିବା ଆସିବା କରୁଛନ୍ତି। ଷ୍ଟେଶନକୁ ଯିବା ଆସିବା ପାଇଁ ଥାନା ଦେଇ ରାସ୍ତା ରହିଥିବା ବେଳେ ଷ୍ଟାଫ କଲୋନୀ ଦେଇ ମଧ୍ୟ ଅନ୍ୟ ଏକ ରାସ୍ତା ରହିଛି। ହେଲେ ଷ୍ଟାଫ କଲୋନୀ ଦେଇ ଯାଇଥିବା ରାସ୍ତାର ଦୁଇ କଡ଼ରେ ଅଳିଆ, ଆବର୍ଜନା ପଡିରହିଛି। ବିଶେଷ କରି ଆଖପାଖରେ ଥିବା ଦୋକାନ ବଜାର ଓ ହୋଟେଲରୁ ବାହାରୁଥିବା ଆବର୍ଜନା ଉକ୍ତ ରାସ୍ତା କଡ଼ରେ ପକାଇ ଦେବା ଯୋଗୁ ଦୁର୍ଗନ୍ଧ ହେଉଛି। ଆବର୍ଜନା ପଡିଥିବା ସ୍ଥାନରେ ସବୁବେଳେ ବୁଲା କୁକୁରଙ୍କ ଭିଡ ଜମୁଛି। କୁକୁରଙ୍କ ପାଇଁ ସେହି ବାଟ ଦେଇ ଯାଉଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଜୀବନ ପ୍ରତି ବିପଦ ରହୁଛି। ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।


ଖେଦାପାଲିରେ ପ୍ରଭାବିତ ପରିବାର ଓ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ଧାନ ଫସଲ ପୋତିଦେଲେ, ପ୍ରତିବାଦରେ ରାସ୍ତାରୋକୋ

ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଧାନ ଫସଲ ଉପରେ ମାଟି ପୋତିଦେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପ୍ରଭାବିତ ପରିବାର ଲୋକେ ଛୁଆପିଲା ଧରି ଗ୍ରାମବାସୀଙ୍କ ସହିତ ମଙ୍ଗଳବାର ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ଅନତିଦୂରରେ ବରଗଡ଼-ଭଟଲି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଜମି ବିବାଦରୁ ଏଭଳି ସ୍ଥିତି ଉପୁଜିଥିଲା। ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଏବଂ ରାସ୍ତାରୋକୋ ହଟିଥିଲା। ଏକ ପରିବାର ସେମାନଙ୍କ ଭାଗରେ ଥିବା ଜମି ବିକ୍ରି କରି ନ ଥିବା କହୁଥିବାବେଳେ ଜମି କ୍ରେତା ତାହା କିଣିଥିବା କହୁଛନ୍ତି। ଏ ନେଇ ସମ୍ପୃକ୍ତ ପରିବାର ଲୋକେ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଅନ୍ୟପକ୍ଷେ ସେହି ଜମିରେ ଚାଷ ହୋଇଥିବା ଧାନ ଫସଲରେ ରାତାରାତି ମାଟି ପୋତିଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

## ଅନୁସନ୍ଧାନ କଲେ ଉତ୍ତରାଞ୍ଚଳ ଆଇଜି

### ସୋନପୁରରେ ବିଡିଓ-ଖବରଦାତା ମାରପିଟ୍ ଘଟଣା

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଓ ଗଣମାଧ୍ୟମ ପ୍ରତିନିଧି ଧୀରେନ୍ଦ୍ର ଦାନୀଙ୍କ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ମାରପିଟ୍ ହୋଇଥିଲା। ଏହି ଘଟଣାରେ ବିଡିଓଙ୍କ ଅଭିଯୋଗ କ୍ରମେ ସୋନପୁର ପୋଲିସ ଦାନୀଙ୍କୁ ଗିରଫ କରିଥିଲା। ତେବେ ଦାନୀଙ୍କ ଅଭିଯୋଗ କ୍ରମେ ପୋଲିସ ବିଡିଓଙ୍କୁ ଗିରଫ କରିନି। ରାଜ୍ୟ ସାମ୍ବାଦିକ ସଂଘ ପକ୍ଷରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଥିଲା। ତଦନୁଯାୟୀ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମଙ୍ଗଳବାର ସୁବର୍ଣ୍ଣପୁର ଆସି ଘଟଣାର ଅନୁସନ୍ଧାନ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ସେ ଓଏଏସ୍ ଅଧିକାରୀ, ବ୍ଲକ ଅଫିସ ଷ୍ଟାଫ୍, ପଟାଭାଡି ଅଞ୍ଚଳର ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ସୋନପୁର ବ୍ଲକ ଅଫିସର କର୍ମଚାରୀମାନେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିବା ସହ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ବ୍ଲକ ଅଫିସରେ ବୁଧବାରଠାରୁ କିଛି ଦିନ ପାଇଁ ପୋଲିସ ଷ୍ଟାଫ୍ ମୁତୟନ ପାଇଁ ଆଇଜି, ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁଙ୍କୁ କହିଥିଲେ। ଆଇଜି ଘଟଣା ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।


ଆଇଜି ହିମାଂଶୁ ଲାଲ।

## ବିଡିଓଙ୍କୁ ଗିରଫ ଦାବିରେ ପ୍ରତିବାଦ ସଭା

ସୋନପୁର, ୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ତାଙ୍କ ପ୍ରକୋଷ୍ଠରେ ମାଡ ମାରିବା ଘଟଣାରେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଧୀରେନ୍ଦ୍ର ଦାନୀଙ୍କୁ ସୋନପୁର ଥାନା ପୋଲିସ ରାତିଅଧିଆ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ଦାନୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତେବେ ଦାନୀଙ୍କ ଅଭିଯୋଗକ୍ରମେ ବିଡିଓଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। କିନ୍ତୁ ତାଙ୍କୁ ପୋଲିସ ଗିରଫ କରିନି। ତେଣୁ ସମାନ ଅଭିଯୋଗରେ ବିଡିଓ ସ୍ୱାଇଁଙ୍କୁ ଗିରଫ କରିବା ପାଇଁ ଷ୍ଟେଟ୍ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ(ଏସ୍‌ୟୁଜେ) ପକ୍ଷରୁ ଦାବି କରାଯାଇଛି। ଏସ୍‌ୟୁଜେ ପକ୍ଷରୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଓଡ଼ିଶାରେ ଖବରଦାତା ସୁରକ୍ଷା ଆଇନ ଲାଗୁ କରିବା ପାଇଁ ସଂଘ ଦାବି କରିଛି। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ। ବରିଷ୍ଠ ଖବରଦାତା କିଶୋର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଭାପତି କିର୍ତ୍ତିଚନ୍ଦ୍ର ସାହୁ, ସମରେଶ ମିଶ୍ର, ମହେନ୍ଦ୍ର କୁମାର ଦର୍ଷି, ଶଶାଙ୍କ ଶେଖର ଝାଙ୍କର, ବିଭୂତି ପ୍ରସାଦ ପଣ୍ଡା, ଟୁନା ଜେନା, ଶଶୀଭୂଷଣ ଷଡଙ୍ଗୀ, ସରୋଜ କୁମାର ଓଝା, ନରେନ୍ଦ୍ର କୁମାର ସାହୁ, ଦୁର୍ଯ୍ୟୋଧନ ବିଶି, ଗୋପବନ୍ଧୁ ଶତପଥୀ, ରଞ୍ଜିତ ମହାକୁର, ଟିକେଶ୍ୱର ପ୍ରଧାନ, ଆଲୋକ ଦାସ, ସହଦେବ ମେହେର, ସରୋଜ ପଧାନ ଓ ମଣ୍ଟୁ ମନ୍ତ୍ରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଚିତ୍ରଗୁପ୍ତ ଦେବଙ୍କ ପୂଜା ମହୋତ୍ସବ

ପାଇକମାଲ,୫।୧୧(ବଡ ଶତପଥୀ)

ପଦ୍ମପୁର ଉପଖଣ୍ଡ କରଣ ସମାଜର ଆରାଧ୍ୟ ଦେବତା ମହାରାଜ ଚିତ୍ରଗୁପ୍ତଙ୍କ ପୂଜା ମହୋତ୍ସବ ପାଇକମାଲ ବ୍ଲକ ଅନ୍ତର୍ଗତ ପତ୍ରାଗୁଡ଼ା ଗ୍ରାମରେ ପାଳିତ ହୋଇଯାଇଛି। ପାଇକମାଲ ଓ ଝାରବନ୍ଧ ବ୍ଲକ ନୃସିଂହନାଥ ଜୋନ୍ କରଣ ସମାଜ ପକ୍ଷରୁ ଏହି ପୂଜା ମହୋତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ସମାଜର ମା, ଭଉଣୀମାନେ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳୀରେ ସ୍ଥାପନ କରିଥିଲେ। ପଣ୍ଡିତ ଗୋବର୍ଦ୍ଧନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜା ମହୋତ୍ସବରେ ଗୋକୁଳା ବହିଦାର ଓ ତାଙ୍କ ସ୍ତ୍ରୀ ମେଧା ବହିଦାର ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜାକାର୍ଯ୍ୟ ସମ୍ପାଦନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କରଣ ସମାଜ ସଭାପତି ବିସିକେଶନ ରାୟଙ୍କ ସଭାପତିତ୍ୱରେ ସମାଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଉପ ସଭାପତି ଟୁନା ରାୟ, ରାଜୀବ ପଟ୍ଟନାୟଙ୍କ, ସୁଧୀର ପଟ୍ଟନାୟକ, ଦେବଦତ୍ତ ମହାନ୍ତି, ଧୀରେନ ମହାନ୍ତି, ସରୋଜ ପଟ୍ଟନାୟକ, ବିଜୟାନନ୍ଦ ପଟ୍ଟନାୟକ, ପ୍ରମୋଦ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ତପନ କୁମାର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ସମାରୋହରେ ୧୦୦ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ବରଗଡ଼, ୫।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟର ବାର୍ଷିକୋତ୍ସବ ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ସମାଜସେବୀ ପ୍ରିତମ ସିଂ ମୁଖ୍ୟ ବକ୍ତା, ସମାଜସେବୀ ଅଞ୍ଜନା ଦାଶ, ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ, ଇଥାନଲ ପ୍ଲାଣ୍ଟର ଏଜିଏମ୍ ରଶ୍ମି ରଞ୍ଜନ ରାଉତ, ଶିକ୍ଷକ ଭରତ ସରାଫ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ମନୀଷ ଶର୍ମା ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଚ୍ଚନା ପ୍ରିୟଦର୍ଶିନୀ ବାଗ ଉଦଘୋଷକ ଦାୟିତ୍ୱ ତୁଲାଇଥିଲେ। ଅଙ୍କିତ କୁମାର ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦୦ ଯୁବ ପ୍ରତିଭାଧାରୀଙ୍କୁ ମାନପାତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୧୦ଜଣ ସଂସ୍ଥାର ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ଏହି ଅବସରରେ ଶିଶୁ କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ରାଜେଶ ବାରିକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପରେଶ କୁମାର ମେହେର, ବୃନ୍ଦାବନ ବେହେରା, ଶିବାନନ୍ଦ ମଟାରୀ, ରାଜକୁମାର ବନଛୋର, ବରୁଣ ଚକ୍ରବର୍ତ୍ତୀ, ସୁଜିତ ଦାଶ, ଡଃ ଅଜିତ ବାରିକ, ଶ୍ୟାମ ମେହେର, ମାନସ ରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ସାହୁ, ପାୟଲ ପାତ୍ର, ବାସମତୀ ବନ୍‌ଛୋର, ବର୍ଷାରାଣୀ ସରାଫ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଡଃ ଅଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।


ସମାରୋହରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଧାନ ଅମଳ ହେଲାଣି, ମଣ୍ଡି ଖୋଲିନି

### ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ଦେଉଛନ୍ତି ଚାଷୀ

ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଚାଷୀଙ୍କ ମାଳ ଜମିର ଧାନ ଅମଳ ହେଲାଣି। କିନ୍ତୁ ଏଯାଏ ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଧାନ ବିକି ପାରୁନାହାନ୍ତି। ଅପରପକ୍ଷେ ଚାଷୀ ଏଥର ୩୧୦୦ଟଙ୍କାରେ ଧାନ ବିକ୍ରି କରିବା ପାଇଁ ଆଶା ବାନ୍ଧିଥିଲେ ମଧ୍ୟ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଅମଳ ଧାନକୁ ବାଧ ହୋଇ ମାତ୍ର ୧୭୦୦/୧୮୦୦ଟଙ୍କାରେ ବେପାରୀଙ୍କୁ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ପଦ୍ମପୁର ବ୍ଲକର ଚାଷୀ ବଶିଷ୍ଠ ଖରସେଲ କହିଛନ୍ତି, ସେ ତିନି ଏକର ଜମିରେ ଧାନ ଫସଲ କରିଥିଲେ। ବର୍ତ୍ତମାନ ସେ ୧୧୨ ପ୍ୟାକେଟ ଧାନ ଅମଳ କରିଛନ୍ତି । ମାତ୍ର ଧାନ ରଖିବା ପାଇଁ ସ୍ଥାନ ନ ଥିବାରୁ ସେ କୁଇଣ୍ଟାଲ ପିଛା ମାତ୍ର ୧୭୫୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଛନ୍ତି। ପଦ୍ମପୁର ଅଞ୍ଚଳରେ ବେପାରୀମାନେ ସକ୍ରିୟ ହୋଇପଡିଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଆଗାମୀ ୨୧ ତାରିଖରେ ଧାନ ମଣ୍ଡି ଖୋଲାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ଏପର୍ଯ୍ୟନ୍ତ ଧାନ ସଂଗ୍ରହ କରିବା ପାଇଁ ଜିଲାସ୍ତରରେ କୌଣସି ନୀତି ନିର୍ଦ୍ଧାରଣ ହୋଇନାହିଁ। ଫଳରେ ଧାନ ସଂଗ୍ରହ ପ୍ରକ୍ରିୟା ଆହୁରି ବିଳମ୍ବ ହେବା ସହିତ ଦଲାଲଙ୍କ ଦ୍ୱାରା ଚାଷୀ ଶୋଷିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।


ପଦ୍ମପୁର ବ୍ଲକ ଦହିତା ଅଞ୍ଚଳରେ ଧାନ ଅମଳ କରି ରଖାଯାଇଛି।

# ଛଟ୍ ପର୍ବ ଆରମ୍ଭ, ୧୮ ଘାଟ ପ୍ରସ୍ତୁତ

ରାଉରକେଲା,୫।୧୧(ସଙ୍ଗୀତା ଜେନା)

ବିହାର, ଉତ୍ତରପ୍ରଦେଶ ତଥା ଉତ୍ତର ଭାରତୀୟଙ୍କ ମହାନ୍ ପ୍ରକୃତି ପୂଜା ଓ ଲୋକପର୍ବ ୪ ଦିବସୀୟ ଛଟ୍ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଝାଡ଼ଖଣ୍ଡ ସଂଲଗ୍ନ ସୁନ୍ଦରଗଡ଼ ତଥା ରାଉରକେଲାରେ ଏହି ପୂଜାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ରାଉରକେଲାରେ ଏଥିପାଇଁ ଜିଲା ପ୍ରଶାସନ ଓ ଇସ୍ପାତ କାରଖାନା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରତୀ ମାନଙ୍କ ପାଇଁ ୧୮ଟି ଘାଟ ପ୍ରସ୍ତୁତ କରାଯାଇଛି। ଝିରପାଣି, ବାଲୁଘାଟ, ରୁପୁଟୋଲା, ହାଡପକା ଘାଟ, ବେଦବ୍ୟାସ, ସେକ୍ଟର-୧୬, ହମିରପୁର, ବନ୍ଧମୁଣ୍ଡା, ତିଲକାନଗର, ହୋଟେଲ ସୁଶୀଲ କମ୍ପ୍ଲେକ୍ସ, ଗୋପବନ୍ଧୁପାଲୀ, ଯମୁନାନାକି ସମେତ କୋଏଲ ନଦୀ ଓ ଜଳାଶୟ ନିକଟରେ ମୋଟ ୧୮ଟି ଘାଟ କରାଯାଇଛି। ଚଳିତ ଥର ଦକ୍ଷିଣ ରାଉରକେଲା ଦେଓଗାଁ ଘାଟକୁ ଏଥିରୁ ବାଦ୍ ଦିଆଯାଇଛି। ଦେଓଗାଁ ତର୍କରା ପମ୍ପହାଉସ ନିକଟ ଘାଟକୁ ବିପଜ୍ଜନକ ଦର୍ଶାଇ ପୂଜା କରିବାକୁ ପ୍ରଶାସନ ବାରଣ କରିଛି। ବ୍ରତୀମାନଙ୍କ ସୁବିଧା ପାଇଁ ପ୍ରତ୍ୟେକ ଘାଟର ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ପୂଜା ସାମଗ୍ରୀ ଉପଲବ୍ଧ କରିବା, ଚେଞ୍ଜିଂ ରୁମ୍, ହୋମ ପାଇଁ ଆମ୍ବକାଠ, ଅର୍ଘ୍ୟ ପାଇଁ ଗାଈକ୍ଷୀର ଆଦି ବ୍ୟବସ୍ଥା ଆୟୋଜକ କମିଟି ପକ୍ଷରୁ କରାଯାଇଛି।

ସେହିପରି ନଦୀ ଏବଂ ଜଳାଶୟ ନିକଟରେ ସୁରକ୍ଷାକୁ ଦୃଷ୍ଟିରେ ପ୍ରଶାସନ ଓ ଆୟୋଜକ କମିଟି ପକ୍ଷରୁ ଅଧିକ ସଂଖ୍ୟାରେ ବାଉଁଶ ବ୍ୟାରିକେଟିଂ, ଲାଇଫ୍ ବୋଟ, ଲାଇଫ୍ ଗାର୍ଡ ଆଦି ବ୍ୟବସ୍ଥା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ଲାଣ୍ଟସାଇଟ, ରଘୁନାଥପାଲୀ, ଝିରପାଣି, ସେକ୍ଟର-୧୫, ବ୍ରାହ୍ମଣୀତରଙ୍ଗ, ସେକ୍ଟର-୧୯, ବନ୍ଧମୁଣ୍ଡା ଆଦି ଥାନାକୁ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ପ୍ରତ୍ୟେକ ଘାଟରେ ପୋଲିସ ସମେତ ଅଗ୍ନିଶମ ବିଭାଗକୁ ସକ୍ରିୟ ରହିବାକୁ କୁହାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି, ରାଉରକେଲା ଏସ୍‌ପି ଓ ଲୋକ ପ୍ରତିନିଧିମାନେ ପ୍ରତ୍ୟେକ ଘାଟକୁ ଯାଇ ପ୍ରସ୍ତୁତି ତଦାରଖ କରିଛନ୍ତି। ଏହି କ୍ରମରେ ପ୍ରମୁଖତା ହାସଲ କରିଥିବା ଝିରପାଣି ଛଟ୍ ଘାଟକୁ ପରିବର୍ତ୍ତନ କରାଯାଇଛି। କୋଏଲ ନଦୀରେ ଅଧିକ ଜଳସ୍ରୋତ ଥିବା ଓ ବ୍ରତୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ଛଟ୍ ଘାଟକୁ ନିକଟସ୍ଥ ବାଲୁଘାଟ ପାର୍ଶ୍ୱକୁ ସ୍ଥାନାନ୍ତର କରାଯାଇଛି। ଆଦିତ୍ୟ ଘାଟ ଛଟ୍‌ପୂଜା ସେବାଟ୍ରଷ୍ଟ ପକ୍ଷରୁ ଏଠାରେ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଉପଦେଷ୍ଟା ସଞ୍ଜୟ ସିଂହ, ସଭାପତି ଦିନାନାଥ ଠାକୁର, ସମ୍ପାଦକ ବିଜୟ ସିଂହ, ଅଧ୍ୟକ୍ଷ ଗୌରୀଶଙ୍କର ସିଂହ, କୋଷାଧ୍ୟକ୍ଷ ସୋନୁ ଚୌଧୁରୀ, ପ୍ରବକ୍ତା ମହେନ୍ଦ୍ର ମହତୋ ପ୍ରମୁଖ ଘାଟ ପରିଚାଳନା କରୁଛନ୍ତି। ଏମ୍‌ପି ଜୁଏଲ ଓରାମ, ଡିଆଇଜି ବ୍ରିଜେଶ ରାୟ, ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ୍, ଆର୍‌ଏସ୍‌ପି ବରିଷ୍ଠ ଅଧିକାରୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ପୂର୍ବତନ ବିଧାୟକମାନଙ୍କୁ ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି। ୪ ଦିବସୀୟ ଛଟ୍ ପୂଜାର ମଙ୍ଗଳବାର ନହାୟେ ଖାଏ, ବୁଧବାର ଖରନା, ଗୁରୁବାର ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଆରତୀ ଓ ଶୁକ୍ରବାର ଉଦୀୟମାନ ସୂର୍ଯ୍ୟଙ୍କୁ ଆରତୀରେ ସମାପନ ହେବ। ଏହି କ୍ରମରେ ମଙ୍ଗଳବାର ବିଭିନ୍ନ ଘାଟମାନଙ୍କରେ ନହାୟେ ଖାଏ ବା ଲାଉଭାତ ବିଧି ପାଳନ କରାଯାଇଥିଲା। ପୂଜା ପାଇଁ ରାଉରକେଲା ମେନ୍‌ରୋଡ, ବିଶ୍ରା ଛକ, ଡେଲି ମାର୍କେଟ ଓ ଅନ୍ୟ ବଜାରରେ ପୂଜା ସାମଗ୍ରୀ କିଣାକିଣି ପାଇଁ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା।

- ଚଳିତ ଥର ବାଦ୍ ପଡ଼ିଲା ଦେଓଗାଁ ଘାଟ
- ଝିରପାଣି ଛଟ୍ ଘାଟ ସ୍ଥାନାନ୍ତର
- ପୂଜା ସାମଗ୍ରୀ ପାଇଁ ବଜାର ଗହଳି


ଛଟ୍ ପାଇଁ ନୂତନ ଆଦିତ୍ୟ ଘାଟରେ ପ୍ରସ୍ତୁତି କରାଯାଉଛି।


ରାଉରକେଲା ସହରରେ ଛଟ୍ ପୂଜା ସାମଗ୍ରୀ ବିକ୍ରି ହେଉଛି।

## ସୁନିଲ ମହାନ୍ତିଙ୍କୁ ଉତ୍କଳ ଶିଶୁ ସୌରଭ ସମ୍ମାନ

ରାଉରକେଲା,୫।୧୧(ଦିନେଶ ମିଶ୍ର)

ଟିକିଟିକି ସୁନାଫୁଲ ପତ୍ରିକାର ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସୁନିଲ କୁମାର ମହାନ୍ତିଙ୍କୁ ଶିଶୁ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀ ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଅନନ୍ତ ମିଶ୍ରଙ୍କ ୧୪୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ବିଭାଗ ଓ ଅନନ୍ତ ମିଶ୍ର ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ପ୍ରଭାକର ମହାରଣା, ମହନ୍ତ ମହାରାଜ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସିନେଟ୍ ସଭ୍ୟ ଇଂ. ଅଭୟ କୁମାର ସୂତାର, ଗାନ୍ଧୀବାଦୀ ରବି ଗାନ୍ଧୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁନାଫୁଲ ସାହିତ୍ୟ ସଂସଦର ସଭାପତି ମହେନ୍ଦ୍ର ମହାନ୍ତି, ସଙ୍ଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀ, ସନ୍ତୋଷ କୁମାର ଜେନା, ଅଶୋକ ପାତ୍ର, ଡିଇଓ ରାଜଶ୍ରୀ ପଟ୍ଟନାୟକ, ପ୍ରମୋଦ ପାତ୍ର, ଶିକ୍ଷୟିତ୍ରୀ ସୁଷମା ଦାଶ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏଚ୍‌ପିଏଲ୍ କ୍ରିକେଟ୍ ଉଦ୍‌ଘାଟିତ

ରାଉରକେଲା,୫।୧୧(ଦିନେଶ ମିଶ୍ର)

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରାବାସ ପକ୍ଷରୁ କଲେଜ ପରିସର ମିନି ଷ୍ଟାଡିୟମ୍‌ରେ ଏଚ୍‌ପିଏଲ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡକ୍ଟର ସୁଷମା ମୋଦି, ଛାତ୍ରବାସର ଅଧୀକ୍ଷକ ତଥା ଅଧ୍ୟାପକ ଅଜୟ ବେହେରା, ଅଧ୍ୟାପକ ଆଭାଷ ହୋତା, ମହେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଶନିବାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଖେଳରେ ମୋଟ ୪ଟି ଦଳ ଭାଗ ନେବାକୁ ଥିବାବେଳେ ଫାଇନାଲ ସହିତ ୯ଟି ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାର ଲିଗ୍ ମ୍ୟାଚ୍ ୮ ଓଭର ଲେଖା ହେବାକୁ ଥିବାବେଳେ ସେମିଫାଇନାଲ ଖେଳ ୧୦ ଓଭର ଓ ଫାଇନାଲ ଖେଳ ୧୨ ଓଭର ବିଶିଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାର ଚାମ୍ପିୟନ ଓ ଉପବିଜେତା ଦଳକୁ ଆକର୍ଷଣୀୟ ପୁରସ୍କାର ସହ ଶ୍ରେଷ୍ଠ ବ୍ୟାଟର, ବୋଲର, ମ୍ୟାନ୍ ଅଫ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ ଆଦି ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାର ସମସ୍ତ ଖେଳ ଓ କାର୍ଯ୍ୟକ୍ରମ ପାଇଁ ଗଠିତ ଛାତ୍ରମାନଙ୍କ ଆୟୋଜନ ସମିତି ଅଧ୍ୟକ୍ଷ ଭାବେ ବିଶ୍ୱଜିତ ପଲାଇ ଓ ଉପାଧ୍ୟକ୍ଷ ଉତ୍କଳ କେଶରୀ ମିଶ୍ର, ସମ୍ପାଦକ ରାହୁଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ସୌମ୍ୟରଞ୍ଜନ ମହାପାତ୍ର ରହିଛନ୍ତି।

## କୋଏଲ ନଦୀରେ ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ରାଉରକେଲା,୫।୧୧(ସଙ୍ଗୀତା ଜେନା)

କୋଏଲ ନଦୀରେ ଗାଧୋଇବା ବେଳେ ଛାତ୍ର ପ୍ରତୀକ ବଡାଇକ ବୁଡ଼ି ନିଖୋଜ ଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କୋଏଲ ନଦୀ ସେକ୍ଟର-୧୬ ବାଲୁଘାଟରୁ ତାଙ୍କ ମୃତଦେହ ଠାବ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନାଯୋଗ୍ୟ, ଘଟଣା ଦିନ ପ୍ରତୀକ ଓ ତାଙ୍କ ୩ ଜଣ ସାଙ୍ଗ ଫୁଟ୍‌ବଲ ଖେଳିବାକୁ କହି ନଦୀରେ ଗାଧୋଇବାକୁ ଯାଇଥିଲେ। ସେଠାରେ ସମସ୍ତେ ଗଭୀର ଜଳରେ ଭାସି ଯାଉଥିବା ବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ପ୍ରତୀକ ନିଖୋଜ ଥିଲେ।



ଫର୍ଟିଲାଇଜର ଗେଟ୍‌ରେ ଶ୍ରମିକ ସଂଘ ପକ୍ଷରୁ ପ୍ରଚାର କରାଯାଉଛି।

## ଏନ୍‌ଆଇଟି ଡାକ୍ତରଙ୍କ ମୃତଦେହ ହସ୍ତାନ୍ତର

ରାଉରକେଲା,୫।୧୧(ସଙ୍ଗୀତା ଜେନା)

ସୋମବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ମେଡିକାଲ ଅଫିସର ଡାକ୍ତର ସନ୍ତୋଷ ହୁଗରଙ୍କ ମୃତଦେହ ନେବାକୁ ତାଙ୍କ ପରିବାର ଲୋକେ ମଙ୍ଗଳବାର କର୍ଣ୍ଣାଟକରୁ ଆସି ରାଉରକେଲାରେ ପହଞ୍ଚିଥିଲେ। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହକୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ଏ ନେଇ ସେକ୍ଟର-୩ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ ହୋଇଛି। ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ କହିଛନ୍ତି, ପ୍ରାୟ ବର୍ଷ ତଳେ ଡାକ୍ତର ହୁଗର ଚାକିରିରେ ଯୋଗ ଦେଇଥିଲେ। ସେ ଗମ୍ଭୀର ସ୍ୱଭାବର ଥିଲେ। ତେବେ ସୁସାଇଡ୍ ନୋଟ୍ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ମୃତକଙ୍କ ଭାଇ ଓ କକା କର୍ଣ୍ଣାଟକରୁ ଆସି ପହଞ୍ଚିଛନ୍ତି। ସୋମବାର ସକାଳେ ଡା. ହୁଗରଙ୍କୁ ଡ୍ୟୁଟିରେ ଯୋଗଦେବାକୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ସେ ଫ୍ୟାନ୍‌ରେ ଝୁଲିଥିବା ବାଲ୍‌କୋନି ପର୍ଦ୍ଦାଫାଙ୍କରୁ ଦେଖିବାକୁ ମିଳିଥିଲା। ପରେ ପୋଲିସ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା ବୋଲି ଧୀମାନ୍ କହିଛନ୍ତି।

## ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମି ବୃଦ୍ଧି

ରାଉରକେଲା,୫।୧୧ (ସଙ୍ଗୀତା ଜେନା)

**ସହଯୋଗର ହାତ ବଢ଼ାଇଲା ବେଦାନ୍ତ**

ସୁନ୍ଦରଗଡ଼ ଜିଲା ଜାମକାନି କୋଇଲା ଖଣି ଅଞ୍ଚଳରେ ଥିବା ୧୪ଟି ସରକାରୀ ବିଦ୍ୟାଳୟ ଓ ୭ଟି ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବୃଦ୍ଧି ପାଇଁ ବେଦାନ୍ତ ଆଲୁମିନିୟମ ଆବଶ୍ୟକ ସହଯୋଗ ସହ ସହାୟତାର ହାତ ବଢାଇଛି। ଏପରିକି ଜିଲାର ମୁଣ୍ଡେଲଖେତ, କୋଡ଼ାଜାଲାଙ୍ଗା, ଭୋଗ୍ରାକାଚାର, ଘୋଘରପାଲୀ, ଜାମକାନି, ଗିରିସ୍ମା ଗ୍ରାମର ସରକାରୀ ବିଦ୍ୟାଳୟକୁ ଡେସ୍କ, ବେଞ୍ଚ, ଚୌକି, ଟେବୁଲ, ର୍ୟାକ୍ ଓ ଆଲମାରି ଆଦି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଉପରୋକ୍ତ ସାମଗ୍ରୀଗୁଡ଼ିକ ୧୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷକ ସଂଘ ସଭାପତି ଓ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ଏହାଫଳରେ ସମ୍ପୃକ୍ତ ବିଦ୍ୟାଳୟଗୁଡିକର ୭୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବିଦ୍ୟାଳୟଗୁଡିକ ପକ୍ଷରୁ କୁହାଯାଇଛି। ସେହିପରି ଭୋଗ୍ରାକାଚାର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ କମ୍ପାନୀର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିବା ବେଳେ ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ର ବେଶ୍ ଉପକୃତ ହେବେ ବୋଲି ମତପ୍ରକାଶ କରିଛନ୍ତି।


ଉତ୍ସବରେ ବିଦ୍ୟାଳୟକୁ ସାମଗ୍ରୀ ପ୍ରଦାନ କରାଯାଉଛି।

## ଦକ୍ଷିଣ ରାଉରକେଲାରେ ପ୍ରଚାର

ରାଉରକେଲା,୫।୧୧(ସଙ୍ଗୀତା ଜେନା)

**ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ**

ଆଗାମୀ ୧୨ତାରିଖରେ ହେବାକୁ ଥିବା ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନୀ ପାଇଁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଏହି କ୍ରମରେ ଆଇଏନ୍‌ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଏହାର ମେଣ୍ଟ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ମଙ୍ଗଳବାର ଦକ୍ଷିଣ ରାଉରକେଲା ଫର୍ଟିଲାଇଜର ମଙ୍ଗଳାମନ୍ଦିର ଗେଟ୍ ନିକଟରେ ପ୍ରଚାର କରାଯାଇଥିଲା। ଆର୍‌ଏସ୍‌ଏସ୍‌ର ଉପସଭାପତି ଅକ୍ଷୟ ଜେନା, ନିହାର ଦାସ, ପଦ୍ମାଳୟା ଧର, ଦୁଃଶାସନ ନାୟକ, ଜିଏମ୍‌ଏମ୍‌ର ଉପସଭାପତି ସଞ୍ଜୟ ପଣ୍ଡା, ବିଷ୍ଣୁ ମହାନ୍ତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେଲ୍ କର୍ତ୍ତୃପକ୍ଷଙ୍କ ସହ ଏମ୍‌ଓୟୁ ଏବଂ ଏରିଅର ପ୍ରସଙ୍ଗରେ ବିଭିନ୍ନ ଶ୍ରମିକ ସଂଘ ଭ୍ରମ ସୃଷ୍ଟି କରୁଛନ୍ତି। ଏହାର ଜବାବ ଶ୍ରମିକ କର୍ମଚାରୀମାନେ ନିଶ୍ଚିତ ଭାବେ ଦେବେ ବୋଲି ନେତୃମଣ୍ଡଳୀ କହିଥିଲେ। ସେହିପରି ସୋମବାର ସନ୍ଧ୍ୟାରେ ଆରଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ୩ ଓ ୪ ନଂ. ବୁଥ୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଜ ସଂଘର କାର୍ଯ୍ୟକଳାପ ଉପରେ ଆଲୋଚନା କରାଯାଇଥିଲା।

## ଶିକ୍ଷାରେ ଆଧ୍ୟାତ୍ମିକ ଆଚାର ସଂହିତା ଜରୁରୀ


ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିଛି।

ରାଉରକେଲା,୫।୧୧(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ମଙ୍ଗଳବାର ଏକ ଆଧ୍ୟାତ୍ମିକ ଆଚାର ସଂହିତା କାର୍ଯ୍ୟକ୍ରମ ଡିଭାଇନ ଲାଇଫ ସୋସାଇଟି ରାଉରକେଲା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଉପସ୍ଥିତ ରହି ନୈତିକତା ଉପରେ ଆଲୋକପାତ କରିଥିଲେ। ଆଜିର ଯୁବ ସମାଜ ଯେପରି ନୈତିକତାରୁ ପଥଭ୍ରଷ୍ଟ ହୋଇ ବିଭିନ୍ନ ବିପଥଗାମୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେଥିରୁ ତାଙ୍କୁ ବାହାର କରିବା ପାଇଁ ଏହା ଏକ ପ୍ରୟାସ ବୋଲି ସ୍ୱାମିଜୀ କହିଥିଲେ। ବିଦ୍ୟାଳୟର ଜଳଧର ଅଧ୍ୟକ୍ଷ ଜଳଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ନମ୍ରତା ମୂଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣ କଲ୍ୟାଣ ସଭାର ଦୀପାବଳି ମିଳନ

ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବ୍ରାହ୍ମଣ କଲ୍ୟାଣ ସଭା ପକ୍ଷରୁ ଦୀପାବଳି ସ୍ନେହ ମିଳନ ସମାରୋହ ଅମର ଭବନରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବ୍ରାହ୍ମଣ କଲ୍ୟାଣ ସଭାର ଅଧ୍ୟକ୍ଷ ଶ୍ରବଣ ପାରିକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ପୂର୍ବତନ ଅଧ୍ୟକ୍ଷ ମନୋହର ଲାଲ ମହର୍ଷି, ମୁସଦିଲାଲ ଶର୍ମା, ବଜରଙ୍ଗ ଲାଲ ଶର୍ମା, ବଜରଙ୍ଗ ଦଳ ଶର୍ମା, ଯୁଗଳ କିଶୋର ଶର୍ମା, ଭ୍ରମର ଲାଲ ଚୌଟିଆ, ମୁରଲି ଲାଲ ଚୌମାଲ, ଦିଲୀପ ଶର୍ମା ଏବଂ ବିନୟ ଶର୍ମା ପ୍ରମୁଖ ହରିୟାଣା ନାଗରିକ ସଂଘର ସଭାପତି ନରେଶ ଅଗ୍ରୱାଲଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ ଛତିଶଗଡ଼ରେ ଫିଜିରେ ଟପ୍ପର ତଥା ସ୍ୱର୍ଣ୍ଣ ପଦକ ବିଜେତା ଡକ୍ଟର ଶ୍ୱେତା ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁନୀଲ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫୁଟ୍‌ବଲ: ଆର୍.ସି. କ୍ଲବ ଚାମ୍ପିୟନ

ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅନ୍ତର୍ଗତ ସୁଇଡିହ ଗ୍ରାମପଞ୍ଚାୟତ ସୋନାପର୍ବତ ଗ୍ରାମରେ ଚାଲିଥିବା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ୍ ରାଜୀବ ସେହଗଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ଜିଏମ୍ ଆଲୋକ କୁମାର ବେହେରା, ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନ୍‌ମୁନ୍ ମିତ୍ର, ଏଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ୍ ଟି. ବି ଟପ୍ପୋ ଓ ଏ.ଏନ୍ ପତିଙ୍କ ସମେତ ଓ୍ୱାର୍ଡମେମ୍ବର, ସମିତି ସଭ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ବିଜୟୀ ଦଳ ଭାବେ ଟିମଜୋର ଗ୍ରାମର ଆର.ସି କ୍ଲବକୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ଉପବିଜୟୀ ଦଳ ଭାବେ ପାତ୍ରଟୋଲି ଗ୍ରାମର ବ୍ଲାକ ଡାଇମଣ୍ଡ ଦଳକୁ ରନର୍ସ ଅପ୍ ଟ୍ରଫି ସହିତ ୮ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଏରଗେଡା ଓ ଜଲଦା ବି ବ୍ଲକ ଦଳକୁ ତୃତୀୟ ଓ ଚତୁର୍ଥ ଦଳ ଭାବେ ୬ହଜାର ଓ ୪ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଆକାଶ ଲୋହାର ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିବା ବେଳେ ମନୋଜ ଭୂମିଜ ଶ୍ରେଷ୍ଠ ସ୍କୋରର ଓ ବିଷ୍ଣୁ ବିରଗୋଆଁ ଶ୍ରେଷ୍ଠ ଗୋଲ ରକ୍ଷକ ଏବଂ କୃଷ୍ଣ ତିର୍କୀ ଶ୍ରେଷ୍ଠ ଡିଫେଣ୍ଡରର ବିବେଚିତ ହୋଇଥିଲେ। ଏହି ଟୁର୍ନାମେଣ୍ଟ ବସୁନ୍ଧରା ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏ.ଏନ୍. ପତି ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## ବଢୁଛି ଜବରଦଖଲ, ପ୍ରଶାସନ ଚୁପ୍

ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ତହସିଲ ଅନ୍ତର୍ଗତ ୯ଟି ଆର୍‌ଆଇ ସର୍କଲ ଅଞ୍ଚଳରେ ଦିନକୁ ଦିନ ଜବରଦଖଲ ବଢ଼ିବାରେ ଲାଗିଛି। ଗୋଚର ଜମି ବି ଜବରଦଖଲରୁ ବାଦ୍ ପଡୁନି। ଏଥିଯୋଗୁ ସରକାରୀ ଜମିକୁ ସଙ୍କୁଚିତ ହେଉଥିବାବେଳେ ଗୋରୁଗାଈଙ୍କ ପାଇଁ ଚାରଣ ଭୂମିର ଅଭାବ ଦେଖାଦେଉଛି। ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ଜବରଦଖଲ ଉଚ୍ଛେଦ ନ କରି ଚୁପ୍ ହୋଇ ବସିଛି। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଉରକେଲା ତହସିଲ ଅଧୀନରେ ବିର୍ସାନଗର, କୋଏଲନଗର, ସିଭିଲ ଟାଉନଶିପ୍, ଷ୍ଟିଲ ଟାଉନଶିପ୍, ରଘୁନାଥପଲ୍ଲୀ, ଛେଣ୍ଡ, ବରକାନୀ, ଟାଙ୍ଗରପାଲି ଓ ଷ୍ଟିଲ ଟାଉନଶିପ୍ ଆଦି ୯ଟି ଆର୍‌ଆଇ ସର୍କଲ ରହିଛି। ଏହି ସର୍କଲଗୁଡିକରୁ ବିଶେଷ କରି ଟାଙ୍ଗରପାଲି ଆର୍‌ଆଇ ସର୍କଲରେ ବହୁ ଲୋକ ସରକାରୀ ଜମି ଅକ୍ତିଆର କରି ରଖିଛନ୍ତି। ଏହି ୯ଟି ସର୍କଲରେ ପାଖାପାଖି ୨/୩ ଶହ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲରେ ରହିଛି। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଥିବାବେଳେ ରାଉରକେଲାରେ ଏହାର ପ୍ରଭାବ ଅନୁଭୂତ ହେଉନାହିଁ। ଫଳରେ ରାଉରକେଲା ତହସିଲ ଅଞ୍ଚଳରେ ଜବରଦଖଲ ବଢୁଛି। ଏଥିଯୋଗୁ ଉକ୍ତ ତହସିଲ ଅଞ୍ଚଳରେ ସରକାରୀ ଜମି ସଙ୍କୁଚିତ ହେଉଛି। ଲୋକେ ଜମି ନିଜ ଅକ୍ତିଆରକୁ ନେଇ ଘରଦ୍ୱାର ନିର୍ମାଣ କରିଚାଲିଛନ୍ତି। ସେହିପରି ଚାରଣ ଜମି ଅଭାବରୁ ରାଉରକେଲା ମୁଖ୍ୟ ରାସ୍ତାରେ ଗାଈଗୋରୁଙ୍କୁ ଦେଖିବାକୁ ମିଳୁଛି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାମ ମଧ୍ୟ ଆଗେଇ ପାରୁନି ।

ପ୍ରକାଶ ଥାଉକି ରାଉରକେଲା ତହସିଲ ଅଧୀନରେ ଥିବା ୫୧ମୌଜାରେ ୩୧ଟି କିସମର ୭୮୮.୫୫୯ ହେକ୍ଟର ଜମି ରହିଛି। ମାତ୍ର କାରଖାନା, ରେଲଲାଇନ, ଖଣି ଓ କାରଖାନା କିସମ ଜମିକୁ ଛାଡିଦେଲେ ପ୍ରାୟ ଅନ୍ୟ କିସମ ଜମିକୁ ଜବରଦଖଲ କରାଯାଉଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ଅନୁରୂପ ଭାବେ ରାଉରକେଲା ତହସିଲ ରେକର୍ଡରେ ୩୧କିସମ ବ୍ୟତିରେକ ୨୨ହଜାର ୪୯୦ହେକ୍ଟର ଅନ୍ୟ କିସମ ଜମି ରହିଛି। ଉକ୍ତ ଜମିକୁ ମଧ୍ୟ ଜବରଦଖଲ କରାଯାଉଥିବା ଜଣାପଡିଛି। ଉଲ୍ଲେଖନୀୟ, ରାଉରକେଲା ତହସିଲ ଅଞ୍ଚଳରେ ବହୁ ଲୋକ ଦୀର୍ଘ ବର୍ଷ ଧରି ରହୁଥିବା ବେଳେ ଜମି ପାଇ ନ ଥିବାରୁ ଏପର୍ଯ୍ୟନ୍ତ ଘରଟିଏ କରି ପାରିନାହାନ୍ତି। ଅନ୍ୟପଟେ କିଛି ଲୋକ ରାଉରକେଲା ଆସି ଅନାୟାସରେ ସରକାରୀ ଜମି ଉପରେ ଘର ତୋଳିବା ସହିତ ବିକ୍ରି ମଧ୍ୟ କରିଚାଲିଛନ୍ତି। ଏ ନେଇ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଜବରଦଖଲ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ତହସିଲ ପକ୍ଷରୁ ଓଡ଼ିଶା ଭୂ-ଆଇନ ଅନୁସାରେ ଜବରଦଖଲ ମାମଲା ରୁଜୁ ହେଉଛି। ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଉଛି। ଆଗକୁ ଯେଭଳି ରାଉରକେଲା ତହସିଲ ଅଞ୍ଚଳରେ ଜବରଦଖଲ ନ ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଧାନ କହିଥିଲେ।



ରାଉରକେଲା ତହସିଲ କାର୍ଯ୍ୟାଳୟ।

# ଶିକ୍ଷା ମଣିଷକୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦିଏ

## ବ୍ଲକସ୍ତରୀୟ ବିଦ୍ୟାଳୟ ଅଭିମୁଖୀ କାର୍ଯ୍ୟକ୍ରମ

- ଉତ୍ତମ ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରତି ଆକର୍ଷିତ ହେବେ
- ଶିକ୍ଷାର ମୁଖ୍ୟସ୍ରୋତରେ ୯୩ ଜଣ ଡ୍ରପ ଆଉଟ ଛାତ୍ରୀଛାତ୍ର ସାମିଲ



ବ୍ଲକସ୍ତରୀୟ ବିଦ୍ୟାଳୟ ଅଭିମୁଖୀ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର, ୫।୧୧ (ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟର ଡ୍ରପ ଆଉଟ୍ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା ଉଦ୍ଦେଶ୍ୟରେ ଏକ ବ୍ଲକସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଧନକଉଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଶିଶୁର ଭବିଷ୍ୟତ ନିର୍ମାଣରେ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକ, ସମାଜ ଓ ସାମାଜିକ ପରିବେଷ୍ଟନିର ଉତ୍ତରଦାୟିତ୍ୱ ରହିଛି। ଶିକ୍ଷା ହିଁ ମଣିଷକୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ତେଣୁ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଶିକ୍ଷା ହିଁ ଏକମାତ୍ର ସାଧନ ଓ ଶ୍ରେଷ୍ଠ ଉପାଦାନ ବୋଲି ସେ ମତପୋଷଣ କରିଥିଲେ ।

ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ପିଲାମାନେ ରାଷ୍ଟ୍ର ଓ ଜାତିର ଭବିଷ୍ୟତ। ସେମାନେ ଦିନର ଅଧିକାଂଶ ସମୟ ପିତାମାତାଙ୍କ ସହିତ ରହିଥାନ୍ତି। ତେଣୁ ସେମାନଙ୍କ ଲାଳନପାଳନ କରିବା ସହିତ ସେମାନେ ଦୈନନ୍ଦିନ କିପରି ବିଦ୍ୟାଳୟକୁ ଆସିବେ ସେଥିପ୍ରତି ଯତ୍ନଶୀଳ ହେବା ଜରୁରୀ । ଏଥିସହ ସେମାନଙ୍କ ମଧ୍ୟରେ ଯେପରି କୌଣସି ନକାରାତ୍ମକ ଭାବର ଉଦ୍ରେକ ନ ହୁଏ ସେଥିପ୍ରତି ଉଭୟ ଅଭିଭାବକ ଓ ସେମାନଙ୍କ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଶିକ୍ଷକ ସତର୍କତା ଅବଲମ୍ବନ କରିବେ। ଯଦ୍ୱାରା ଆଜିର ଏହି ଅଭିନବ ପ୍ରୟାସ ସଫଳ ହୋଇପାରିବ। ମୁଖ୍ୟବକ୍ତା ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସିଆରସିସି, ଅଭିଭାବକମାନଙ୍କୁ ଉଦାର ହେବାକୁ ଆହ୍ୱାନ ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ପ୍ରତି ଉଦାର ତଥା ଉତ୍ତମ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବିଦ୍ୟାଳୟ ପ୍ରତି ଆକର୍ଷିତ କରାଯାଇ ପାରିବ । ପିଲା ଯଦି ଶିକ୍ଷାଗ୍ରହଣ ପାଇଁ ଆକର୍ଷିତ ନୁହେଁ, ସେ ବିଦ୍ୟାଳୟ ଆସିବ ନାହିଁ । ବିଦ୍ୟାଳୟରେ ପିଲାଟି ତା ମନରେ ଥିବା ସଂଶୟକୁ ନିର୍ଭୟରେ ବ୍ୟକ୍ତ କରିପାରିଲେ ଏବଂ ଆମେ ତାହାକୁ ସହୃଦୟତାର ସହିତ ସମାଧାନ କରିପାରିଲେ ଆମର ସଫଳତା ନିଶ୍ଚିତ ହେବ । ପଛ ଧାଡ଼ିରେ ବସୁଥିବା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ହିଁ ଆମର ମୌଳିକ ଲକ୍ଷ୍ୟ ହେବା ଉଚିତ । ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା, ଧନକଉଡ଼ା ବ୍ଲକ ଗୋଷ୍ଠୀ ସଂସାଧନ ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଥିଲେ। ଶିକ୍ଷକ ଅସିମ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଚନା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୯୩ଜଣ ଡ୍ରପ ଆଉଟ୍ ଛାତ୍ରୀଛାତ୍ର ଓ ସେମାନଙ୍କର ମାତାପିତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ସେମାନଙ୍କ ଝିଅପୁଅ ଯେପରି ପ୍ରତିଦିନ ବିଦ୍ୟାଳୟକୁ ଆସି ପାଠ ପଢ଼ିବେ, ସେଥିପାଇଁ ଅଭିଭାବକ ମାନେ ସଂକଳ୍ପବଦ୍ଧ ହୋଇଥିଲେ।

# ଧାନ ସଂଗ୍ରହ ସମୟରେ ମଣ୍ଡି ପରିଦର୍ଶନ ନିର୍ଦ୍ଦେଶ

### ସମୀକ୍ଷା ବୈଠକରେ ଅଧିକାରୀଙ୍କୁ କହିଲେ ଆରଡିସି

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ମଙ୍ଗଳବାର ଆଭାସୀ ଜରିଆରେ ଖରିଫ ଧାନ ସଂଗ୍ରହ ନେଇ ଏକ ସମୀକ୍ଷା ବୈଠକ କରିଥିଲେ।। ବୈଠକରେ ଉତ୍ତରାଞ୍ଚଳ ଡିଭିଜନ ଅନ୍ତର୍ଭୁକ୍ତ ସମସ୍ତ ଜିଲାର ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୨୧ରୁ ରାଜ୍ୟରେ ଖରିଫ ଧାନକିଣା ଆରମ୍ଭ ହେବାକୁ ଥିବା ବେଳେ ଉତ୍ତରାଞ୍ଚଳ ଡିଭିଜନର ଜିଲାଗୁଡିକରେ ଧାନ ସଂଗ୍ରହକୁ ନେଇ କିଭଳି ପ୍ରସ୍ତୁତି କରାଯାଇଛି ତାହା ସମୀକ୍ଷା କରିଥିଲେ। କଟ୍‌ନି ଛଟ୍‌ନୀ ନେଇ ଚାଷୀମାନେ ପ୍ରତିବର୍ଷ ଅଭିଯୋଗ କରିଆସୁଥିବା ବେଳେ ଧାନ ସଂଗ୍ରହ ସୁରୁଖୁରୁରେ କରିବା ପାଇଁ ମଣ୍ଡିକୁ ପରିଦର୍ଶନ କରିବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନେ ଯେମିତି ବିନା କୌଣସି ଅସୁବିଧାରେ ଧାନ ବିକ୍ରି କରିପାରିବେ ସେ ଉପରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ଆରଡିସି କହିଥିଲେ। ଡିଭିଜନର ସମସ୍ତ ମଣ୍ଡିରେ ମାନ ପରୀକ୍ଷା ଯନ୍ତ୍ର ରଖାଯିବା ସହ ଚାଷୀମାନଙ୍କ ଧାନ ମଣ୍ଡିରୁ ମିଲ ପର୍ଯ୍ୟନ୍ତ କିଭଳି ପରିବହନ ହେବ ତାର ବ୍ୟବସ୍ଥା ତଦାରଖ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ପୁଣି ମଣ୍ଡିରେ ଧାନ ସଂଗ୍ରହ ପରେ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ଯଥାଶୀଘ୍ର ଡ଼ିବିଟି ମାଧମରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁରରୁ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଗନ୍ନାଥ ପାଣି ପଞ୍ଚାୟତ କମିଟି ଗଠିତ


ପାଣି ପଞ୍ଚାୟତର ନୂତନ କର୍ମକର୍ତ୍ତାମାନେ।

ନାକଟିଦେଉଳ, ୫।୧୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ନାକଟିଦେଉଳ ଗ୍ରାମ ପଞ୍ଚାୟତସ୍ତରୀୟ ପାଣି ପଞ୍ଚାୟତର ନୂତନ କମିଟି ଗଠିତ ହୋଇଛି। ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାକଟିଦେଉଳ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲାଥ। କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କରିସ୍ମା ସୋହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଣି ପଞ୍ଚାୟତ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏଥିସହ ଜଗନ୍ନାଥ ପାଣି ପଞ୍ଚାୟତ କମିଟି ନାମରେ ଏକ ନୂତନ କମିଟି ଗଠନ କରାଯାଇ କାର୍ଯ୍ୟକର୍ତ୍ତା ନିର୍ବାଚିତ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ସୁରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ବୈକୁଣ୍ଠ ସାହୁ,କୋଷାଧକ୍ଷ ଭାବେ ବାସୁଦେବ ସାହୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ କମିଟିରେ ଚକ୍ରଧର ଭୋଇ, ବାସୁଦେବ ସାହୁ, ଯଶୋଦା ସାହୁ, ସୁରଭି ପ୍ରଧାନ, ମହେଶ୍ୱର ମାଝୀ, ଶ୍ରୀକର ସାହୁ, ସୁରେନ୍ଦ୍ର ସାହୁ ଏବଂ ବୈକୁଣ୍ଠ ସାହୁଙ୍କୁ ମନୋନୀତ କରାଯାଇଛି। ଏଥିରେ ନାକଟିଦେଉଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଦାଶରଥୀ ପ୍ରଧାନ, ସର୍ବେଶ୍ୱର ରାଉଳ, ରାଜକିଶୋର ସାହୁ, ଅଚ୍ୟୁତାନନ୍ଦ ସାହୁ, ଶରତ କୁମାର ପ୍ରଧାନ, ଜିତେନ୍ଦ୍ର ସାହୁଙ୍କ ସମେତ ନାକଟିଦେଉଳ, ଜଗନ୍ନାଥପ୍ରସାଦ ଏବଂ ମୁଷାକାନୀ ଗ୍ରାମର ୩୦ ଚାଷୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ୩ ଛାତ୍ର ଗୁରୁତର

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କୁକୁଡାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଢିବାକୁ ଯାଉଥିବା ବେଳେ ମଙ୍ଗଳବାର ୩ ଜଣ ଛାତ୍ରଙ୍କୁ ଏକ ସାପ କାମୁଡ଼ି ଦେବାରୁ ସେମାନେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଷଷ୍ଠ ଶ୍ରେଣୀର ବିଜୟ ବାଙ୍କ, ପଞ୍ଚମ ଶ୍ରେଣୀର ଓମ୍ ବାଗ ଓ ସୁବ୍ରତ ସୁହୁଲ। ସାପ କାମୁଡିବା ଅଭିଯୋଗ ପରେ ଛାତ୍ରମାନଙ୍କୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟକୃଷ୍ଣ ପୁରୋହିତ ସମ୍ବଲପୁର ସଦର ଡାକ୍ତରଖାନା ନେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ କହିଛନ୍ତି ବର୍ତ୍ତମାନ ସମ୍ପୃକ୍ତ ଛାତ୍ରମାନେ ସୁସ୍ଥ ଅଛନ୍ତି। ସୂଚନା ଅନୁସାରେ ସିକ୍ରାପାଲି ଗ୍ରାମର ବିଜୟ, ଓମ୍ ଓ ସୁବ୍ରତ ସକାଳେ ପ୍ରାୟ ସାଢେ ୯ଟାରେ କୁକୁଡାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିବା ସମୟରେ ସ୍କୁଲର ଅନତି ଦୂରରେ ଏକ ସାପ ସେମାନଙ୍କୁ କାମୁଡି ଦେଇଥିଲା।

### ଉପଜିଲାପାଳଙ୍କ ଗାଡ଼ି ଧକ୍କାରେ ଜଣେ ଗୁରୁତର



ଦୁର୍ଘଟଣା ଘଟାଇଥିବା ରେଢ଼ାଖୋଲ ଉପଜିଲାପାଳଙ୍କ ଗାଡି।

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ଥାନା ୫୫ନମ୍ବର ଜାତୀୟ ରାଜପଥର ପଲଟନଡେରା ଛକରେ ମଙ୍ଗଳବାର ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତିଙ୍କ ଗାଡି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ହେଲେ ମୁକୁଟ ଲୁଗୁନ(୪୮)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମସାର ପଠାଇଥିଲେ। ଯୁଯୋମୁରା ପୋଲିସ ଦୁର୍ଘଟଣା ଘଟାଇଥିବା ଉପଜିଲାପାଳଙ୍କ ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ତେବେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଯୁଯୋମୁରା ଥାନା ଅଧିକାରୀ ନିରଞ୍ଜନ ଦାସ କହିଛନ୍ତି। ମୁକୁଟ ରାସ୍ତା ପାର ହେଉଥିବା ସମୟରେ ରେଢ଼ାଖୋଲ ପଟରୁ ସମ୍ବଲପୁର ଆଡକୁ ଆସୁଥିବା ଉପଜିଲାପାଳ ମହାନ୍ତିଙ୍କ ଗାଡି(ନଂ.ଓଡି ୧୫ଏକ୍ସ ୯୫୫୨) ତାଙ୍କୁ ଧକ୍କା ଦେଇଥିଲା।



ଜନସମ୍ପର୍କ ସଭାରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

# ଗୋଶାଳାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଗୋଶାଳାଠାରେ ମଙ୍ଗଳବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଶାଳା ଜଗନ୍ନାଥ ମନ୍ଦିରଠାରୁ ଆରଏମ୍‌ସି ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପଦଯାତ୍ରାରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ଏହି ଅବସରରେ ଆରଏମ୍‌ସିଠାରେ ଆୟୋଜିତ ସାଧାରଣ ସଭାରେ ଦଳୀୟ ନେତୃବୃନ୍ଦ ବିଜେଡି ଶାସନକାଳ ମଧ୍ୟରେ ହୋଇଥିବା ବିକାଶ କାର୍ଯ୍ୟ ତଥା ଲୋକହିତକାରୀ ଯୋଜନା ବିଷୟରେ କହିଥିଲେ। ଏହାସହ ରାଜ୍ୟବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଆସିଥିବା ଭାଜପା ସରକାରକୁ ବିଜେଡି ନେତୃବୃନ୍ଦ କଡା ସମାଲୋଚନା କରିଥିଲେ। ନୂଆ ସରକାରଙ୍କ କୌଣସି ବିକାଶ ଆଭିମୁଖ୍ୟ ନ ଥିବା ସେମାନେ ଅଭିଯୋଗ କରିଥିଲେ। ବର୍ତ୍ତମାନର ସରକାର ପୂର୍ବ ବିଜେଡି ସରକାରର ଯୋଜନାଗୁଡିକର ନାମ ପରିବର୍ତ୍ତନ ସହ ସାଇବୋର୍ଡରେ ରଙ୍ଗ ପରିବର୍ତ୍ତନ କରୁଥିବା ନେଇ ପ୍ରସନ୍ନ ଆଚାର୍ଯ୍ୟ କଟାକ୍ଷ କରିଥିଲେ। ରେଙ୍ଗାଲି ବିଧାୟକ ହରିପାଲ ପୂର୍ବ ସରକାରର ବିଜୁ ସ୍ୱାସ୍ଥ୍ୟକାର୍ଡକୁ ରାଜ୍ୟରେ ବନ୍ଦ କରିବା ଷଡଯନ୍ତ୍ର କରାଯାଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାଦ୍ୱାରା ବହୁ ଲୋକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଥିଲେ। ଜିଲା ବିଜେଡି ସଭାପତି ପୂଜାରୀ ଭାଜପାର ମିଛ ନିର୍ବାଚନୀ ପ୍ରତିଶ୍ରୁତି ଓ କାର୍ଯ୍ୟର ବିଫଳତାକୁ ନେଇ ବର୍ତ୍ତମାନର ସରକାରଙ୍କୁ କଡା ସମାଲୋଚନ କରିଥିଲେ।

# ବଡଭାଇଙ୍କୁ ଆକ୍ରମଣ ଘଟଣା, ସାନଭାଇ ଗିରଫ

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ଥାନା ଚାରପାଲି ଗ୍ରାମରେ ସୋମବାର ସାନ ଭାଇର କଟୁରୀ ଚୋଟରେ ବଡଭାଇ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଅନୁପ କିଣ୍ଡୋ(୨୮)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଚାରପାଲିର ସ୍ଥାନିସଲାସ କିଣ୍ଡୋଙ୍କ ଶୁଦ୍ଧିକ୍ରିୟା ଅସବରରେ ସୋମବାର ଗ୍ରାମରେ ଭୋଜିଭାତ ଆୟୋଜନ ହୋଇଥିଲା। ସ୍ୱର୍ଗତ କିଣ୍ଡୋଙ୍କ ବଡ ପୁଅ ଜସ୍ମାନ କିଣ୍ଡୋ(୪୪) ଭୋଜି ଖାଉଥିବା ବେଳେ ତାଙ୍କ ସାନଭାଇ ଅନୁପ କିଣ୍ଡୋ ପଛପଟୁ ଆସି ଏକ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ଜସ୍ମିନଙ୍କ ମୁଣ୍ଡ, ହାତ ଏବଂ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିବା ଥାନା ଅଧିକାରୀ ନିରଞ୍ଜନ ଦାସ ସୂଚନା ଦେଇଛନ୍ତି।

# ଧାନକ୍ଷେତରୁ ମୃତଦେହ ଜବତ

ନାକଟିଦେଉଳ, ୫।୧୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ମାରୁଆଡ଼ିମୁଣ୍ଡା ଗ୍ରାମ ନିକଟ ଏକ ଧାନ କ୍ଷେତରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କର ମୃତଦେହ ପୋଲିସ ଜବତ କରିଛି। ମୃତକ ମାରୁଆଡ଼ିମୁଣ୍ଡା ମାହାର ସାହିର ଦେବାର ମାହାର(୫୫)ବୋଲି ଜଣାପଡ଼ିଛି। ଦେବାର ମାନସିକ ବିକାରଗ୍ରସ୍ତ ଥିବା ଓ ଏଣେତେଣେ ବୁଲା ବୁଲି କରୁଥଲେ। ତେବେ ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ନିଜ ଘରଠାରୁ ପ୍ରାୟ ଶହେ ମିଟର ଦୂର ଧାନ କ୍ଷେତରେ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁପରିସ୍ଥିତିରେ ଏବଂ କିପରି ତାଙ୍କର ମୃତ୍ୟୁ ଘଟିଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣା ପଡିବ ବୋଲି ନାକଟିଦେଉଳ ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି।

# ୨୧ତମ ବାଲିଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ


ବାଲିଯାତ୍ରା କମିଟି ପକ୍ଷରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

କୁଚିଣ୍ଡା, ୫।୧୧ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ସଇଡାରେ ୨୧ତମ ବାଲିଯାତ୍ରା ପାଇଁ ମଙ୍ଗଳବାର କୁଣ୍ଡାପୋଷି ଡଙ୍ଗାଘାଟ ବାଲିଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ,ଉପସଭାପତି ରାଜେଶ ସାହୁ,ସାଧାରଣ ସମ୍ପାଦକ ବିଶ୍ୱନାଥ କଣ୍ଡରା ଓ ଶିବ ନାରାୟଣ ସାହୁ, କୋଷାଧକ୍ଷ କ୍ଷୀରୋଦ ସା, ପ୍ରତିଷ୍ଠାତା ଟିକେଶ୍ୱର ପଟେଲ, ଉପଦେଷ୍ଟା ପ୍ରଫୁଲ୍ଲ ନାୟକ, ପୂଜକ ଅନୀଲ ପୃଷେଠ,ସାଜନ ସା, ବେଣୁଧର ପୃଷେଠ, ସୁବ୍ରତ ରକ୍ସା, କଇଁଟୁ ଧାନ, ସନ୍ତୋଷ ପୃଷେଠଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପୂଜକ ପ୍ରକାଶ ପୁରୋହିତ ହୋମଯଜ୍ଞ କରିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ବାଲିଯାତ୍ରା ପାଇଁ ଆସନ୍ତା ୧୩ରେ କଳସ ଯାତ୍ରା, ୧୪ରେ ବଡଓଷା ବ୍ରତ ସହ ପୂଜାକାର୍ଯ୍ୟ, ୧୫ରେ କାର୍ତ୍ତିକ ବୁଡ ଓ ଡଙ୍ଗାଭସା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୬ରେ ବିସର୍ଜନ ଆଦି ସୂଚୀ ରହିଛି। ଏହି ଅବସରରେ ବିଭିନ୍ନ ବର୍ଗର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି।

# ଏନଏସ୍‌ସିବି ମହାବିଦ୍ୟାଳୟ ଛାତ୍ରୀ ପ୍ରଥମ

### ରାଜ୍ୟସ୍ତରୀୟ ଉଷୁ ଚାମ୍ପିୟନଶିପ


ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ ସୁଭଦ୍ରା ସିଂ ଗୋସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ସମ୍ବଲପୁର, ୫।୧୧ (ବି.ଶଙ୍କର)

ରାଜ୍ୟ ସ୍କୁଲ ଉଷୁ ଚାମ୍ପିୟନଶିପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ମହାବିଦ୍ୟାଳୟ)ର ଯୁକ୍ତ ୨ କଳା ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ସୁଭଦ୍ରା ସିଂ ଗୋସ୍ୱାଇଁ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ପି. ଆର ହାଇସ୍କୁଲଠାରେ ହୋଇଥିବା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିବା ସହ ଜମ୍ମୁ ଓ କଶ୍ମୀରରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୌଭାଗ୍ୟ ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ମଙ୍ଗଳବାର ଏନଏସ୍‌ସିବି ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସମୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ପ୍ରଶଂସା କରିବା ସହିତ ଆଗାମୀ ଜାତୀୟ ପ୍ରତିଯୋଗିତାରେ ସଫଳତା ଲାଗି କାମନା କରିଛନ୍ତି।

# ରେଙ୍ଗାଲି ଷ୍ଟାମ୍ପ ଜାଲିଆତି: ରିପୋର୍ଟ ପ୍ରଦାନ କଲେ ତହସିଲଦାର

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲରେ ଷ୍ଟାମ୍ପ ଜାଲିଆତି ଅଭିଯୋଗର ଦୁଇବର୍ଷ ପରେ ତହସିଲଦାର ତକ୍ଷ୍ୟରାଜ ଭିତରିଆ ସୋମବାର ସମ୍ବଲପୁର ଉପଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ବିନାକ୍ରେତାଙ୍କ ଦସ୍ତଖତରେ ଷ୍ଟାମ୍ପ ପେପର ବିକ୍ରି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିବା କୁହାଯାଉଛି। ଅଭିଯୋଗକୁ ୨ବର୍ଷ ବିତିଥିବାବେଳେ ୟା ଭିତରେ ଏଠାରେ କାମ କରିଥିବା ତହସିଲଦାରମାନେ କେଉଁ ଚାପରେ ଷ୍ଟାମ୍ପପେପର ଦୁର୍ନୀତି ଉପରେ ତଦନ୍ତ କରି ରିପୋର୍ଟ ଦେଇ ନ ଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରେଙ୍ଗାଲି ତହସିଲରେ ୧୦ଟଙ୍କିଆ ଷ୍ଟାମ୍ପ ପେପରକୁ ୧୩ ଶହ ଟଙ୍କାରେ କ୍ରେତାଙ୍କ ବିନା ଦସ୍ତଖତରେ ବିକ୍ରୀ କରାଯାଇଥିବା ସୂଚନା ଅଧିକାର କର୍ମୀ ବିମଳ ବିହାରୀ ପଟ୍ଟନାୟକ ୨୦୨୨ମସିହାରେ ସମ୍ବଲପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହାପରେ ସେ ବିଭିନ୍ନ ସମୟରେ ଏ ନେଇ ତହସିଲଦାରଙ୍କ ଦୃଷ୍ଟି କରିଛନ୍ତି। ଶେଷଥର ପାଇଁ ପଟ୍ଟନାୟକ ୨୦୨୪ ଜୁନ ୧୮ରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ଷ୍ଟାମ୍ପ ଭେଣ୍ଡର ଲକ୍ଷ୍ମୀନାରାୟଣ ସାହୁ ୨୦୧୫ ଜୁଲାଇ ୯ ତାରିଖରେ କ୍ରମିକ ସଂଖ୍ୟା ୨୧୦୭/ତା।୯।୭।୨୦୧୫ରିଖରେ ଏକ ଷ୍ଟାମ୍ପ ବିକ୍ରି କରିଥିଲେ। ହେଲେ ସେହି ସମାନ ୨୧୦୭ ନମ୍ବରରେ ଷ୍ଟାମ୍ପ ପେପରରେ ଅକ୍ଷୟ ବାରିକ ବୋଲି କ୍ରେତାଙ୍କ ନାମ ଏବଂ ଦସ୍ତଖତ କରାଯାଯାଇଛି। ତେବେ ଅନ୍ୟ ଏକ ଷ୍ଟାମ୍ପ ପେପର ସମାନ କ୍ରମିକ ନମ୍ବରରେ ବିକ୍ରୀ କରାଯାଇଛି । ତେବେ ୨୧୦୭ ନମ୍ବର କ୍ରମିକ ସଂଖ୍ୟାରେ ଦୁଇ ଜଣଙ୍କୁ ଷ୍ଟାମ୍ପ ପେପର ବିକ୍ରୀ କରାଯାଇଥିବା ସନ୍ଦେହ କରାଯାଉଛି। ଗୋଟିଏ ଷ୍ଟାମ୍ପ ପେପରେ କାହାର ନାମ ଠିକଣା ନ ଥିବା ବେଳେ ସମାନ କ୍ରମିକ ନମ୍ବରରେ କ୍ରେତା ଭାବେ ଅକ୍ଷୟ ବାରିକଙ୍କ ନାମ ଏବଂ ଦସ୍ତଖତ ରହିଛି। ତେବେ ରେଙ୍ଗାଲି ତହସିଲଦାର ଗତ ୧୮ ଅକ୍ଟୋବରରୁ ଘଟଣାର ତଦନ୍ତ ସାରି ରିପୋର୍ଟରେ ଦସ୍ତଖତ କରିସାରିଥିଲେ। ହେଲେ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ସେ କାହିଁକି ରିପୋର୍ଟ ପଠାଉ ନ ଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ତଦନ୍ତ ସମୟରେ ଷ୍ଟାମ୍ପଭେଣ୍ଡର ଭିଡ କାରଣରୁ ଗ୍ରାହକଙ୍କ ନାମ ଲେଖିପାରି ନ ଥିବା ଭଳି ହାଲୁକା ଉତ୍ତର ଦେଇଥିବା ରିପୋର୍ଟରେ ଉଲ୍ଲେଖ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ରିପୋର୍ଟ ପ୍ରଦାନ ପରେ ଏବେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## ଲୋକକଳାକୁ ଉଜ୍ଜୀବିତ ରଖିଛି ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା,୫।୧୧ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୀପାବଳି ପାଳନ ଅବସରରେ ଦୀପୋତ୍ସ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ସନାତନ ପଣ୍ଡାଙ୍କ ସଭାପତିତ୍ୱରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ସ୍ଥାନୀୟ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ମୁଖ୍ୟବକ୍ତା ଓ ଶିକ୍ଷକ ବୈକୁଣ୍ଠ ଜାଲ, ଆମପାଣି ସିଆର୍‌ସିସି କେଦାର ନାଏକ, ଶିକ୍ଷକ ଗିରୀଶ ଚନ୍ଦ୍ର ସରବୁ, ସମାଜସେବୀ ନରେନ୍ଦ୍ର ଧଙ୍ଗଡା ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳର ପରମ୍ପରା ଓ ଲୋକକଳାକୁ ଉଜ୍ଜୀବିତ କରି ରଖିଛି ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ କଳାହାଣ୍ଡିର ଅନନ୍ୟ ଲୋକକଳା ବିରବାଦ୍ୟ ଘୁମୁରା ପରିବେଷିତ ହୋଇଥିଲା। ବିଚାରକ ଭାବେ ସ୍ୱପ୍ନେନ୍ଦୁ ମୁଣ୍ଡ, ଈଶ୍ୱରୀ ପ୍ରସାଦ ଅଗସ୍ତି, ଅମିତ କୁମାର ପଣ୍ଡା, ପରମେଶ୍ୱର ଧଙ୍ଗଡା ମାଝି ରହିଥିଲେ। ଘୁମୁରା ପ୍ରତିଯୋଗିତାରେ ସାନ କେନ୍ଦୁଗୁଡା ଦଳ ପ୍ରଥମ, କଦଳୀମୁଣ୍ଡା ଦଳ ଦ୍ୱିତୀୟ ଓ ମାଲପଡା ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ରାଶି ଗ୍ରହଣ କରିଥିଲେ। ସୁଧୀର କୁମାର ଧଙ୍ଗଡା ମାଝି ମଞ୍ଚ ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ, ଗର୍ଭବତୀଙ୍କୁ ନିମ୍ନମାନର ଛତୁଆ ବଣ୍ଟନ

### ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନର ବେଖାତିର

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

କୋମଳମତି ଶିଶୁ ଓ ଗର୍ଭବତୀଙ୍କୁ ନିମ୍ନମାନର ଛତୁଆ ବଣ୍ଟନ ହେଉଛି। ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବେଲମୁଣ୍ଡାର ମା' ବାଞ୍ଜିତାଲିଏନ ଏସ୍‌ଏଚ୍‌ଜି ଓ ବିନିକା ସହର ଜୁହ୍ନାପଡାର କସ୍ତୁରବା ଏସ୍‌ଏଚ୍‌ଜି ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ନିମ୍ନମାନର ଛତୁଆ ବଣ୍ଟନ କରିଛନ୍ତି। ଛତୁଆର ନମୂନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବୋରେଟୋରିରେ ପରୀକ୍ଷା ପରେ ଏହା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଗତ ଅକ୍ଟୋବର ୧୫ରେ ଚିଠି ଲେଖାଯାଇଛି। ସମ୍ପୃକ୍ତ ଛତୁଆ ୟୁନିଟ୍ ଓ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅକ୍ଟୋବର ୩୧ ସୁଦ୍ଧା ରିପୋର୍ଟ କରିବାକୁ ସରକାରଙ୍କ ନିର୍ଦ୍ଦେଶଥିଲା। ଏପରିକି ତରଭା ଆଇସିଡିଏସ୍‌ରେ ଠିକ୍ ସମୟରେ ହିତାଧିକାରୀଙ୍କୁ ଛତୁଆ ବଣ୍ଟନ ହେଉ ନ ଥିବା, ପ୍ୟାକେଟ୍‌ରେ ଓଜନ କମ୍ ରହୁଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ଛତୁଆ ପ୍ରସ୍ତୁତି ହେଉଥିବା ବ୍ଲକ ସ୍କ୍ୱାଡ କମିଟି ରିପୋର୍ଟ ଦେଇଛି। ସେହିପରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତରଭା ବିଡିଓ, ତହସିଲଦାର ଓ ସିଡିପିଓ ମିଳିତ ତଦନ୍ତ କରି ନିମ୍ନମାନର ଛତୁଆ ପ୍ରଦାନ କରାଯାଇଥିବା ଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ



ଛତୁଆ ପ୍ୟାକେଟ୍‌ରେ ପ୍ରସ୍ତୁତି ତାରିଖ ଉଲ୍ଲେଖ ନାହିଁ।

ରିପୋର୍ଟ କରିଛି। ଯାହା ମା' ଓ ଶିଶୁର ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରୁଛି। ତେବେ ଏତେ ସବୁ ପରେ ବି ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଛତୁଆ ୟୁନିଟ୍ ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଏଥିରୁ ଜିଲାର ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟପ୍ରତି ଜିଲା ପ୍ରଶାସନ ଆଦୌ ସଚେତନ ନ ଥିବା ସ୍ପଷ୍ଟ ହୋଇଛି। ଶିଶୁ ପୁଷ୍ଟିହୀନତା ଦୂର ପାଇଁ ସରକାରଙ୍କ ପକ୍ଷରୁ ସ୍ପେଶାଲ ନ୍ୟୁଟ୍ରିସନ ପ୍ରୋଗ୍ରାମ(ଏସ୍‌ଏନ୍‌ପି) କାର୍ଯ୍ୟକାରୀ ହେଉଛି। ଖାଦ୍ୟ ଅଭାବରୁ ପୁଷ୍ଟିହୀନତାର ଶିକାର ହେଉଥିବା ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଏହି ଯୋଜନାରେ ଅନୁଦାନ ଆସୁଛି। ଏଥିରେ ୬ମାସରୁ ୩ବର୍ଷ ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ପାଇଁ ପ୍ରତି ମାସ ଅଣ୍ଡା, ଛତୁଆ, ବାଦାମ ଲଡୁ, ମୁଢୀ, ଚଣା ଓ ଖଜୁରି ଆଦି ପ୍ରଦାନ କରାଯାଉଛି। ବର୍ଷ ବର୍ଷ ଧରି ଏହି ଯୋଜନାରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଲାଣି। ମାତ୍ର ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନି। ନିମ୍ନମାନର ଛତୁଆ ଯୋଗାଣ ଯୋଗୁ ଏହା ଶିଶୁଙ୍କୁ ଅପପୁଷ୍ଟିରୁ ବଞ୍ଚାଇ ପାରୁନାହିଁ। ଛତୁଆର ମାନ ପରୀକ୍ଷଣ ଲାଗି ଗ୍ରାମ ଯାଞ୍ଚ କମିଟି, ମାତୃ କମିଟି ବ୍ୟବସ୍ଥା ଅଛି। ସେମାନେ ଛତୁଆର ମାନ ପରୀକ୍ଷା କରିଥାନ୍ତି। ସୁପରଭାଇଜର ମାନେ ଛତୁଆ ପ୍ରସ୍ତୁତି ବେଳେ ମାନ ଯାଞ୍ଚ କରିବାର ନିୟମ ରହିଛି। ମାତ୍ର ଜିଲାରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନି। ଅନ୍ୟପକ୍ଷେ ସମ୍ପୃକ୍ତ ଛତୁଆ ପ୍ରସ୍ତୁତକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏପରିକି ୨ ଛତୁଆ ପ୍ରସ୍ତୁତକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ସୁପାରିଶ କରିଥିଲା ବେଳେ ଜିଲା ପ୍ରଶାସନ ତରଭା ବେଲମୁଣ୍ଡାର ମା' ବାଞ୍ଜିତାଲିଏନ ଏସ୍‌ଏଚ୍‌ଜିକୁ ଛତୁଆ ପ୍ରସ୍ତୁତି ପାଇଁ ମଙ୍ଗଳବାର ଗହମ ଆଲଟମେଣ୍ଟ ପ୍ରଦାନ କରିଛନ୍ତି। କିନ୍ତୁ ବିନିକା ସହର ଜୁହ୍ନାପଡାର କସ୍ତୁରବା ଏସ୍‌ଏଚ୍‌ଜିକୁ ଏହି ସିଯୋଗ ଦିଆଯାଇନି। ଏଥିରୁ ପ୍ରଶାସନର ମନ୍ଦ ଉଦ୍ଦେଶ୍ୟ ଥିବା ପ୍ରମାଣିତ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା କହିଛନ୍ତି, ଜିଲାପାଳଙ୍କୁ ଫାଇଲ ପଠାଯାଇଛି। ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବିମଳ


@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଜମି ଜବରଦଖଲ ବିରୋଧରେ ଫେରାଦ ହେବାକୁ ଆସିଥିବା ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ମାଳ ଗ୍ରାମର ମହିଳାମାନେ।

# ସରକାରୀ ଜମି ଜବରଦଖଲକୁ ବିରୋଧ

### ତହସିଲ ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଅମରପାଲି, ୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବଡ଼ମାଳ ଗ୍ରାମରେ ଥିବା ସର୍ବସାଧାରଣ ସରକାରୀ ଜମିକୁ କେତେକ ଜବରଦଖଲ କରିଛନ୍ତି। ଉକ୍ତ ଜମିରୁ ଜବରଦଖଲ ହଟାଇବାକୁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ମଙ୍ଗଳବାର ବଡ଼ମାଳ ଗ୍ରାମବାସୀ ଏନେଇ ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଦୀର୍ଘ ସମୟ ଧାରଣାରେ ବସି ରହିଥିଲେ। ସନ୍ଧ୍ୟାରେ ତହସିଲଦାର ପୁନମ ମହାପାତ୍ର ଘଟଣାସ୍ଥଳକୁ ଆସିଥିଲେ। ଗ୍ରାମବାସୀ ବାରମ୍ବାର ଆସି ହଇରାଣ ହେଉଥିବା ଏବଂ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା କହିଥିଲେ। ତହସିଲଦାର ମହାପାତ୍ର ଆଗାମୀ ୧୩ ତାରିଖ ଉକ୍ତ ସ୍ଥାନକୁ ଯାଇ ସରକାରୀ ଜମି ଚିହ୍ନଟ କରିବା ସହିତ ଜବରଦଖଲ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାମତେ ବୀରମହାରାଜପୁର ତହସିଲ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଥିବା ପ୍ରାୟ ୧୫୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ କେତେକ ଅସାମାଜିକ ବ୍ୟକ୍ତି ଜବରଦଖଲ କରିଛନ୍ତି। ତହସିଲ ଅଫିସର କେତେକ କର୍ମଚାରୀଙ୍କୁ ହାତ କରି ଉକ୍ତ ଜମିରେ କପା ଚାଷ କରିଛନ୍ତି। ଫଳରେ ବଡ଼ମାଳ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମରେ ଥିବା ଗୃହପାଳିତ ପଶୁଙ୍କ ଚାରଣ ପାଇଁ ସ୍ଥାନାଭାବ ହେଉଛି। ତହସିଲ ଅଞ୍ଚଳରେ ହଜାର ହଜାର ଏକର ସରକାରୀ ଜମି ଜବରଦଖଲ ହୋଇଥିବା ବେଳେ ରାଜସ୍ୱ ପ୍ରଶାସନ ଜାଣି ଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି।

# ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପ୍ରୟାସ ହେଉ

### ୨ୟ ସୁବର୍ଣ୍ଣ-ସମ୍ବଲ ଦେଉଳଝରୀ ମହୋତ୍ସବ

ଅମରପାଲି, ୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଏସବୁ ଏବେ ବି ଲୋକଲୋଚନାକୁ ଆସି ପାରିନାହିଁ। ପ୍ରାୟ ସମସ୍ତ ପର୍ଯ୍ୟଟନସ୍ଥଳୀର ବିକାଶ ଜରୁରୀ। ସୁବର୍ଣ୍ଣପୁର-ସମ୍ବଲପୁର ଜିଲା ସୀମାବର୍ତ୍ତୀ ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର କୁନ୍ଦପାଲରେ ରହିଛି ଦେଉଳଝରୀ। ଏଠାରେ ଥିବା ସିଦ୍ଧିପୀଠ ଓ ଗୁମ୍ଫା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ ଆକର୍ଷଣୀୟ। ଏହାର ଉନ୍ନତୀକରଣ ହେଲେ ସୁବର୍ଣ୍ଣପୁର ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ହେବ। ଏଣୁ ଏହି ସ୍ଥାନ ସହିତ ସମସ୍ତ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସମସ୍ତଙ୍କ ପ୍ରୟାସ ହେଉ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ କୁନ୍ଦପାଲ ନିକଟ ପ୍ରସିଦ୍ଧ ଦେଉଳଝରୀରେ ହେଉଥିବା ଦ୍ୱିତୀୟ ସୁବର୍ଣ୍ଣ-ସମ୍ବଲ ଦେଉଳଝରୀ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଶିକ୍ଷାବିତ୍ ତଥା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ସ୍ୱେଚ୍ଛାସେବୀ ଦିଲୀପ ତ୍ରିପାଠୀ, ଅଭିନେତା ସୁଦାମ ବିଶି, ଭାଗିରଥି ମିଶ୍ର, ଅରୁଣ କରସେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଦ୍ଧିପୀଠ ଦେଉଳଝରୀ ସନ୍ଥ ମନୋହର ଦାଶଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶାନ୍ତନୁ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସ୍ଥାନୀୟ କଳାକାର ଝାଣ୍ଟୁ ଘିବଲା, କୁଞ୍ଜବିହାରୀ ପ୍ରଧାନ, ମିନକେତନ ପ୍ରଧାନ, ଠାକୁର ସାହୁ, କୁନ୍ତଳା ଦେହୁରୀଙ୍କ ସହ ଅତିଥି କଳାକାର ସସ୍ମିତା ପରମଗୁରୁ, ଶାନ୍ତନୁ, ମୁନା, ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଃଖଶ୍ୟାମ ପ୍ରଧାନ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରାମା ନାଏକ, ପବିତ୍ର ପ୍ରଧାନ, ଲଳିତ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦେଉଳଝରୀକୁ ପର୍ଯ୍ୟଟନ ମାନ୍ୟତା ଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ରୁମକୁଝୁମାନା ତରଫରୁ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଦେଉଳଝରି ଯାଇ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହାର ଉନ୍ନତି ପାଇଁ ସେ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ମହୋତ୍ସବରେ ଜଣେ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)

ମଣ୍ଡଳ କାର୍ଯ୍ୟାଳୟ : ପଶ୍ଚିମ ମେଦିନାପୁର
ସହୀଦ କ୍ଷୁଦିରାମ ବୋଷ ରୋଡ୍, ବର୍ଦ୍ଦଜ ଟାଉନ, ମେଦିନାପୁର, ପିନ୍-୭୨୧ ୧୦୧, ପଶ୍ଚିମ ବଙ୍ଗ, ଯୋଗାଯୋଗ ନଂ.: ୯୭୩୩୧ ୦୩୫୫୧ / ୯୯୩୮୦ ୦୯୯୬୦ / ୦୩୨୨୨-୨୬୩୮୦୮, ଇମେଲ୍: cs8294@pnb.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ୨୬.୧୧.୨୦୨୪

ଆନେକ୍ସଚର-ଖ

ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତି ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ; ଖ) ବକେୟା ପରିମାଣ; ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ; ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଲକ୍ଷରେ); ଖ) ଅମାନତ ରାଶି (ଲକ୍ଷରେ); ଗ) ବିଡ୍ ବୃଦ୍ଧି ପରିମାଣ (ଲକ୍ଷରେ) | ଇ-ନିଲାମ ତାରିଖ ଏବଂ ସମୟ; ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|
| ୧. | ମେଦିନାପୁର (ସୋଲ ଆଇଡି : ୦୩୫୦୦୦)<br>ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ.<br>ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ., ଠିକଣା- ପ୍ଲଟ୍ ନଂ.: ୧୧୪୭, ମୌଜା: ଜଳସହରିଆ, ପୋ.: ସହରିଆ, ଥାନା: ଭୋଗରାଇ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର<br>**ମୁଖ୍ୟ କାର୍ଯ୍ୟାଳୟ ଠିକଣା-** ଗ୍ରାମ: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>**ନିର୍ଦ୍ଦେଶକମାନେ:** ୧) ତନୁଶ୍ରୀ ଭୂୟାଁ, ୨) ସନ୍ତୋଷ ଭୂୟାଁ, ୩) ଆଶୋକ କୁମାର ଭୂୟାଁ, ସମସ୍ତଙ୍କ ଠିକଣା- କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>**ଗ୍ୟାରେଣ୍ଟିଦାତା:** ଅଶୋକ କୁମାର ଭୂୟାଁ, କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>ଆକାଉଣ୍ଟ ନଂ.: ୦୬୭୪୯୮୧୧୦୦୦୦୧୭ (ଓଡି)<br>ସମ୍ପତ୍ତି ଆଇଡି: PUNBMIDNAHIRANMO | ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. (ଋଣଗ୍ରହୀତା) ଓରଫ ମେସର୍ସ ଶୁଭ୍ରକେଶୀ ଗଙ୍ଗାଧର କୋଲ୍ଡ ଷ୍ଟୋରେଜ, ନିର୍ଦ୍ଦେଶକମାନେ: ଶ୍ରୀ ତନୁଶ୍ରୀ ଭୂୟାଁ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଭୂୟାଁ ଏବଂ ଶ୍ରୀ ସନ୍ତୋଷ କୁମାର ଭୂୟାଁ, ପିତା: ବରୋଦା କାନ୍ତ ଭୂୟାଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କୋଲ୍ଡ ଷ୍ଟୋରେଜର ଜମି ଏବଂ ଗୃହ ଯାହାର ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ମୌଜା: ଜଳସହରିଆ, ଥାନା: ଭୋଗରାଇ, ଖାତା ନଂ.: ୧୪୬, ମ୍ୟୁଟେଟେଡ ଖାତା ନଂ.: ୫୪୭/୧୨୯, ପ୍ଲଟ୍ ନଂ.: ୧୧୪୭/୨୬୮୯, ଦଲିଲ୍ ନଂ.: ୧୦୦୬୧୨୦୨୪୦୨, ବର୍ଷ: ୨୦୧୨, ପରିମିତ କ୍ଷେତ୍ର: ୮୭ ଡିସିମିଲି ଶିଳ୍ପାଞ୍ଚଳ ଜମି ଏବଂ ଗୃହ (ଏହି ସମ୍ପତ୍ତି ଭୌତିକ ଦଖଲରେ ଅଛି) | କ) ୩୧.୦୧.୨୦୧୩<br>ଖ) ଟ.୪,୪୮,୧୨,୩୧୯.୦୦ (ଚାରି କୋଟି ଅଠଚାଳିଶ ଲକ୍ଷ ବାର ହଜାର ତିନି ଶହ ଉଣେଇଶି ଟଙ୍କା) + ତା.୦୧.୦୧.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (–) ଆଦାୟ ରାଶି<br>ଗ) ୧୮.୦୪.୨୦୧୩ ୦୫.୦୫.୨୦୧୮ (ଭୌତିକ)<br>ଘ) ଭୌତିକ ଦଖଲ | ଟ.୧୧୩.୪୧ ଲକ୍ଷ<br>ଟ.୧୧.୩୪ ଲକ୍ଷ<br>ଟ.୦.୦୨ ଲକ୍ଷ | ୨୬.୧୧.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା<br>ଡିଆରଟି-୨, କୋଲକାତାରେ ପଡି ରହିଥିବା ଏସ୍‌ଏ କେସ୍ ନଂ.: ୬୪୧/୧୩ |

ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।

୧) ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ନିଲାମ ବିକ୍ରୟ ଇ-ନିଲାମ ମାଧ୍ୟମରେ ଅନଲାଇନରେ ପୋର୍ଟାଲ https://www.ebkray.in ରେ ଅନୁଷ୍ଠିତ ହେବ।
୨) ଇଚ୍ଛୁକ ନିଲାମଧାରୀ / କ୍ରେତାମାନେ ସେମାନଙ୍କର ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନଂ ବ୍ୟବହାର କରି ପୋର୍ଟାଲ (https://www.ebkray.in)ରେ ପଞ୍ଜିକରଣ କରିବେ। ଇ-କେୱାଇସି ପ୍ରକ୍ରିୟା ଡିଜିଲକର ମାଧ୍ୟମରେ କରାଯିବ। ଥରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ଇଚ୍ଛୁକ ନିଲାମଧାରୀ/କ୍ରେତାମାନେ ଚାଲାଣ ମାଧ୍ୟରେ ଅନଲାଇନରେ ସେମାନଙ୍କର ଇ-ୱାଲେଟକୁ ଅମାନତ ରାଶି ସ୍ଥାନାନ୍ତର କରିବେ। ପୋର୍ଟାଲରେ ଅମାନତ ରାଶି ଜମା କରିବା ତାରିଖ ଏବଂ ସମୟ ପୂର୍ବରୁ ସମ୍ପତ୍ତି ସହିତ ଅମାନତ ଜମାକୁ ଲିଙ୍କ୍ କରିବାକୁ ପଡିବ। ଅମାନତ ରାଶି ଦାଖଲ କରିବା ତାରିଖ, ସମୟ/ ନିଲାମର ଯଥେଷ୍ଟ ପୂର୍ବରୁ ପଞ୍ଜିକରଣ, ଇ-କେୱାଇସି ଯାଞ୍ଚ, ୱାଲେଟ୍‌ରେ ଅମାନତ ରାଶି ସ୍ଥାନାନ୍ତର, ସମ୍ପତ୍ତି ସହିତ ୱାଲେଟ୍ ପରିମାଣ ସମ୍ପୂର୍ଣ୍ଣ ହେବା ଆବଶ୍ୟକ।
୩) ଉପର ଦର୍ଶିତ ଅମାନତ ରାଶି ଇ-ୱାଲେଟ୍‌ରେ ଜମା କରିବା ପରେ ସମ୍ପତ୍ତି ସହିତ ଲିଙ୍କ କରାଯିବା ଆବଶ୍ୟକ। ଯେଉଁ ନିଲାମଧାରୀମାନେ ଆବଶ୍ୟକୀୟ ଅମାନତ ରାଶି ଅମାନତ ଦାଖଲ କରିବା ଶେଷ ତାରିଖ ଓ ସମୟ ପୂର୍ବରୁ ଅନଲାଇନରେ ଲିଙ୍କ କରିନଥିବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଅମାନତ ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।
୪) ଇ-ନିଲାମ ସେବାପ୍ରଦାନକାରୀ: **M/s. PSB Alliance Pvt. Ltd.,** ପଞ୍ଜିକୃତ କାର୍ଯ୍ୟାଳୟ ୟୁନିଟ୍-୧, ୩ୟ ମହଲା, ଭିଆଇଓଏସ୍ କମର୍ସିଆଲ ଟାୱାର, ୱାଡଲା ଟ୍ରକ ଟର୍ମିନାଲ ନିକଟ, ୱାଡଲା ଇଷ୍ଟ, ମୁମ୍ବାଇ-୪୦୦ ୦୩୭ (ସହାୟତା ନଂ.: **+91 8291220220, Email Id: support.ebkray@psballiance.com**) ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ **(https://www.ebkray.in)** ପ୍ରଦାନ କରାଯିବ। ଇଚ୍ଛୁକ ନିଲାମଧାରୀ / ବିକ୍ରେତା ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବ୍‌ସାଇଟ୍ **https://www.ebkray.in** ରେ ପ୍ରଦତ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପଡିବ। ଏହି ସେବାପ୍ରଦାନକାରୀ ଇ-ନିଲାମ ତାରିଖ / ଡେମୋନଷ୍ଟ୍ରେସନ ପୋର୍ଟାଲରେ ପ୍ରଦାନ କରିବେ।
୫) ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **(1) https://www.ebkray.in, (2) www.pnbindia.in.**ରେ ଉପଲବ୍ଧ।
୬) ଇ-ନିଲାମରେ ଇଚ୍ଛୁକ ଅଂଶଗ୍ରହଣକାରୀ ଇ-ନିଲାମର ନିୟମ ଓ ସର୍ତ୍ତାବଳୀ, ବିକ୍ରୟ ନୋଟିସର କପି, ଇ-ନିଲାମ ସମ୍ପର୍କିତ ପରିଚାଳନାର ସହାୟକ ପୁସ୍ତିକା ଇ-ନିଲାମ ପୋର୍ଟାଲ **https://www.ebkray.in** ରୁ ନିଶୁଳ୍କ ଡାଉନଲୋଡ କରିପାରିବେ।
୭) ନିଲାମ ସମୟରେ ନିଲାମଧାରୀଙ୍କ ଇ-ୱାଲେଟରେ ଯଥେଷ୍ଟ ବାଲାନ୍ସ ରାଶି **(> = EMD)** ରହିବା ଆବଶ୍ୟକ।
୮) ଇ-ନିଲାମ ସମୟରେ ଶେଷ ନିଲାମ ଡାକ ଉପରେ ଅଧିକ ବିଡ୍ କରିବାକୁ ନିଲାମଧାରୀମାନଙ୍କୁ ଅନୁମତି ଦିଆଯିବ ଏବଂ ସେମାନେ ଦର୍ଶିତ ବିଡ୍ ବୃଦ୍ଧି ରାଶିର ଗୁଣିତକ ବିଡ୍ ରାଶି ବୃଦ୍ଧି କରିପାରିବେ। ପରବର୍ତ୍ତୀ ଅଧିକ ବିଡ୍ ଡାକିବା ପାଇଁ ନିଲାମଧାରୀମାନଙ୍କୁ ୨ ମିନିଟ୍ ସମୟ ଦିଆଯିବ। ଶେଷ ନିଲାମ ଡାକପରେ ୫ ମିନିଟ୍ ଅତିକ୍ରାନ୍ତ ସମୟ ମଧ୍ୟରେ ଅଧିକତର ବିଡ୍ ରାଶି ଡାକ କରାନଗଲେ ନିଲାମକୁ ସମାପ୍ତ କରାଯିବ।
୯) ଇଚ୍ଛୁକ ନିଲାମଧାରୀ(ମାନ)ଙ୍କ ଦାୟିତ୍ୱ କି ସେ ଇ-ନିଲାମ ନିୟମ ଏବଂ ସର୍ତ୍ତାବଳୀ, ବିକ୍ରୟ ନୋଟିସ୍, ଇ-ନିଲାମ ପରିଚାଳନା ସହାୟକ ମାନୁଆଲ ଭଲଭାବେ ପଢ଼ିବା ଅବଶ୍ୟକ ଏବଂ ସଠିକ୍ ଭାବେ ଅନୁସରଣ କରିବା ଆବଶ୍ୟକ।
୧୦) ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବା ପ୍ରଦାନକାରୀ **(https://www.ebkray.in)** ଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲ ରେ ଉପଲବ୍ଧ।
୧୧) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ଚୂଡାନ୍ତ ହେବା ପରେ ସଫଳ ନିଲାମଧାରୀଙ୍କୁ ଆମର ସେବାପ୍ରଦାନକାରୀଙ୍କ ଦ୍ୱାରା ଏସ୍‌ଏମ୍‌ଏସ୍ / ଇ-ମେଲ୍ (ସେବାପ୍ରଦାନକାରୀଙ୍କୁ ଦେଇଥିବା / ପଞ୍ଜିକୃତ କରିଥିବା ଇମେଲ୍ ଠିକଣା / ମୋବାଇଲ୍ ନଂ.) ମାଧ୍ୟମରେ ଜଣାଇ ଦିଆଯିବ।
୧୨)ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୩)ସଫଳ ନିଲାମଧାରୀ ଅମାନତ ରାଶି ବାଦ୍‌ଦେଇ ନିଲାମ ରାଶିର ୨୫% (ପଚିଶି ପ୍ରତିଶତ) ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ଦାଖଲ କରିବେ, କିନ୍ତୁ ତା'ପରେ ଗ୍ରହଣୀୟ ନୁହେଁ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୧୫ ଦିନ ମଧ୍ୟରେ **NEFT/RTGS/**ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଯେକୌଣସି ସିଡ୍ୟୁଲ୍ଡ ବାଣିଜ୍ୟକ ବ୍ୟାଙ୍କରୁ ଇସ୍ୟୁ କରି ଦାଖଲ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, **A/c** (ଆକାଉଣ୍ଟର ନାମ) ସପକ୍ଷରେ ଏହାକୁ ଡ୍ର କରି (ସ୍ଥାନକୁ) ପଇଠ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ ନକଲେ ସଫଳ କ୍ରେତା ଦାଖଲ କରିଥିବା ଅର୍ଥରାଶି ବ୍ୟାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସମ୍ପତ୍ତିକୁ ପୁନଃ ନିଲାମ ବିକ୍ରୟ କରିବାର ଅଧିକାର ରହିଛି ଏବଂ ବିଫଳ ନିଲାମଧାରୀଙ୍କର ବାଜ୍ୟାପ୍ତି ଅର୍ଥ କିମ୍ବା ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ।
୧୪) ସଫଳ ନିଲାମଧାରୀ ବ୍ୟାଙ୍କକୁ ବିକ୍ରୟ ଅର୍ଥ ପୈଠ କରିବା ଆୟକର ଆଇନ୍ ୧୯୬୧ ର ଧାରା **194-1A** ଅନୁଯାୟୀ ଟିଡିଏସ୍ ଲାଗୁ ହେବ ଏବଂ ସଫଳ ନିଲାମଧାରୀ ନିଲାମ ଅର୍ଥର ଅବଶିଷ୍ଟ ୭୫% ପୈଠ କରିବା ସମୟରେ ଟିଡିଏସ୍ ପୈଠ କରିବେ।
୧୫)କ୍ଷମତାପ୍ରାପ୍ତ ଅଧିକାରୀ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୬) ଆଇନ ଅନୁସାରେ ବିକ୍ରୟ ସାର୍ଟିଫିକେଟ ସଫଳ ନିଲାମଧାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଡ ପରିମାଣ ଦାଖଲ ପରେ ଇସ୍ୟୁ କରାଯିବ।
୧୭) ସମ୍ପତ୍ତି ଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଏବଂ **"ଯାହା ଯେପରି ଅଛି ଭିତ୍ତିରେ"** ଏବଂ **"ସେଠାରେ ଯାହା ଭିତ୍ତିରେ"** ବିକ୍ରୟ କରାଯିବ।
୧୮)କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୧୯)ନିଲାମଧାରୀମାନଙ୍କ ଦାୟିତ୍ୱ କି ସେମାନେ ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ତଥ୍ୟ ବିଷୟରେ ସନ୍ତୁଷ୍ଟ ହେବା ଆବଶ୍ୟକ। ନିଲାମଧାରୀମାନେ ସମ୍ପତ୍ତି ଯାଞ୍ଚ ନିମନ୍ତେ ଡିଲିଙ୍ଗ ଅଫିସର୍‌ଙ୍କ ସହିତ ପରାମର୍ଶ କରିପାରନ୍ତି।
୨୦)କ୍ରେତା ସମସ୍ତ ବୈଧାନିକ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ଅନ୍ୟାନ୍ୟ ଦେୟ ଯଥା - ରେଜିଷ୍ଟ୍ରେସନ୍ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଇତ୍ୟାଦି ବହନ କରିବେ।
୨୧)କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ବ୍ୟାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ କିମ୍ବା ସରକାର କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ କରିବେ ନାହିଁ। ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ୍ ଦେୟ ସହିତ ସମ୍ପତ୍ତିର ଏନ୍‌କମ୍ବ୍ରାନ୍ସ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ କରିବା ଆବଶ୍ୟକ।
୨୨) ନିଲାମଧାରୀମାନେ ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗ, ପାୱାର ବ୍ୟାକ୍‌ଅପ୍ ଇତ୍ୟାଦିକୁ ସୁନିଶ୍ଚିତ କରିବା ଉଚିତ୍। ଇ-ନିଲାମକୁ ପ୍ରଭାବିତ କରୁଥିବା କୌଣସି ବୈଷୟିକ କାରଣ କିମ୍ବା ଅଘଟଣ କିମ୍ବା ଇଣ୍ଟରନେଟ୍ ବିଫଳତା, ଶକ୍ତି ସଂକଟ ବିଷୟରେ ବ୍ୟାଙ୍କ ଦାୟୀ ରହିବେ ନାହିଁ।
୨୩) ବ୍ୟାଙ୍କ ପ୍ରତିନିଧି ନିଯୁକ୍ତ କରି ନିଜସ୍ୱ ନିଲାମ ଡାକ କରିବା ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ ଅଟେ।
୨୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବ୍‌ସାଇଟ୍: **https://www.ebkray.in, www.pnbindia.in** ଦେଖନ୍ତୁ।

ତାରିଖ : ୦୬.୧୧.୨୦୨୪, ସ୍ଥାନ: ପଶ୍ଚିମ ମେଦିନାପୁର
ସ୍ୱା/- ଶ୍ରୀ ପଞ୍ଚାନନ ସାହୁ, କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ହିମାଂଶୁ ଶେଖର ସାହୁ-ଧର୍ମଶାଳା (ଯାଜପୁର)



ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ଲାଗି ହିମାଂଶୁ ଶେଖର ସାହୁ ବିଧାୟକ ହୋଇଛନ୍ତି। ସ୍ୱାଧୀନ ଭାବେ ଲଢ଼ି ସେ ୪,୧୫୦ ଖଣ୍ଡ ଭୋଟରେ ବିଜୟୀ ହେବା ଓ ଦୀର୍ଘବର୍ଷର ବିଜେଡି ଗଡ଼କୁ ଭାଙ୍ଗିବା ଘଟଣା ୨୦୨୪ ନିର୍ବାଚନରେ ଚର୍ଚ୍ଚାକୁ ଆସିଥିଲା। ସ୍ୱାଧୀନ ପ୍ରାର୍ଥୀ ଭାବେ ହିମାଂଶୁ ୭୯,୭୫୯ ଭୋଟ ପାଇଥିବା ବେଳେ ବିଜେଡି ନେତା ପ୍ରଣବ ବଳବନ୍ତରାୟ ୭୫, ୬୦୯ ଭୋଟରୁ ଆଗକୁ ବଢ଼ି ପାରି ନ ଥିଲେ। ହିମାଂଶୁ ପୂର୍ବରୁ ଭାଜପା ଟିକେଟ ପାଇଁ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢ଼ିଥିଲେ। ତେବେ ବିଧାୟକ ହେବା ପରେ ସେ ଭାଜପାକୁ ସମର୍ଥନ କରିଥିଲେ ।

ଯାଜପୁରର ପୂର୍ବତନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଗତ ରମେଶ ଚନ୍ଦ୍ର ସାହୁ ଓ ସାମାଜିକ କର୍ମୀ ମିନତି ସାହୁଙ୍କ ପୁଅ ହିମାଂଶୁ ୧୯୮୫ ଏପ୍ରିଲ ୧୭ରେ ଧର୍ମଶାଳାଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ବାଲିଚନ୍ଦ୍ରପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରି ଜାରକା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟରୁ ଯୁକ୍ତ ୨ ପଢ଼ି ସାରିବା ପରେ ଭୁବନେଶ୍ୱରସ୍ଥିତ ମହର୍ଷି କଲେଜରେ ଯୁକ୍ତ ୩ ଶ୍ରେଣୀରେ ଅଧ୍ୟୟନ କରିଥିଲେ। ହିମାଂଶୁ ପିଲାଟି ଦିନରୁ ସ୍ୱତନ୍ତ୍ର ସ୍ୱଭାବର ଥିଲେ ବୋଲି ତାଙ୍କ ମା' ମିନତି କହିଛନ୍ତି। କାହାର ଦୁଃଖ ଦେଖିଲେ ସେ ସାହାଯ୍ୟ କରିବାକୁ ଆଗେଇ ଆସିଥାଆନ୍ତି। ସାନ ଭାଇ ଅଂଶୁମାନଙ୍କ ଦେହାନ୍ତ ପରେ ସେ ତାଙ୍କ ନାମରେ 'ଅଂଶୁମାନ ମେମୋରିଆଲ ଟ୍ରଷ୍ଟ' ଗଢ଼ି ଏହାର ସମ୍ପାଦକ ହୋଇଥିଲେ। କରୋନା ସମୟରେ ଲୋକମାନେ ଦୁଃଖକଷ୍ଟରେ ଜୀବନ କାଟୁଥିଲେ । ଏହି ସମୟରେ ସେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇ ପାରିଥିଲେ। ଲୋକଙ୍କ ସମସ୍ୟା ଶୁଣିବା ପରେ ସେମାନଙ୍କୁ ସେ ପ୍ରଶାସନ ପାଖକୁ ନେଉଥିଲେ। ଯେତେବେଳେ କାର୍ଯ୍ୟରେ ସଫଳ ହେଉ ନ ଥିଲେ ପ୍ରତିବାଦ ଓ ଆନ୍ଦୋଳନ କରିଥାଆନ୍ତି। ସେଥିପାଇଁ ତାଙ୍କ ନାମରେ ହୋଇଥିଲା ଅନେକ ମିଛ ମକଦ୍ଦମା। ପ୍ରଚଳିତ ଶାସନ ବ୍ୟବସ୍ଥାରୁ ନ୍ୟାୟ ପାଇପାରୁ ନ ଥିବା ଅନୁଭବ କରିବା ପରେ ସେ ମନସ୍ଥ କରିଥିଲେ ରାଜନୀତିରେ ପାଦ ଦେବେ ଓ ଲୋକଙ୍କ ସେବା କରିବେ।

**ବିଧାୟକ କହନ୍ତି:**

ସମାଜସେବାରୁ ରାଜନୀତି ଯାଏ ରାସ୍ତା ବହୁତ କଷ୍ଟ ଥିବା ସତ୍ତ୍ୱେ କଠିନ ପରିଶ୍ରମ ଓ ସେବା ମନୋଭାବ ରଖି କାର୍ଯ୍ୟ କରୁଛି। ମୋ ନିର୍ବାଚନମଣ୍ଡଳୀର ଜନସାଧାରଣ ନୂଆ ସ୍ୱପ୍ନ ଓ ନୂଆ ସଂକଳ୍ପର ସୂତ୍ରଧର । ସେଥିପାଇଁ ସେମାନଙ୍କ ସୁଖଦୁଃଖରେ ମୁଁ ସର୍ବଦା ସାମିଲ ହୋଇ ରହିଛି ଓ ରହିଥିବି।

**ରିପୋର୍ଟ: ଶିବ ପ୍ରସାଦ ମହାନ୍ତି**

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ



ରାଜ୍ୟପାଳ ରଘୁବର ଦାସଙ୍କୁ ଦାବିପତ୍ର ଦେଇ ରାଜଭବନରୁ ଫେରୁଛି କଂଗ୍ରେସ ପ୍ରତିନିଧି ଦଳ।

## ଆମ୍ବଟାକୁଆଜନିତ ମୃତ୍ୟୁ ଘଟଣା

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)

କନ୍ଧମାଳରେ ଆମ୍ବଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ଘଟଣାରେ ରାଜନୀତି ଜୋର୍ ଧରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରି କଂଗ୍ରେସ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛି। ଶ୍ରୀକାନ୍ତ ଜେନା, ମହମ୍ମଦ ମୋକିମ୍, ସନ୍ତୋଷ ସିଂ ସାଲୁଜା, ଜୟଦେବ ଯେନାଙ୍କ ସହ ଅନେକ ବରିଷ୍ଠ ନେତା ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ କାହାରିକୁ ଭୋକରେ ରଖିବାକୁ ଦେବେନାହିଁ ବୋଲି କହୁଥିବାବେଳେ କନ୍ଧମାଳ ଘଟଣା ସାରା ଦେଶରେ ରାଜ୍ୟକୁ ନନ୍ଦିତ କରିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜାଣିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଆଲୋଚନା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା କାଡ଼ାମ କହିଛନ୍ତି। ଅନ୍ୟପଟେ କଂଗ୍ରେସ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି, ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଲାଗି ୧୫ କେଜି ଚାଉଳ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୩୫ କେ.ଜି. ଚାଉଳ ପ୍ରଦାନକୁ ଗୁରତ୍ୱର ସହ ବିଚାର କରିବା, ଟେଲି କମ୍ୟୁନିକେଶନ ବ୍ୟବସ୍ଥାର ପୁନରୁଦ୍ଧାର, ବ୍ରାହ୍ମଣୀଗାଁରେ ଏକ ନୂତନ ପ୍ରଶାସନିକ ବ୍ଲକ୍ ପ୍ରତିଷ୍ଠା, କନ୍ଧମାଳ ଜିଲାପାଳଙ୍କୁ ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆଦି ଦାବି କଂଗ୍ରେସ ପକ୍ଷରୁ ରଖାଯାଇଛି।

ଅନ୍ୟପଟେ ସୋମବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖି କହିଥିଲେ, ଆମ୍ବଟାକୁଆ ସେମାନଙ୍କ ପାରମ୍ପରିକ ଖାଦ୍ୟ। ଯେତେ ମନାକଲେ ମଧ ସେମାନେ ଆମ୍ବଟାକୁଆ ଖାଇବା ଛାଡ଼ି ନ ଥାଆନ୍ତି। ସେମାନଙ୍କୁ ପର୍ଯ୍ୟାପ୍ତ ଚାଉଳ ଦିଆଯାଉଥିଲା। ଖାଦ୍ୟ ଅଭାବରୁ ସେମାନେ ଆମ୍ବଟାକୁଆ ଖାଉଥିବା ଅଭିଯୋଗକୁ ଯୋଗାଣ ମନ୍ତ୍ରୀ ଖଣ୍ଡନ କରିଥିଲେ।

# ହିଞ୍ଜିଳିରେ ବିଜେଡି ପତାକା ଚିରା

## ଦଳ ପକ୍ଷରୁ ଥାନାରେ ଏତାଲା

ହିଞ୍ଜିଳିକାଟୁ, ୫।୧୧(ଦ୍ୱିତୀକୃଷ୍ଣ ପଣ୍ଡା)



ଗଞ୍ଜାମ ଜିଲା ହିଞ୍ଜିଳିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପୂର୍ବରୁ ଦଳୀୟ ପତାକା ଚିରାଯିବା ନେଇ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଦଳର କର୍ମକର୍ତ୍ତାମାନେ ଥାନାରେ ଏତଲା ଦେଇଛନ୍ତି। ଖବରରୁ ଜଣାପଡିଛି, ବିଜେଡି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୌରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ହେବାକୁ ସ୍ଥିର କରାଯାଇଥିଲା। ଏଥିସକାଶେ ଦଳ ପକ୍ଷରୁ ସୋମବାର ରାତିରେ ଦଳୀୟ କର୍ମୀମାନେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଏବଂ ୫୯ ନଂ. ଜାତୀୟ ରାଜପଥ ମେଡ଼ିୟାନରେ ଦଳୀୟ ପତାକା ଲଗାଇଥିଲେ। ଗତ ରାତିରେ ଉକ୍ତ ପତାକାଗୁଡ଼ିକୁ କେହି ନଷ୍ଟ କରିବା ସହ ମେଡିଆନରୁ ବାହାର କରି ଦେଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପତାକାଚିରା ଘଟଣାକୁ ନେଇ ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର ହିଞ୍ଜିଳି ଥାନାରେ ଅପରାହ୍ନରେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ପ୍ରଦାନ ପାଇଁ ଦାବି ହୋଇଛି। ଅନ୍ୟଥା ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମେଘନାଦ ପାଚେରିରେ ଫାଟ ଲାଗି ବିଜେଡି ଦାୟୀ: ଭାଜପା

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)

ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ହେଉଛି ଆମର ଗର୍ବ ଓ ଅସ୍ମିତାର ପରିଚୟ। ଏବେ ମେଘନାଦ ପାଚେରିରେ ଯେଉଁ ଫାଟ ବାହାରି ମେଲିବା ଆରମ୍ଭ କରୁଛି, ସେଥିପାଇଁ ପୂର୍ବ ବିଜେଡି ସରକାର ଦାୟୀ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, କିଛି ଭୁଲ୍ ଅଛି ଯାହାର କ୍ଷମା ନାହିଁ। ଗତ ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଭି.କେ. ପାଣ୍ଡିଆନ ଏଭଳି କିଛି ଭୁଲ୍‌କରି ଯାଇଛନ୍ତି ଯାହାର ମୂଲ୍ୟ ଏବେ ରାଜ୍ୟବାସୀଙ୍କୁ ଦେବାକୁ ପଡୁଛି। ନିଜର ରାଜନୈତିକ ଫାଇଦା ପାଇଁ ସେମାନେ କିଭଳି ଏକ ପୁରାତନ ଐତିହ୍ୟକୁ ବିପଦକୁ ଠେଲିଦେଇଥିଲେ ତାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅନିଲ କହିଛନ୍ତି।

ମେଘନାଦ ପାଚେରୀରେ ଫାଟ ହୋଇଥିବା ବିଷୟ ସାମ୍ନାକୁ ଆସିବା ପରେ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ସରକାର ଏହାର ମରାମତି କାମ ଆରମ୍ଭ କରିଦେଇଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଏହା କାହିଁକି ଘଟିଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଯେଉଁଳି ବଡ଼ ମେଶିନ ଲଗାଇ ଶ୍ରୀମନ୍ଦିର ଚାରିପଟେ ଓ ଅତି ନିକଟରେ ବଡ଼ ଗାତ କରାଗଲା, ତାହା ମେଘନାଦ ପାଚେରି ଉପରେ ପ୍ରଭାବ ପକାଇଲା। ନବୀନ ବାବୁ ଏବଂ ପାଣ୍ଡିଆନ୍ ଏନେଇ ମୁହଁ ଖୋଲି ସ୍ପଷ୍ଟୀକରଣ ଦିଅନ୍ତୁ। ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ବିନା ଅନୁମତିରେ ପ୍ରଥମେ ମେଶିନ ଲଗାଇ ଶ୍ରୀମନ୍ଦିର ଚାରିପାଖ ଖୋଳା ଯାଇଥିଲା। ଆମ୍‌ସାର ଆକ୍ଟ ୧୯୫୮କୁ ନ ମାନି ଏଭଳି ବେଆଇନ କାମ କରାଯାଇଥିଲା, ଯେଉଁଥିପାଇଁ ମାମଲା ଅଦାଲତକୁ ଗଲା। ବିନା କୌଣସି ହେରିଟେଜ୍ ଇମ୍ପାକ୍ଟ ଷ୍ଟଡି ଓ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡର ସର୍ଭେ କରା ନ ଯାଇ ଏହି ଖୋଳାଖୋଳି କାମ କେଉଁ ପରିସ୍ଥିତିରେ କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ନିୟମ ଅନୁସାରେ କୌଣସି ଐତିହ୍ୟ ପ୍ରକଳ୍ପର ୧୦୦ ମିଟର ପରିସରରେ କୌଣସି ନିର୍ମାଣ କାମ, ଖୋଳାଖୋଳି କରାଯାଇପାରିବ ନାହିଁ। ଏହାକୁ ନ ମାନିବା ଏବେ ମହଙ୍ଗା ପଡ଼ିଲାଣି। ପ୍ରତ୍ନତତ୍ତ୍ୱ ବିଭାଗ ସେତେବେଳେ ହାଇକୋର୍ଟରେ ଯେଉଁ ସତ୍ୟପାଠ ଦେଇଥିଲେ, ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଶ୍ରୀମନ୍ଦିର ଚାରିପଟେ ୨୦ ଫୁଟରୁ ଅଧିକ ଗଭୀରର ଗାତ ଖୋଳାଯାଇଛି। ସେହିଭଳି ଯେଉଁ ଡିପିଆର୍ ପ୍ରଥମେ ଦିଆଯାଇଥିଲା ତାକୁ ଚଞ୍ଚକତାକରି ପରେ ବଦଳାଇ ଦିଆଗଲା। ଏକ ପ୍ରାଚୀନ ମନ୍ଦିର ଚାରିପଟେ ଯେଉଁଭଳି ବିଶାଳ ମେଶିନ ଲଗାଇ ବୃହତ୍ ଗର୍ତ୍ତ କରାଯାଇ ଏହାର ସ୍ଥାୟିତ୍ୱକୁ ବିଗାଡ଼ିଦିଆଗଲା, ତାହାର ପ୍ରଭାବ ବର୍ତ୍ତମାନ ମେଘନାଦ ପାଚେରି ଉପରେ ପଡ଼ିଲାଣି ବୋଲି ଅନିଲ କହିଛନ୍ତି।

## ଅଭିଯୋଗ ଭିତ୍ତିହୀନ: ବିଜେଡି

ଭୁବନେଶ୍ୱର,୫।୧୧(ଅନିଲ ଦାସ)

ମେଘନାଦ ପାଚେରିରେ ଫାଟ ସୃଷ୍ଟି ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦାୟୀ ବୋଲି କହି ବିଜେଡିକୁ ଭାଜପା ଟର୍ଗେଟ କରିଥିବାରୁ ତାହାକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଏଭଳି ଅଭିଯୋଗ ଭିତ୍ତିହୀନ। ମଙ୍ଗଳବାର ଶଙ୍ଖଭବନରେ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମଧ କହିଛନ୍ତି, ମେଘନାଦ ପାଚେରିର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗର। ପାଚେରିରେ ଫାଟ ସୃଷ୍ଟି ହେଲେ, ଅଙ୍ଗୁଳି ନିର୍ଦ୍ଦେଶ କାହା ଉପରେ ହେବା ଦରକାର। ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଖୋଳାଖୋଳି କାରଣରୁ ମେଘନାଦ ପାଚେରିରେ ଫାଟ ସୃଷ୍ଟି ହୋଇଛି ବୋଲି ଭାଜପା ମୁଖପାତ୍ର ଜାଣିଲେ କେମିତି। ସେ କ'ଣ ଏହି ବିଷୟରେ ଜଣେ ବିଶେଷଜ୍ଞ କି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ନ ଜାଣିଲେ କଥା ଅଡୁଆ,**
**ଧରି ନ ଜାଣିଲେ ସୂତା ଅଡୁଆ।**

ପ୍ରକାଶଭଙ୍ଗିର ଯଥାର୍ଥତା ଉପରେ କାର୍ଯ୍ୟର ସୂକ୍ଷ୍ମତା ନିର୍ଭର କରେ। କଥାକୁ ବନେଇ ଚୂନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ। ସେହିପରି ଧରିବାର ବାଟ ବା କାଇଦା ଜାଣିଲେ ସୂତା ଧରିହୁଏ ଏବଂ ବସ୍ତ୍ର ବୁଣାରେ ସାହାଯ୍ୟ କରେ। ଅନ୍ୟଥା ସବୁ ନିଷ୍ଫଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳର ଅଟେ ବିପରୀତ ରୀତି,**
**ଦଣ୍ଡକେ କୋରଡା ଦଣ୍ଡକେ ଛତି।**

ମଣିଷ କେତେବେଳେ ଦୁଃଖ ଦୁର୍ଦ୍ଦଶାରେ ପଡ଼ି ଘାଣ୍ଟିଚକଟି ହେଉଥାଏ ତ କେତେବେଳେ ସମୟ ବଦଳିଗଲେ ଅୟସରେ ଦିନ ବିତାଉଥାଏ। କେତେବେଳେ ହାତକଡି ପିନ୍ଧିଥିବା ଅବସ୍ଥାରେ ପ୍ରହାର ମିଳିଥାଏ ତ ପରକ୍ଷଣରେ ମୁଣ୍ଡ ଉପରେ ପାଟଛତା ରହିଥାଏ। ମଣିଷ ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସକ୍ରିୟ ରାଜନୀତିରୁ ଅବସର ନେବେ ଶରଦ ପାୱାର

ପୁଣେ,୫।୧୧

ବର୍ଷୀୟାନ ରାଜନେତା ତଥା ଏନ୍‌ସିପି(ଏସ୍‌ସିପି)ର ଅଧ୍ୟକ୍ଷ ଶରଦ ପାୱାର ସକ୍ରିୟ ରାଜନୀତିରୁ ଅବସର ନେବେ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି। ନିଜ ସହର ବାରାମତୀରେ ଏକ ରାଲିକୁ ସମ୍ବୋଧନ କରି ୮୩ ବର୍ଷୀୟ ପାୱାର କହିଥିଲେ, ଦେଢ଼ ବର୍ଷ ପରେ ତାଙ୍କର ରାଜ୍ୟ ସଭା ସଦସ୍ୟତା ପୂରଣ ହେବାକୁ ଥିବାବେଳେ ସେ ପୁନର୍ବାର ଉଚ୍ଚ ସଦନକୁ ଯିବା ଉଚିତ ହେବ କି ନାହିଁ, ପୁନର୍ବାର ଚିନ୍ତା କରିବେ। ତେବେ ସେ କୌଣସି ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ପାୱାର ଶେଷ ଥର ପାଇଁ ୨୦୦୯ ଲୋକ ସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେଥର ସେ ତାଙ୍କର ନିଜସ୍ୱ ନିର୍ବାଚନମଣ୍ଡଳୀ ବାରାମତୀକୁ ଝିଅ ସୁପ୍ରିୟା ସୁଲେଙ୍କ ପାଇଁ ଛାଡ଼ି ମାଧ ଆସନରୁ ଲଢ଼ିଥିଲେ। ସେ ୧୪ ଥର ନିର୍ବାଚନ ଲଢ଼ିଲେଣି ଏବଂ ପ୍ରତିଥର ଜନସାଧାରଣ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜୟୀ କରାଇଛନ୍ତି। ତେବେ ମୋତେ ଅଟକିଯାଇ ଯୁବପିଢ଼ିଙ୍କୁ ବାଟ ଛାଡ଼ିଦେବାକୁ ହେବ ବୋଲି ପାୱାର କହିଛନ୍ତି। ତେବେ ସେ ସମାଜସେବା କାର୍ଯ୍ୟରୁ ଓହରିଯିବେ ନାହିଁ। ସାଧାରଣ ଲୋକଙ୍କ ପାଇଁ ସେ ସାମାଜିକ ଜୀବନରେ କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମେ' ୨ରେ ଶରଦ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦରୁ ଓହରିଯିବେ ବୋଲି ଘୋଷଣା କରିଥିଲେ। ସେତେବେଳେ ଅଜିତ ପାୱାର ତାଙ୍କ ସହ ଥିଲେ। ଏହାର ଦୁଇମାସ ପରେ ଅଜିତ ତାଙ୍କ ଦାଦାଙ୍କ ବିରୋଧରେ ବିଦ୍ରୋହ କରି ଭାଜପା-ଶିବସେନା ମେଣ୍ଟ ସରକାରରେ ସାମିଲ ହୋଇଥିଲେ।

# ଅଜ୍ଞାତବାସରେ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳରେ ଭାଜପା ଟାର୍ଗେଟରେ ୭ଟି ବ୍ଲକର ଅଧ୍ୟକ୍ଷା ଅଧ୍ୟକ୍ଷ ପଦବୀ। ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଆସିବା ପରେ ବର୍ତ୍ତମାନ ଜିଲାରେ ବ୍ଲକ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ପଦବୀରେ ରହିଥିବା ବିଜେଡି ସମର୍ଥିତ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କୁ ହଟାଇବା ନିମନ୍ତେ ରଣନୀତି ଆରମ୍ଭ ହୋଇଛି । ଗତ କିଛିଦିନ ତଳେ ଗଁଦିଆ ବ୍ଲକର ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ନିଜର ସମର୍ଥକ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କ ସହ ଭାଜପାରେ ମିଶିଥିଲେ । ଏହାପରେ ବର୍ତ୍ତମାନ ସଦର ବ୍ଲକ ଅଧ୍ୟକ୍ଷ ପଦବୀ ଉପରେ ଭାଜପାର ରଣନୀତି ଆରମ୍ଭ ହୋଇଛି । ଏହାକୁ ନେଇ ଭାଜପା-ବିଜେଡି ମଧ୍ୟରେ ଏକ ପ୍ରକାର ଛକାପଞ୍ଝା ଆରମ୍ଭ ହୋଇଛି । ମଙ୍ଗଳବାର ସଦର ବ୍ଲକର ୩୦ଟି ପଞ୍ଚାୟତ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଅଜ୍ଞାତବାସରେ ଯାଇଥିବା ଜଣାପଡିଛି । ଏହାକୁ ନେଇ ରାଜନୈତିକ ବାତାବରଣ ବେଶ୍ ସରଗରମ ହୋଇଛି । ଢେଙ୍କାନାଳ ଜିଲାରେ ପରଜଙ୍ଗ ବ୍ଲକକୁ ଛାଡ଼ିଦେଲେ ଅନ୍ୟ ୭ଟି ବ୍ଲକରେ ବିଜେଡି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ରହିଥିଲେ ।

# ଧାନମଣ୍ଡି ତଦାରଖ କରିବେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)



ଭୁବନେଶ୍ୱରଠାରେ ଏକ ସଭାରେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ।

ଖରିଫ ଧାନ କିଣା ଆସନ୍ତା ନଭେମ୍ବର ୨୧ରୁ ଆରମ୍ଭ ହେବ। ଏହି କାରବାରରେ ସ୍ୱଚ୍ଛତା ଆଣିବା ସହ କଟ୍‌ନି ଛଟ୍‌ନି ବନ୍ଦ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସାରା ରାଜ୍ୟର ସମସ୍ତ ଧାନମଣ୍ଡି ଜଗିବେ ଓ ତଦାରଖ କରିବେ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଧାନ ସଂଗ୍ରହ ଅଭିଯାନର ସଫଳ ରୂପାୟନ ପାଇଁ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାହୁ କହିଛନ୍ତି, ଓଡ଼ିଶାର ଚାଷୀଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ଆୟକୁ ୨ଗୁଣା କରିବା ସକାଶେ ମୋହନ ଚରଣ ମାଝୀଙ୍କ ସରକାର ଅନେକ କୃଷକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହାର ସଫଳ ରୂପାୟନ କରିବାରେ କୃଷକ ମୋର୍ଚ୍ଚା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଧାନକିଣା ସମୟରେ ରାଜ୍ୟର ୪,୧୯୩ ମଣ୍ଡିରେ କାର୍ଯ୍ୟକର୍ତ୍ତାମାନେ ଚାଷୀଙ୍କୁ ସହଯୋଗ କରିବେ। ଏଥିପାଇଁ ରାଜ୍ୟର ବିଭିନ୍ନ ନେତୃବୃନ୍ଦଙ୍କୁ ଜିଲା ଓ ମଣ୍ଡି ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ସଭାରେ କ୍ଷୁଦ୍ରଶିଳ୍ପ, ମତ୍ସ୍ୟଚାଷ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ଲୋକ ସଭା ସଦସ୍ୟ ରବିନାରାୟଣ ବେହେରା ଓ ବରିଷ୍ଠ ଭାଜପା ନେତା ସଜନ ଶର୍ମା ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ ପୂର୍ବତନ ଉପନଗରପାଳ

ବାରିପଦା,୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନିସିପାଲିଟିର ପୂର୍ବତନ ଉପନଗରପାଳ ତଥା ବିଜେଡି ନେତ୍ରୀ ଦୁର୍ଗାମଣି ଆଚାର୍ଯ୍ୟ ଭାଜପାରେ ଯୋଗ ଦେଇଛନ୍ତି। ମଙ୍ଗଳବାର ତକତପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ସେ ନିଜର ବହୁସଂଖ୍ୟକ ସମର୍ଥକଙ୍କ ସହିତ ଭାଜପାରେ ସାମିଲ ହୋଇଥିବା ଦଳର ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁର୍ଗାମଣି ୨୦୦୩ରୁ ୨୦୦୭ ପର୍ଯ୍ୟନ୍ତ ବାରିପଦା ପୌର ପରିଷଦର ଉପାଧ୍ୟକ୍ଷା ଓ ପରେ ୧ନଂ. ୱାର୍ଡର କାଉନସିଲର ଥିଲେ। ପୂର୍ବରୁ ସେ ବିଜେଡି ମହିଳା ମୋର୍ଚ୍ଚା ମୟୂରଭଞ୍ଜ ଜିଲା ଶାଖାର ସଭାପତି ମଧ ଥିଲେ। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦଳରେ ସାମିଲ ହୋଇଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ନେତୃବୃନ୍ଦଙ୍କ ସହ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନେତା ଓ କର୍ମୀ।

# ନିଶା ନିବାରଣ ପାଇଁ ଶିକ୍ଷା ସଚେତନତା କର୍ମଶାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଦେବଗଡ଼,୫।୧୧(ଶଶାଙ୍କ ଶେଖର ଝାଙ୍କର)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଓ ମୋ ଯୁବା ଭାରତ ପକ୍ଷରୁ ରିଆମାଳ ମହାବିଦ୍ୟାଳୟଠାରେ ନିଶା ନିବାରଣ ନିମନ୍ତେ ଶିକ୍ଷା ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରିଆମାଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତାବର୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ବିଶି, ଡାକ୍ତର ଆଶୁତୋଷ ଦାସ, ନିଶା ନିବାରଣ ଥଇଥାନ କେନ୍ଦ୍ରର ସଂଯୋଜକ ହୃଷୀକେଶ ସାହୁ ପ୍ରମୁଖ ଯୋଗଦେଇ ନିଶା ସେବନ ଦ୍ୱାରା ନିଜର ଶରୀର କ୍ଷତି ହେବା ସହ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଯୁବ ସମାଜ ନିଶା କବଳରେ କବଳିତ ହୋଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରିବା ଦ୍ୱାରା ସମାଜର ବ୍ୟାପକ କ୍ଷତି ହେଉଛି। ନିଶାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ କିପରି ଜଣେ ଭଲ ମଣିଷ ହୋଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ସ୍ୱେଚ୍ଛାସେବୀ ମୁକେଶ କୁମାର ଭୋଇଙ୍କୁ ଏହି ଅବସରରେ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଭୋଇ ଏହି ଅବସରରେ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳ ତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିବା ସହ କଠିନ ପରିଶ୍ରମ ବଳରେ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ରିଆମାଳ ଯୁକ୍ତ ୨ର ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମ ବିକାଶରେ ଦେଶ ବିକାଶ ସମ୍ଭବ

**ସମ୍ବଲପୁର,୫।୧୧(ବି.ଶଙ୍କର)**

ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ର ପକ୍ଷରୁ ଭାରତ କୃଷି ଦର୍ଶନ ଏବଂ ସମ୍ପୂର୍ଣ୍ଣ ଗ୍ରାମ ବିକାଶ ଶୀର୍ଷକ ଆଧ୍ୟାତ୍ମିକ ସମାବେଶ ମଙ୍ଗଳବାର ଶାସନ ନିକଟସ୍ଥ ପାବନ ସରୋବର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଉପକ୍ଷେତ୍ର ରଜାଯୋଗିନୀ ବ୍ରହ୍ମା କୁମାରୀ ପାର୍ବତୀ ସଭାପତିତ୍ୱ କରିଥିଲେ। ରାଜସ୍ଥାନ ମାଉଣ୍ଟ ଆବୁ କୃଷି ଏବଂ ଗ୍ରାମ ବିକାଶ ବିଭାଗ ଉପାଧ୍ୟକ୍ଷ ରାଜଯୋଗୀ ବ୍ରହ୍ମାକୁମାର ରାଜୁ ମୁଖ୍ୟବକ୍ତା, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଚିପିଲିମାସ୍ଥିତ ବୈଷୟିକ କୃଷି ବିଶ୍ୱବିଦ୍ୟାଳୟ ଡିନ କୈଳାସ ଚନ୍ଦ୍ର ସାମଲ ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ସମ୍ମାନୀତ ଅତିଥି ଥିଲେ।

ଭାରତ ଏକ କୃଷି ପ୍ରଧାନ ଦେଶ। ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। କୃଷକମାନେ ଅକ୍ଲାନ୍ତ ପରିଶ୍ରମ କରି ଖାଦ୍ୟ ଶସ୍ୟ ଉତ୍ପାଦନ କରିଥାନ୍ତି। ତେବେ ରାସାୟନିକ ସାର ଓ କୀଟନାଶକ ବିଷ ବ୍ୟବହାର କରିବା ଅନୁଚିତ। ଶୁଦ୍ଧ ପ୍ରକଂପନ ଦେଇ ଜୈବିକ ସାର ବ୍ୟବହାର କରି ଚାଷ କରାଯାଇପାରିବ। ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରି ଖାଦ୍ୟ କେବଳ ବିଷାକ୍ତ ହେଉନି, ବରଂ ମାଟିର ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେଉଛି। ଏହା ଠିକ୍ ଭାବେ କୃଷକମାନଙ୍କୁ ବୁଝାଇବା ଆବଶ୍ୟତା ରହିଛି। ୧୪୦ କୋଟି ଲୋକଙ୍କୁ କୃଷକ ଖାଦ୍ୟ ଯୋଗାଉଛନ୍ତି। ସେଥିପାଇଁ ସକାରାତ୍ମକ ଚିନ୍ତନ ତଥା ଜୈବିକ ଓ ଯୌଗିକ ଚାଷ କରିବାର ପ୍ରକୃଷ୍ଟ ସମୟ ଆସିଛି। ସଂପ୍ରତି ଭଗବାନଙ୍କ ଧ୍ୟାନରେ ରହି ଜୈବିକ ଖତ ସାର ବ୍ୟବହାର କରି ଆମେ ଫସଲ ଅମଳ କରୁଅଛୁ। ଏଥିରୁ ପ୍ରସ୍ତୁତ ଖାଦ୍ୟ ମନ ଉପରେ ସୁପ୍ରଭାବ ପକାଏ। ତେଣୁ ସମସ୍ତେ ଜୈବିକ ପ୍ରତି ଆକୃଷ୍ଟ ହେବା ଉଚିତ। ଅପରପକ୍ଷେ ଗ୍ରାମ ବିକାଶ ନ ହେଲେ ଦେଶ ବିକାଶ ହୋଇ ପାରିବ ନାହିଁ। କୃଷକ ହିଁ ଗ୍ରାମ ବିକାଶର ମୂଳ ଉତ୍ସ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରଗଡର ଚାଷୀ ବି.କେ ଶ୍ୟାମଘନ ଏବଂ ଅତାବିରାର ଚାଷୀ ମୂରଲୀ କୃଷ୍ଣଙ୍କୁ ସଫଳ ଚାଷୀ ଭାବେ ସମ୍ମାନୀତ କରଯାଇଥିଲା। ବ୍ରହ୍ମା କୁମାରୀ ଦୀପା ସ୍ୱାଗତ ସଙ୍ଗୀତ ଗାନ, ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମା କୁମାରୀ ବିନି ଅତିଥି ସ୍ୱାଗତ ଏବଂ ବି.କେ. ହଳଧର ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ବି.କେ. ଜ୍ୟୋତି ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ବି.କେ.ମୌସୁମୀ କୃଷି ସହିତ ଆଧ୍ୟାତ୍ମିକତାର ସମ୍ବନ୍ଧ ବିଷୟରେ ବୁଝାଇଥିଲେ। ଜେଭିଏମ ଏବଂ ସୁଜାତା କ୍ରୀଏସନ ଦଳର ପ୍ରଶିକ୍ଷାର୍ଥୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିକେ କ୍ରିଷ୍ଣା, ବିକେ ମନୋଜ, ବିକେ. ହିମାଂଶୁ, ବିକେ କୁମରମଣୀ ଓ ବି କେ କଞ୍ଚ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୫ଶହ କୃଷକ ଯୋଗଦେଇଥିଲେ।




ବ୍ରହ୍ମା କୁମାରୀ ସମ୍ବଲପୁର ଉପକ୍ଷେତ୍ର ଆୟୋଜିତ କୃଷି ଶୀର୍ଷକ ଆଧ୍ୟାତ୍ମିକ ସମାବେଶରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

**ବ୍ରହ୍ମାକୁମାରୀ ପକ୍ଷରୁ ଭାରତ କୃଷି ଦର୍ଶନ ଏବଂ ସମ୍ପୂର୍ଣ୍ଣ ଗ୍ରାମ ବିକାଶ ଶୀର୍ଷକ ଆଧ୍ୟାତ୍ମିକ ସମାବେଶ**

**■ କୀଟନାଶକ ବ୍ୟବହାର ଯୋଗୁ ମାଟିର ସ୍ୱାସ୍ଥ୍ୟ ନଷ୍ଟ ହେଉଛି**

# ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତିମୁକ୍ତ ପରିବେଶ ସୃଷ୍ଟି କର



ଛାତ୍ରମାନେ ପ୍ରଶାସନିକ ଅଧିକାରୀଙ୍କ ହାତରେ ବାନ୍ଧୁଛନ୍ତି ଇଣ୍ଟିଗ୍ରିଟି ବ୍ୟାଣ୍ଡ।

**ସମ୍ବଲପୁର,୫।୧୧(ପ୍ରମୋଦ ବହିଦାର)**

**ପ୍ରଶାସନିକ ଅଧିକାରୀଙ୍କୁ ଭେଟି କହିଲେ ଛାତ୍ରୀଛାତ୍ର**

ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଜିଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରି ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତିମୁକ୍ତ ପରିବେଶ ସୃଷ୍ଟ ପାଇଁ ନିବେଦନ କରିଛନ୍ତି। ସମାଜକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା ଲକ୍ଷ୍ୟରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏଦିଗରେ ଜନସାଧାରଣ ତଥା ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଛାତ୍ରୀଛାତ୍ରଙ୍କ ଜରିଆରେ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ବିଭିନ୍ନ କାର୍ଯ୍ୟାଳୟ ଯାଇ ସାକ୍ଷାତ୍ କରୁଥିବା ପ୍ରତ୍ୟେକ ପ୍ରଶାସନିକ ଅଧିକାରୀଙ୍କ ହାତରେ ସତ୍ୟନିଷ୍ଠ ହିଁ ରାଷ୍ଟ୍ର ସମୃଦ୍ଧି ଉଲ୍ଲେଖ ଥିବା ଇଣ୍ଟିଗ୍ରିଟି ବ୍ୟାଣ୍ଡ ବାନ୍ଧି ସେମାନଙ୍କୁ ଦୁର୍ନୀତିମୁକ୍ତ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ନିବେଦନ କରିଥିଲେ। ସେହିପରି ଆଗାମୀ ପିଢ଼ି ପାଇଁ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଦିଗରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରମାନେ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

# ସନାତନୀ ଋଷି ରାଜଙ୍କୁ ସମ୍ବଲପୁରରେ ସମ୍ବର୍ଦ୍ଧନା

**ସମ୍ବଲପୁର,୫।୧୧(ପ୍ରମୋଦ ବହିଦାର)**

**ସାଇକେଲରେ ଭାରତ ଭ୍ରମଣରେ ବାହାରିଛନ୍ତି**

ସାଇକେଲ ଯୋଗେ ଭାରତ ଭ୍ରମଣରେ ବାହାରିଥିବା ବିଶିଷ୍ଟ ସନାତନୀ ଋଷି ରାଜ ମଙ୍ଗଳବାର ସମ୍ବଲପୁରରେ ପହଞ୍ଚିଥିଲେ। ଏହି ଅବସରରେ ଏବିସିଡି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ମା' ସମଲେଇଙ୍କ ପୀଠରେ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ସତନାମୀ, ଶିକ୍ଷକ ସୁନୀଲ ସାଗର, ମୁକେଶ ମେହେର, ଶିବାଶିଷ ନନ୍ଦ, ପ୍ରକ୍ଷିତ ମେହେର ପ୍ରମୁଖ ଋଷି ରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରଚାର କରିବା ସହ ଏକ ସବୁଜ ଭାରତ ପରିକଳ୍ପନାକୁ ସଫଳ ରୂପାୟନ ତାଙ୍କର ସାଇକେଲ୍‌ରେ ଭାରତ ଭ୍ରମଣର ଲକ୍ଷ୍ୟ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଭାରତ ଭ୍ରମଣରେ ବାହାରି ଋଷି ରାଜ ସାଇକେଲରେ ପଶ୍ଚିମବଙ୍ଗରୁ ଆସି ତାଙ୍କ ଯାତ୍ରାର ୧୨୮ତମ ଦିନରେ ସମ୍ବଲପୁର ପହଞ୍ଚିଥିଲେ।



ସମ୍ବଲପୁରରେ ପହଞ୍ଚିଥିବା ଋଷି ରାଜଙ୍କୁ ସମଲେଇ ପୀଠରେ ସମ୍ବର୍ଦ୍ଧିତ କରାଯାଉଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ାପଡ଼ା
## OFFICE OF THE PANCHAYAT SAMITI, ODAPADA

ସା/ପୋ.: ହିନ୍ଦୋଳ ରୋଡ୍, ଜିଲ୍ଲା: ଢେଙ୍କାନାଳ, ରାଜ୍ୟ: ଓଡ଼ିଶା, ପିନ୍: ୭୫୯୦୧୯, ଇ-ମେଲ୍: ori-odapada@nic.in, ଦୂରଭାଷ: ୦୬୭୩୨-୨୫୬୦୩୫
At/P.O.: Hindol Road, Dist.: Dhenkanal, State: Odisha, PIN - 759019, Mail ID: ori-odapada@nic.in, Ph No.: 06732-256035
Letter No. 9057 Dt.01.11.2024

No. i-276 **Tender Call Notice No. - BDO ODAPADA/02/2024-25**

| Sl. No. | Name of the Work | Approximate Value of Work | Class of Contractor | Place of receipt of Tender Papers through Post only | Cost of BID Document (Non-refundable) (Rs.) | EMD 1% | Period of Completion in Months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Library Building of OPS Mahavidyalaya, Odpada | Rs.2365633.35 | B & C Class | Panchayat Samiti, Odapada | Rs.6,000 | Rs.23656 | 6 (Six Calendar Months) |

1. Total Number of Work : 01 No.
2. Date & time of availability of the bid document in the portal : 04.11.2024 10.00 A.M. to 20.11.2024 5.30 P.M.
3. Last date/time of receipt of the original bid documents : 20.11.2024 5.30 P.M.
4. Date of seeking clarification : 14.11.2024 within office hours
5. Date of Opening : 21.11.2024 11.00 A.M.
6. Name & Address of the Office : Office of the Block Development Officer, Odapada

Further details can be seen from the Dhenkanal Portal: www.dhenkanal.nic.in.
OIPR-19419/11/0003/2425 Sd./- Block Development Officer, Odapada

## ODISHA PUBLIC SERVICE COMMISSION CUTTACK
**NOTICE**

No. 6199/P.S.C. Dt.4.11.24
(1E-10-2024/25) (DR - II)
Website: http://www.opsc.gov.in

No. D-: It is for information of all concerned that, the written examination for recruitment to the post of **Psychiatric Social Worker,** pursuant to Advertisement No. 38 of 2023-24 will be held on **22.12.2024 (Sunday) from 10.00 A.M. to 11.30 A.M.** The detailed programme shall be published later. The concerned candidates are advised to visit the website of OPSC **(www.opsc.gov.in)** regularly for further updates.
OIPR-12002/11/0082/2425 Sd./- Secretary

## OFFICE OF THE ASST. DIRECTOR OF TEXTILES KALAHANDI, BHAWANIPATNA
At:-Naktiguda (Near T.V. Tower), P.O.:Bhawanipatna, Dist: Kalahandi (Odisha), PIN-766001
Phone-06670-295231/e-mail:adt02kalahandi@gmail.com
Letter No. 1825, Dt.02.11.2024

**QUOTATION CALL NOTICE FOR TECHNOLOGICAL INTERVENTION FOR THE YEAR 2023-24**

**No.PP-35:**Sealed quotations are invited from the registered suppliers/ manufacturers/dealers/firms having valid PAN and GSTIN registration with up-to-date income Tax & GST Clearance certificate for supply of different Handloom Items like Frame loom and Weaving accessories for the weavers of Kalahandi Textiles Zone under Technological Intervention components of Promotion of Handloom Industries (POHI) for the year 2023-24.
Interested suppliers may quote their mentioning **"Quotation for Technological Intervention"** on the top of the sealed envelope alongwith all documents and send it to the undersigned **by on or before 5.00 P.M of Dt.26.11.2024** through Registered/Speed Post only. The quotation received either in incomplete form or after the due date & time will not be considered and treated as rejected.
For more details, terms & condition etc. for supply of the items, please visit the official website of SADHAC, Bhubaneswar- www.sadhacodisha.org, Kalahandi District administration-www.kalahandi.nic.in & Nuapada District administration-www.nuapada.nic.in and may contact the Assistant Director of Textiles, Kalahandi in the above listed address, email & phone number.
The undersigned reserves the right to reject or accept any or all the, quotations without assigning any reason thereof.
Sd./- Asst. Director of Textiles Kalahandi, Bhawanipatna
OIPR-31030/11/0001/2425

## INTEGRATED TRIBAL DEVELOPMENT AGENCY, PANPOSH
Tel. No. - 0661-2501011, Fax - 2501011, e-mail - itdapan@nic.in
No._2410_/ Date : _04.11.2024_/

**e-Tender Notice Bid Identification No. ITDAPAN-02/2024-25**

**No.CAD-1534** : The Project Administrator, ITDA, Panposh on behalf of Governor of Odisha invites Percentage Rate bids in online mode for Construction of the work detailed below.

| | | | |
|---|---|---|---|
| 1 | Number of works | : | 04 (Four) |
| 2 | Nature of work | : | **Civil Construction work** |
| 3 | Class of Contractor | : | B, D & C |
| 4 | Period of completion | : | 6 (Six) & 9 (Nine) calendar months |
| 5 | Estimated cost | : | Varies from 17.00 lakhs to 52.00 lakh |
| 6 | Date & time of online availability of details of this notice and the Tender Documents | : | **05.11.2024** to **19.11.2024** upto **5.00 P.M.** in the Site www.tendersorissa.gov.in and in the office of the P.A, ITDA, Panposh (on working days) |
| 7 | Last date of receipt of online Bid | : | **19.11.2024** upto **5.00 P.M.** |
| 8 | Mode of submission of Tender documents | : | **The documents should be uploaded through online** |
| 9 | The date of opening of Bids received on-line | : | **20.11.2024** at **11.00 A.M.** in the office of the P.A, ITDA, Panposh |
| 10 | Designation and address of the authority inviting Bids | : | Project Administrator, ITDA, Panposh, At/Po - Uditnagar, Rourkela-769012, Dist - Sundargarh |

The bidders have to participate through online bidding only.
Sd./- Project Administrator ITDA, Panposh
OIPR-19056/11/0004/2425

## OFFICE OF THE REGULATED MARKET COMMITTEE BALANGIR
**Tender/Quotation Call Notice**
No.01 Date. 01.11.2024

**No.H-34**: Sub-Collector, Balangir-Cum-Chairman R.M.C. Balangir invites Sealed Quotations from reputed manufacturer or their authorized dealers for supply, installation and commissioning of grading equipment operation under R.M.C. Balangir for more details, please log in to **https://balangir.odisha.gov.in**
Sd./- Chairman, R.M.C. Balangir
OIPR-07054/11/0001/2425

## OFFICE OF THE NOTIFIED AREA COUNCIL, G.UDAYAGIRI
Fax No.06847/260366, Email ID:orissagudnac@gmail.com
No.2395/ Dated 04.11.2024
**Cancellation of E-Tender**

**No.C-907:**The Tender Call Notice No.2372, dt.30.10.2024 of NAC G.Udayagiri is hereby Cancelled due to Technical Problem.
Sd./- Executive Officer N.A.C., G.Udayagiri
OIPR-13085/11/0012/2425

## GOVERNMENT OF ODISHA HEALTH & FAMILY WELFARE DEPARTMENT OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA, (SAMBALPUR) ODISHA-768017
E.mail : vimsarsuptd24@gmail.com
No. 15089/VIMSAR Dated, Burla, the 4th November, 2024

**TENDER CALL NOTICE**

**No.E-469** : Sealed Tenders are hereby invited by the undersigned from the reputed Manufacturer/Authorized Dealers and Registered firms under GST Act for supply of Leucofilter for both Lab Side & Bed Side required for the Blood Centre of VIMSAR, Burla, so as to reach this office of the Superintendent, VSS Institute of Medical Sciences & Research, Burla on or before **dt. 02.12.2024** up to **5.00 P.M.** through Regd. Post/Speed Post/Couriers only and that will be opened on 03.12.2024 at 11.30 A.M. in the next day. The tenderer may attend the office at the time of opening of the tenders. The dealy in receipt of tender paper is the responsibility of the tenderer.
The detail technical specifications along with terms and conditions of this Tender Call Notice can be downloaded from Dist. website www.Sambalpur.nic.in & www.vimsar.ac.in
The undersigned/committee reserves the full right to accept in full or reject any or all the tenders without assigning any reasons thereof.
Sd./- Superintendent VSS Inst. of Med. Sc. & Research, Burla
OIPR-10187/11/0012/2425

## Government Of Odisha Office of the Chief Construction Engineer, Central (R&B) Circle, Bhubaneswar
Mail i.d : seccbbsr@gmail.com
**E-procurement Tender Call Notice No. 10 of 2024-25**
No. 4231 (Estg.) Bhubaneswar the 2nd November - 2024

**No.B-567** : The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for three number of road work to be received in online bidding, double cover system for construction work as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 06.11.2024 to 4.00 P.M. of 20.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 20.11.2024** in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.
Sd./- Er. M.R.Behera Chief Construction Engineer Central (R&B) Circle, Bhubaneswar
OIPR-34156/11/0008/2425

## idco | ODISHA NEW OPPORTUNITIES
No.CAD-1533
## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR
Tender Call Notice No- BBSR/ELECT-II/E-275/24-25/3881 Dt:01.11.2024
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Name of the Work:** Repair & Renovation work for Air Conditioning system at multi activity center inside BPUT Campus, Rourkela.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-13/24-25 | 07.11.2024 at 12.00 Hrs. | 14.11.2024 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**
Sd./-Divisional Head (Elect-II), IDCO, Bhubaneswar
OIPR-14003/11/0068/2425

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-I
AT/PO - PADHUANPADA, BALASORE
Contact No. : 06782262045, E mail ID : ee_blsrb@yahoo.co.in
No.B-564
**BID INVITATION NO. SE (R and B) BLS-Divn-I-29/2024-25**
Letter No. 9206 Date : 02.11.2024

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 14 Nos |
| 3 | Nature of work | : | Road & Building works of Balasore (R&B) Division-I |
| 4 | Class of Contractor | : | "D", "C" & "B" Class Contractor |
| 5 | Approx. value of work | : | Rs. 4.64 Lakh to 46.75 Lakh |
| 6 | Tender Cost | : | Rs. 2000/-, 4000/- & 6000/- |
| 7 | Availability of Bid Documents in the website | : | **From 10.00 Hours of dt. 06.11.2024 to 16:00 hours of dt. 16.11.2024** |
| 8 | Date of Opening of Bid | : | Dt. 18.11.2024 at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in | | |

Sd./- Superintending Engineer, Balasore (R&B) Division-I
OIPR-34078/11/0010/2425

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR
No.A-505: 'e' Procurement Notice No. ACECIC-04/2024-25

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhubaneswar | PID-02/ 2024-25 | Cement Concrete Lining of Delang Distributary (Ex-Sakhigopal Branch Canal from RD. 24.240 Km to 29.500 Km) | 782.33 | 782400/- (Online) | 10000/- (Online) | "A" & "Special" Class | 06.11.2024 At 10.00 Hours | 21.11.2024 At 17.00 Hours | 22.11.2024 At 11.00 Hours | 12 (Twelve) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0004/2425 Sd./- Additional Chief Engineer, Central Irrigation Circle

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ

## ହିରୋ ମୋଟକର୍ପର ନୂତନ ରେକର୍ଡ

**ନୂଆଦିଲ୍ଲୀ,୫।୧୧(ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ପାର୍ବଣ ଋତୁରେ ମଧ ହିରୋ ମୋଟୋକର୍ପ ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଚଳିତ ବର୍ଷ ନବରାତ୍ରିରୁ ଆରମ୍ଭ ହୋଇଥିବା ଏହି ପାର୍ବଣ ସ୍ୱତନ୍ତ୍ର ବିକ୍ରୟରେ ହିରୋ ମୋଟକର୍ପ ନୂତନ ରେକର୍ଡ ସହ ସଦ୍ୟତମ ଅଦ୍ୟାବଧି ରହିଥିବା ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ସଫଳତା ଲାଭ କରିଛି।

ଉଲ୍ଲେଖଯୋଗ୍ୟ, ପାର୍ବଣ ବିକ୍ରୟରେ କମ୍ପାନୀ ୧୫.୯୮ ଲକ୍ଷ (୧.୬ ମିଲିୟନ) ରୁ ଅଧିକ ୟୁନିଟ୍ ଗାଡ଼ି ବିକ୍ରୟ ହାସଲ କରିଛି। ଏପରିକି ଗତ ବର୍ଷର ଉତ୍ସବ ଋତୁକାଳୀନ ବିକ୍ରୟ ତୁଳନାରେ ଚଳିତ ବର୍ଷର ବିକ୍ରୟ ପରିମାଣ ପ୍ରାୟ ୧୩% ଅଧିକ ବୋଲି କୁହାଯାଉଛି। ୨୦୨୩-୨୪ ପାର୍ବଣ ବିକ୍ରୟ ଏବଂ ୨୦୨୪-୨୫ ପାର୍ବଣ ବିକ୍ର ଅଭିବୃଦ୍ଧିର ଏକ ଦୃଷ୍ଟି ଆକର୍ଷଣକାରୀ ପଞ୍ଜିକୃତର ରେକର୍ଡ କମ୍ପାନୀ ହାସଲ କରିଛି।

ସେହିଭଳି ହିରୋ ମୋଟୋକର୍ପ ଉତ୍ପାଦନର ଏହି ବିଶାଳ ଚାହିଦା ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ପରିଲକ୍ଷିତ ହୋଇଛି। ଏପରିକି ବ୍ରାଣ୍ଡ୍‌ର ୧୨୫ସିସି ମୋଟରସାଇକେଲ ବିଭାଗରେ ୧୨୫ଆର ଏକ୍ସଟ୍ରିମ ସହିତ ଏହା ଏକ ପ୍ରମୁଖ ବୃଦ୍ଧିର ବାହକ ହୋଇଥିଲାବେଳେ ୧୦୦ସିସି ବିଭାଗ ମଧ କମ୍ପାନୀର ବିକ୍ରୟ କାର୍ଯ୍ୟକଳାପକୁ ଅତି ଦୃଢ଼ ସକାରାତ୍ମକ ଭାବେ ଉପସ୍ଥାପିତ କରିପାରିଛି।

ଏହି ସମୟ ମଧ୍ୟରେ ହିରୋ ମୋଟୋକର୍ପର ଇଲେକ୍ଟ୍ରିକ୍ ଯାନ ଭିଡ଼ା ପ୍ରାୟ ୧୧,୬୦୦ ୟୁନିଟ୍ ଖୁଚୁରା ବିକ୍ରୟର ସଫଳତା ସହ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପିତ କରିଛି। ଏପରିକି ଭିଡ଼ା ଯାନର ନେଟ୍‌ୱର୍କ ବର୍ତ୍ତମାନ ପ୍ରସାରିତ ହେବା ସହିତ ହିରୋ ପ୍ରିମିଆ ତଥା ହିରୋ ୨.୦ସମସ୍ତ ଆଉଟଲେଟକୁ ଶକ୍ତିଶାଳୀ କରୁଛି ତଥା ପ୍ରମୁଖ ସହରକୁ ସଂଯୋଗ କରିବା ସହ ଏହି ବୃଦ୍ଧିର ସକାରାତ୍ମକ ଫଳାଫଳକୁ ଆହୁରି ତୀବ୍ର କରିବାର ଯୋଜନା ରଖିଛି। ଆସନ୍ତା ପୋର୍ଟଫୋଲିଓ ପ୍ରସାରଣ ଏହି ବ୍ରାଣ୍ଡ୍‌ର ମିଶ୍ରଣକୁ ନେଇ ଅଧିକ ପ୍ରେରଣାଦାୟକ ପରିସ୍ଥିତି ଆଣିବାକୁ ଯାଉଛି।

ବ୍ରାଣ୍ଡ୍‌ର ଲୋକପ୍ରିୟତାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ହାର୍ଲେ ଡାଭିଡସନ ଏକ୍ସ ୪୪୦ ୨୮୦୦ ରୁ ଅଧିକ ୟୁନିଟ୍ ବିକ୍ରୟର ଏକ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷର ଶେଷ ଭାଗରେ କମ୍ପାନୀ ୧୦୦ରୁ ଅଧିକ ସ୍ଥାନରେ ପ୍ରିମିଆ ନେଟ୍‌ୱର୍କକୁ ଆହୁରି ଅଧିକ ସମ୍ପ୍ରସାରଣ କରିବାର ଲକ୍ଷ୍ୟ ରଖିଥିବାବେଳେ ଏହା ସେହି ଉଚ୍ଚାକାଂକ୍ଷୀ ବ୍ରାଣ୍ଡ୍‌ର ଗ୍ରହଣୀୟତାରେ ପହଞ୍ଚାଇବା ପାଇଁ ନିଜ ପ୍ରଚେଷ୍ଟା ବୃଦ୍ଧି କରିବାକୁ ଯାଉଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିଇଓ ନିରଞ୍ଜନ ଗୁପ୍ତା କହିଛନ୍ତି, କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ଆମେ ଆମର ସବୁଠାରୁ ଅଧିକ ପାର୍ବଣ ଖୁଚୁରା ବିକ୍ରୟର ନୂତନ ରେକର୍ଡ ସ୍ଥାପନ କରିଛୁ, ଯାହାକି ଭାରତରେ ହିରୋ ମୋଟୋକର୍ପର ସ୍ଥାନ ସବୁଠାରୁ ଅଧିକ ଲୋକପ୍ରିୟ ବ୍ରାଣ୍ଡ ଭାବେ ଏକ ନୂଆ କୀର୍ତ୍ତିମାନ ହାସଲ କରିଛି। ଏପରିକି ଆମେ ଆମର ଲକ୍ଷାଧିକ ପ୍ରିୟ ଗ୍ରାହକଙ୍କର ବିଶ୍ୱାସଭାଜନର ଦୃଢ଼ତା ପାଇଁ ସେମାନଙ୍କ ପାଖରେ ଚିରଋଣୀ ହୋଇ ରହିବୁ। ଏଠାରେ ଏକ ଉତ୍ତମ ମୁହୂର୍ତ୍ତ ତଥା ବୃଦ୍ଧି ଦେଶର ଅନେକ ଭାଗରେ ଦୃଷ୍ଟିଗୋଚର ହେବା ସହ ଗ୍ରାମାଞ୍ଚଳର ବିକ୍ରୟ ସହରାଞ୍ଚଳ ବିକ୍ରୟର ସମକକ୍ଷ ହୋଇଛି, ଯାହା ଏହି ପାର୍ବଣଋତୁର ଅଧାରୁ ଅଧିକ ସମୟରେ ପରିଲକ୍ଷିତ ହୋଇଛି। ଆମେ ଏଭଳି ଏକ ମୁହୂର୍ତ୍ତକୁ ଆଶା କରିବା ସହିତ ବର୍ଷର ବଳକା ସମୟଗୁଡ଼ିକ ପାଇଁ ଯଥେଷ୍ଟ ଆଶାବାଦୀ ରହିଛୁ।



# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୧୧**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୯୪ (୬୯୪.୩୯) ପଏଣ୍ଟ ବଢ଼ି ୭୯,୪୭୭ (୭୯,୪୭୬.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ପ୍ରାୟ ୨୧୮ (୨୧୭.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୧୩ (୨୪,୨୧୩.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ବୃଦ୍ଧି ଘଟିଛି।

# ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ୍ ନେଟ୍‌ୱର୍କ

**ମୁମ୍ବାଇ,୫।୧୧**

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟ୍‌ୱର୍କ ଭାବେ ପରିଗଣିତ ହୋଇଛି। ଏପରିକି ଡାଟା ଟ୍ରାଫିକ୍ ଦୃଷ୍ଟିରୁ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟ୍‌ୱର୍କ ହୋଇ ରହିଛି। ୨୦୨୪ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ବ୍ୟବହୃତ ହୋଇଥିବା ଡାଟା ଅନୁଯାୟୀ ଏହି ସଫଳତା ହାସଲ କରିଛି, ଏପରିକି ୨୦୨୪ ବର୍ଷର ପ୍ରଥମ ତିନୋଟି ତ୍ରୈମାସର ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଚାଇନା କମ୍ପାନୀ ମୋବାଇଲ୍‌ଠାରୁ କ୍ରମାଗତ ଭାବେ ଆଗରେ ରହିଛି। ଅପରପକ୍ଷରେ ବିଶ୍ୱ ଦୂରସଞ୍ଚାର କ୍ଷେତ୍ରର ଅନୁଶୀଳନକାରୀ କମ୍ପାନୀ ଟେଫିସିଏଣ୍ଟର ସୂଚନା ଅନୁଯାୟୀ ଜିଓ ଏବଂ ଚାଇନା ମୋବାଇଲ୍ ପରେ ଅନ୍ୟ ଏକ ଚାଇନା କମ୍ପାନୀ ଚାଇନା ଟେଲିକମ୍ ଡାଟା ଟ୍ରାଫିକରେ ତୃତୀୟ ସ୍ଥାନରେ ଥିବାବେଳେ ଭାରତୀୟ ଟେଲିକମ କମ୍ପାନୀ ଏୟାରଟେଲ ଚତୁର୍ଥ ସ୍ଥାନରେ ରହିଛି। ଏପରିକି ଭାରତୀୟ ମୋବାଇଲ କମ୍ପାନୀ ଭୋଡା-ଆଇଡିଆ ମଧ ଏହି ସୂଚୀର ଷଷ୍ଠ ସ୍ଥାନରେ ସାମିଲ ହୋଇଛନ୍ତି।



ସେହିଭଳି ଟେଫିସିଏଣ୍ଟ ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମ (ଟ୍ୱିଟ)ରେ ଉଲ୍ଲେଖ କରିଛି, ଚାଇନା କମ୍ପାନୀ ଚାଇନା ମୋବାଇଲ୍ ସମ୍ଭବତଃ ନିଜର ପ୍ରଭାବ ହରାଇଛି। ଏପରିକି ଚାଇନା ମୋବାଇଲରେ ବାର୍ଷିକ ଅଭିବୃଦ୍ଧି ମାତ୍ର ୨% ହୋଇଥିବାବେଳେ ଜିଓ ଏବଂ ଚାଇନା ଟେଲିକମରେ ପ୍ରାୟ ୨୪% ଏବଂ ଏୟାରଟେଲରେ ୨୩% ଅଭିବୃଦ୍ଧି ଘଟିଛି। ସେହିପରି ୫ଜି ନେଟ୍‌ୱର୍କର ଦୃଢ଼ ଉପସ୍ଥିତି ପାଇଁ ଭାରତୀୟ କମ୍ପାନୀଗୁଡ଼ିକର ଡାଟା ଟ୍ରାଫିକ୍ ବୃଦ୍ଧି ପାଇଥିବା ଟେଫିସିଏଣ୍ଟ ବିସ୍ତୃତ ଭାବେ ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦର୍ଶାଇଛି। ଏଥିସହିତ ୫ଜି ଚାଇନାର ଡାଟା ଟ୍ରାଫିକ ଉପରେ ଭାରତ ଭଳି ପ୍ରଭାବ ପକାଇ ପାରିନାହିଁ।

ସେହିପରି ୫ଜି ଏବଂ ଘରୋଇ ବ୍ରଡବ୍ୟାଣ୍ଡ ପାଇଁ ରହିଥିବା ପ୍ରବଳ ଚାହିଦା ଯୋଗୁ ଜିଓ ବିଶ୍ୱରେ ଡାଟା ଟ୍ରାଫିକ୍ ଦୃଷ୍ଟିରୁ ଏକ ନମ୍ବର ହେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ଗତ ତିନି ବର୍ଷ ମଧ୍ୟରେ ଜିଓ ଅନେକ ସଫଳତା ହାସଲ କରିଛି। ଜିଓ ନେଟ୍‌ୱର୍କରେ ଡାଟା ଟ୍ରାଫିକ୍ ପ୍ରାୟ ଦ୍ୱିଗୁଣିତ ହୋଇଛି, ବର୍ତ୍ତମାନ ଜିଓ ୫ଜି ନେଟ୍‌ୱର୍କରେ ପ୍ରାୟ ୧୪ କୋଟି ୮୦ ଲକ୍ଷ ଗ୍ରାହକ ଯୋଡ଼ି ହୋଇଛନ୍ତି। ଜିଓ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ ଜିଓର ମୋଟ ଡାଟା ଟ୍ରାଫିକ୍ ୪୫ ଏକ୍ସାବାଇଟ୍ ଅତିକ୍ରମ କରିଛି।

# ଆର୍‌ଇଆଇଟିର ସିଇଓ ପଦରୁ ଇସ୍ତଫାଦେଲେ ଅରବିନ୍ଦ

**ଭୁବନେଶ୍ୱର,୫।୧୧ (ଅନୁରାଧା ମହାରଣା)**

ଭାରତ ଏମ୍ବାସିର ସର୍ବବୃହତ୍ ରିଏଲ ଇଷ୍ଟେଟ ନିବେଶ ଟ୍ରଷ୍ଟ (ଆର୍‌ଇଆଇଟି)ର ସିଇଓ ପଦରୁ ଅରବିନ୍ଦ ମୈୟା ଇସ୍ତଫା ଦେଇଛନ୍ତି। ଆର୍‌ଇଆଇଟି ଏମ୍ବାସି କାର୍ଯ୍ୟାଳୟ ପାର୍କ ମଙ୍ଗଳବାର ନିର୍ଦ୍ଦେଶ ଦେବା ପରେ ମୈୟା ଇସ୍ତଫା ଦେଇଥିବା ଜଣାପଡ଼ିଛି। ଅରବିନ୍ଦ ଏହି ପଦ ପାଇଁ ଅଯୋଗ୍ୟ ବୋଲି ବଜାର ନିୟାମକ ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଏମ୍ବାସି ଆର୍‌ଇଆଇଟିର ଶେୟାର ପ୍ରାୟ ୩% ହ୍ରାସ ପାଇଛି। ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ୱେବ୍‌ସାଇଟ୍‌ରେ ଉପଲବ୍ଧ ଏକ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶରେ ନିୟାମକ ସୋମବାର ଏମ୍ବାସି କାର୍ଯ୍ୟାଳୟ ପାର୍କ ମ୍ୟାନେଜମେଣ୍ଟ ସର୍ଭିସେସ୍, ଏମ୍ବାସି ଆର୍‌ଇଆଇଟିର ସିଇଓ ଅରବିନ୍ଦ ଏହି ପଦବୀ ପାଇଁ 'ଫିଟ୍ ଏବଂ ଉପଯୁକ୍ତ' ମାନଦଣ୍ଡ ପୂରଣ କରୁ ନ ଥିବାରୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ପ୍ରଭାବ ସହିତ ସୋମବାର ମଧ୍ୟବର୍ତ୍ତିକାଳୀନ ସିଇଓ ନିଯୁକ୍ତ କରିବାକୁ ନିୟାମକ ଏମ୍ବାସିକୁ କହିଛନ୍ତି। ସଂସ୍ଥାଗୁଡ଼ିକରେ ବ୍ୟବହୃତ 'ଫିଟ୍ ଏବଂ ଉପଯୁକ୍ତ' ମାନଦଣ୍ଡ ନିବେଶକଙ୍କ ପାଇଁ ଏକ ବିଶ୍ୱସ୍ତ ଦାୟିତ୍ୱ। ଏଥିରେ ଜଣେ ବ୍ୟକ୍ତିଙ୍କ ଟ୍ରାକ୍ ରେକର୍ଡ, ବୃତ୍ତିଗତ ଇତିହାସ ଆଦି ଯାଞ୍ଚ କରିବା ବିଧାନ ରହିଛି। ସେବି ଅଗଷ୍ଟ ମାସରେ ଜାତୀୟ ଆର୍ଥିକ ରିପୋର୍ଟିଂ ଅଥରିଟି (ଏନ୍‌ଏଫ୍‌ଆର୍‌ଏ) ର ଏକ ନିର୍ଦ୍ଦେଶ ଅନୁସରଣ କରିଛି, ଯାହାକି ୨୦୧୮-୧୯ରେ କମ୍ପାନୀରେ ଆର୍ଥିକ ଅନିୟମିତତା ହେବାର ଭୂମିକା ଉପରେ କଫି ଡେ ଏଣ୍ଟରପ୍ରାଇଜେସ୍‌ର ବିଧିଗତ ଅଡିଟରଙ୍କୁ ଯାଞ୍ଚ କରିଥିଲା। ରିପୋର୍ଟ ହୋଇଥିବା ସମୟ ମଧ୍ୟରେ କଫି ଡେ ଏଣ୍ଟରପ୍ରାଇଜେସ୍ ପାଇଁ ବିଧିଗତ ଅଡିଟର ସହିତ ଅରବିନ୍ଦ ଅଂଶୀଦାର ଥିଲେ।

# ବେଦାନ୍ତ ପରିସରରେ ସୁରକ୍ଷା ପ୍ରଶିକ୍ଷଣ ଅଭିଯାନ



**ଭୁବନେଶ୍ୱର,୫।୧୧**

ବେଦାନ୍ତ ଆଲୁମିନିୟମର ଓଡ଼ିଶାସ୍ଥିତ ଲାଞ୍ଜିଗଡ଼ ୟୁନିଟ୍ ପରିସର ଓ କାର୍ଯ୍ୟ ପରିସର ବାହାର ସୁରକ୍ଷା ଅଭ୍ୟାସକୁ ବୃଦ୍ଧି କରିବା ଲାଗି ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏପରିକି ଉକ୍ତ କାର୍ଯ୍ୟକ୍ରମର ଅଂଶ ଭାବେ କମ୍ପାନୀ ପକ୍ଷରୁ ଏକ ପ୍ରଶିକ୍ଷଣ ଅଭିଯାନର ଆୟୋଜନ କରାଯାଇଥିଲାବେଳେ ପ୍ଲାଣ୍ଟ ପରିସରରେ ନିରାପତ୍ତା ପାରାମିଟର୍ସଗୁଡ଼ିକ ପରିଚାଳନା ଲାଗି ମକ୍ ଡ୍ରିଲ୍, ତାଲିମ ଅଧିବେଶନ ଓ ସପଫ୍ଲୋର ପ୍ରଦର୍ଶନ ଉପରେ ଆବଶ୍ୟକ ପ୍ରଶିକ୍ଷଣ ମଧ ଦିଆଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ, ନିରାପତ୍ତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଲାଗି ଆମେ ସର୍ବଦା ପ୍ରୟାସ କରିଆସିଛୁ। ଏପରିକି ଆଚରଣବିଦ୍ଧ ତାଲିମ ଓ ଅସୁରକ୍ଷିତ ସ୍ଥାନରେ କାର୍ଯ୍ୟ ଅଭ୍ୟାସ ପାଇଁ ଆବଶ୍ୟକ ନିରାପତ୍ତା ଅବଲମ୍ବନ ଆଭିମୁଖ୍ୟ ଜରିଆରେ ଏକ ସୁରକ୍ଷା ସଂସ୍କୃତି ବଜାୟ ରଖିବା ଆମର ଦାୟିତ୍ୱ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ସେହିଭଳି ପ୍ରତି ୬ମାସରେ ଅନୁଷ୍ଠିତ ପର୍ଯ୍ୟାୟ ମକ୍ ଡ୍ରିଲ୍ ଅଧିବେଶନ, ଜରୁରିକାଳୀନ ପ୍ରତିକ୍ରିୟା, ପ୍ରୋଟୋକଲକୁ ଦୃଢ଼ କରିବା ଲାଗି କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଯେକୌଣସି ଜରୁରିକାଳୀନ ନିରାପତ୍ତା, ଅଗ୍ନିକାଣ୍ଡ, ଯାନ୍ତ୍ରିକ ତ୍ରୁଟି ଓ ଅନ୍ୟାନ୍ୟ ସୁରକ୍ଷା ପ୍ରତିକାର ଉପରେ କମ୍ପାନୀ କର୍ମଚାରୀମାନଙ୍କୁ ଆବଶ୍ୟକ ସଚେତନତା ସହିତ ପ୍ରଶିକ୍ଷିତ ପ୍ରଦାନ କରାଯାଇଥିଲା। ଏହା କେବଳ କର୍ମକ୍ଷେତ୍ରରେ ଶୂନ୍ୟତ୍ରୁଟି ହାସଲ କରିବା ନୁହେଁ ବରଂ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଗୋଷ୍ଠୀଙ୍କ ସୁରକ୍ଷା ପାଇଁ ମଧ କମ୍ପାନୀର ପ୍ରତିବଦ୍ଧତାର ଏହା ପ୍ରମାଣ ବୋଲି କୁହାଯାଉଛି।

# ଇଜିଏ-୨୦୨୪ର ପ୍ରଥମ ସଂସ୍କରଣ

**ନୂଆଦିଲ୍ଲୀ,୫।୧୧**

ଡିଲୋଏଟ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଏଣ୍ଟରପ୍ରାଇଜ୍ ଗ୍ରୋଥ୍ ଆୱାର୍ଡ୍ସ ବା ଇଜିଏ-୨୦୨୪ ପ୍ରଥମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାକି ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଭାରତରେ ସଫଳ ପାରିବାରିକ ବ୍ୟବସାୟ, ୟୁନିକର୍ନ ଓ ସୁନିକର୍ନଗୁଡ଼ିକର ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଏକ ବୃହତ୍ ପଦକ୍ଷେପ ବୋଲି କୁହାଯାଉଛି। ଏପରିକି ଏହି ଆଞ୍ଚଳିକ ଆୱାର୍ଡ ଗୁଡ଼ିକରେ ଆଶାୟୀ ଉଦ୍ୟୋଗୀମାନଙ୍କର ଅଂଶଗ୍ରହଣ କରିବା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି, ଯାହା ନିଜର ସ୍ଥାନୀୟ ସମୁଦାୟଗୁଡ଼ିକର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ଏବଂ ଚମତ୍କାର ନେତୃତ୍ୱ, ଦୃଷ୍ଟିକୋଣ ଓ ଅଭିବୃଦ୍ଧି ପ୍ରଦର୍ଶନ କରିଥିବା କମ୍ପାନୀଗୁଡ଼ିକୁ ଉତ୍ସାହିତ କରିବ ବୋଲି କୁହାଯାଉଛି।

ଏହି ପୁରସ୍କାର ପ୍ରକ୍ରିୟା ଆର୍ଥିକ କାର୍ଯ୍ୟଦକ୍ଷତା, ଉଦ୍ଭାବନ ଓ ସାମାଜିକ ପ୍ରଭାବ ଭଳି ପ୍ରମୁଖ ମାନଦଣ୍ଡ ଉପରେ ଆଧାରକରି କମ୍ପାନୀଗୁଡ଼ିକର ମୂଲ୍ୟାୟନ କରାଯିବ। ଏପରିକି ଅଂଶଗ୍ରହଣ କରିବାକୁ ଆଶାୟୀ ଥିବା ପାରିବାରିକ ବ୍ୟବସାୟଗୁଡ଼ିକ ପାଇଁ ଅନ୍ୟ ଏକ ମାନଦଣ୍ଡ ହେଉଛି, ସେମାନଙ୍କର ବିକ୍ରି ଟର୍ନଓଭର ୧୦୦୦ କୋଟି ଟଙ୍କାରୁ ୫୦୦୦ କୋଟି ଟଙ୍କା ମଧ୍ୟରେ ରହିବା ସହ ଏକ ଉପଯୁକ୍ତ ପ୍ରମୋଟର ଓନରଶିପ (୨୬%ରୁ ଅଧିକ) ରହିଥିବାବେଳେ ୫୦୦ ମିଲିୟନ ଡଲାରରୁ ୧ବିଲିୟନ ଡଲାର ମଧ୍ୟରେ ଭ୍ୟାଲୁଏଶନ ଥିବା ଷ୍ଟାର୍ଟଅପଗୁଡ଼ିକୁ ଆବେଦନ କରିବା ପାଇଁ ଆମନ୍ତ୍ରିତ କରାଯାଇଛି। ଏହି ଆୱାର୍ଡ ପ୍ରତ୍ୟେକ କମ୍ପାନୀର ଅଭିବୃଦ୍ଧି ଯାତ୍ରା ଏବଂ ସେମାନଙ୍କର ସମୁଦାୟ ପ୍ରତି ଯୋଗଦାନକୁ ମୂଲ୍ୟାୟନ କରିବା ପାଇଁ ଗତ ବର୍ଷର ଆର୍ଥିକ ରେକର୍ଡକୁ ସମୀକ୍ଷା କରିବ। ଡିଲୋଏଟ୍ ପ୍ରାଇଭେଟ୍, ଡିଲୋଏଟ୍ ଇଣ୍ଡିଆ-ପାର୍ଟନର ଓ ଲିଡର କେ. ଆର୍.ସିକର କହିଛନ୍ତି, ଭାରତର ବିଭିନ୍ନ ଅଞ୍ଚଳରୁ ପାରିବାରିକ ବ୍ୟବସାୟ, ଉଦୀୟମାନ ବିକଶିତ କମ୍ପାନୀ, ୟୁନିକର୍ନ ଓ ସୁନିକର୍ନଗୁଡ଼ିକ ଆମର ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବାବେଳେ ସେମାନଙ୍କୁ ସ୍ୱୀକୃତି ଓ ସମ୍ମାନ ମିଳୁନାହିଁ। ଏଭଳି କମ୍ପାନୀଗୁଡ଼ିକ ଆଞ୍ଚଳିକ ବିକାଶ ଓ ଦେଶର ପ୍ରଗତିରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏପରିକି ନିଯୁକ୍ତି ସୃଷ୍ଟି, ଉଦ୍ଭାବନ ଓ ଆର୍ଥିକ ବିକାଶରେ ସେମାନ ଯଥେଷ୍ଟ ଯୋଗଦାନ ଦେଉଛନ୍ତି। ଇଜିଏର ଶୁଭାରମ୍ଭକରି ଆମେ ଶିଳ୍ପର ଏହି ଅଣଦେଖା କରାଯାଉଥିବା ଚାମ୍ପିୟନମାନଙ୍କୁ ଆଲୋକପାତ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛୁ, ଯାହା ପାଇଁ ସେମାନେ ଯୋଗ୍ୟ। ଆମେ ସମସ୍ତ ଯୋଗ୍ୟ କମ୍ପାନୀଗୁଡ଼ିକୁ ଅଂଶଗ୍ରହଣ କରିବା ଓ ଏହି ଅଭିଯାନକୁ ଏକ ସଫଳତାରେ ପରିଣତ କରିବା ପାଇଁ ପ୍ରୋତ୍ସାହିତ କରୁଛି। ସେହିପରି ଡିଲୋଏଟ୍ ଇଣ୍ଡିଆର ସହଯୋଗୀ ଧୀରଜ ଭଣ୍ଡାରୀ କହିଛନ୍ତି, ଇଜିଏ ମାଧ୍ୟମରେ ଆମେ କେବଳ ବ୍ୟବସାୟିକ ସଫଳତାକୁ ହାଇଲାଇଟ କରିବାଠାରୁ ଅଧିକ କିଛି କରିବା ପାଇଁ ଲକ୍ଷ୍ୟ ରଖିଛୁ। ଆମେ ଏଭଳି କମ୍ପାନୀଗୁଡ଼ିକର ଉତ୍ସର୍ଗୀକୃତତା, ସ୍ଥିରତା ଓ ଦୀର୍ଘାବଧି ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିବାକୁ ଚାହୁଁଛୁ।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ

**ନୂଆଦିଲ୍ଲୀ,୫।୧୧**

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଅଭିଯାନ 'ବଢ଼ତେ ରହୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ଭିଡିଓ କ୍ୟାମ୍ପେନ ସହ ପାର୍ବଣ ଋତୁରେ ଅଯଥା ଖର୍ଚ୍ଚ ଉପରେ ଏକ ନୂଆ ଆଭିମୁଖ୍ୟକୁ ମଧ ଏହା ଉନ୍ମୋଚନ କରିଛି। ସେହିଭଳି ଏହା ଉପଭୋକ୍ତାଙ୍କୁ ଆବେଗପୂର୍ଣ୍ଣ କ୍ରୟ ପରିବର୍ତ୍ତେ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଯୋଜନାକୁ ଚୟନ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏପରିକି ଅନେକ ବ୍ରାଣ୍ଡ ପାର୍ବଣ ଋତୁରେ ଅଧିକ ଲାଭ ହାସଲ କରିବା ଉପରେ ଗୁରୁତ୍ୱ ଦେଉଥିବାବେଳେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍ ଏକ ଭିନ୍ନ ମାର୍ଗ ଆପଣାଇଛି। ପାର୍ବଣ ପରବର୍ତ୍ତୀ ପ୍ରତିଫଳନଗୁଡ଼ିକୁ ଧାନରେ ରଖିଥିବାବେଳେ ଉପଭୋକ୍ତାମାନେ ପାର୍ବଣ ସେଲ୍ ସମୟରେ କରିଥିବା କ୍ରୟଗୁଡ଼ିକର ପୁନଃ ମୂଲ୍ୟାୟନ କରିଥାନ୍ତି। ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ପାର୍ବଣ ଋତୁ ଉପଭୋକ୍ତାକରଣର ଏକ ତରଙ୍ଗ ସହ ଆସିଥାଏ। ଯେଉଁଠାରେ ସେଲ୍ ଓ ରିହାତିଗୁଡ଼ିକ ଅନେକ ସାମଗ୍ରୀକୁ 'ଜରୁରୀ ଓ ନିହାତି ଆବଶ୍ୟକ' ଭଳି ଅନୁଭବ କରାଇଥାନ୍ତି।


# Classified Everyday 0674-2580101, 2549949


MATRIMONIAL

**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-45Yrs ଝିଅ ଆବଶ୍ୟକ। Candidate- 9861141891. D-1826

ଭୁବନେଶ୍ୱରରେ ରହୁଥିବା ବରପାତ୍ର ପାଇଁ ଅସହାୟ, ଶିକ୍ଷିତ, ସୁନ୍ଦର (Divorcee/Widow) Caste no bar, age above 40 ବରପାତ୍ରୀ ଆବଶ୍ୟକ। Mob- 9114932201. D-1834

Handsome Karan Boy 1995, 5'10", B.Tech, Serving Manager SBI Bhubaneswar. "SUNASANSAR". 9937512659, 8249969649. D-1856

**GROOM WANTED**

ବାଙ୍ଗାଲୋରରେ ସଫଟ୍‌ୱେୟାର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ୩୯ ବର୍ଷ କୈବର୍ତ୍ତ୍ୟ ତରୁଣୀଙ୍କ ପାଇଁ ଭୁବନେଶ୍ୱରରେ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଯୋଗ୍ୟ କରଣ ପ୍ରାର୍ଥୀ ଆବଶ୍ୟକ। ଯୋଗାଯୋଗ- 9439308544. D-1847

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE
**SALE**

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1849

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1850



Furnished shop for rent, 220sqft. @ 9-10,000/- at BDA Market Complex, Brahmeswarpatna, Tankapani Rd. BBSR. 9937211090. D-76028



Newly open health benefits spa by expert therapist. Contact- 6371861658. D-76165

Newly open health benefits spa special offer @799 Bapujinagar. 8018429809 D-76167

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before A. K. Das, Executive Magistrate, Khordha vide affidavit No.- 1966, dtd.18.10.2024, I, Fagu Samantray, S/o- Late Buddhi Samantray of Vill- Somanathpur, P.O.- Dadhimachagadia, P.S.- Khordha Sadar, Dist.- Khordha, PIN-752056, decly that after my marriage as elector son I have been known as Ashok Kumar Gajendra, S/o- Benudhara Gajendra of Vill- Somanathpur, P.O.- Dadhimachagadia, P.S.- Khordha Sadar, Dist.- Khordha, PIN- 752056 hence worth Fagu Samantray, S/o- Buddhi Samantray of Vill./ P.O.- Goda and Ashok Kumar Gajendra, S/o- Benudhar Gajendra is one and same person for all purpose. D-73561

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୁମାରେଶ ସାମଲ**

୧୩୨- ବାପୁଜୀ ନଗର, ଭୁବନେଶ୍ୱର

ଆବିର୍ଭାବ :୧୪।୦୭।୧୯୪୭
ତିରୋଧାନ: ୦୩।୧୧।୨୦୦୮

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ ।

**ଶୋକସନ୍ତପ୍ତ ପରିବାରବର୍ଗ**

ଧ-୧୮୪୬

## ଆଳୁ ବିହନ ଚୟନ



କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୂରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗକରି ୪୫-୬୦ ସେ.ମି. x ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

## ଅଧିକ ଅମଳକ୍ଷମ ଆଖୁ



ଉନ୍ନତ କିସମର ଆଖୁ ବିହନ ଯଥା- ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ଏହାର ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ। ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଳି ଶଢ଼ାରୋଗ ଆକ୍ରମଣକଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ଔଷଧ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

# ଉପକାରୀ ପ୍ରାଣୀଜଗତ



ଡା. ବୀରକିଶୋର ପରିଡ଼ା

ମଣିଷମାନଙ୍କ ପରି ପ୍ରାଣୀମାନଙ୍କର ବଞ୍ଚିବା ପାଇଁ ମଧ୍ୟ ମୌଳିକ ଅଧିକାର ରହିଛି । ପୃଥିବୀର ସନ୍ତୁଳନ ରକ୍ଷା କରିବାରେ ପ୍ରାଣୀମାନଙ୍କର ଯେପରି ଭୂମିକା ରହିଛି, ମନୁଷ୍ୟମାନଙ୍କ ବଞ୍ଚିବା ପାଇଁ ମଧ୍ୟ ପ୍ରାଣୀମାନଙ୍କର ଅବଦାନ ସେହିପରି ରହିଆସିଛି । ଆମେ ସମସ୍ତେ ଏହି ପ୍ରାଣୀମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କ ଖାଦ୍ୟପେୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ଦରକାର । କେଉଁ ଆବହମାନ କାଳରୁ ମନୁଷ୍ୟ ଓ ପଶୁପକ୍ଷୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଓ ପରସ୍ପର ନିର୍ଭରଶୀଳ । କୃଷି ପ୍ରଧାନ ଆମ ରାଜ୍ୟ ବା ଦେଶରେ ପଶୁପକ୍ଷୀମାନଙ୍କର ସମାଜ ପ୍ରତି ଦାନ ଅତୁଳନୀୟ । ଏହି ପଶୁପକ୍ଷୀ ବା ପ୍ରାଣୀମାନେ ବିଭିନ୍ନ କୃଷିଜାତ ବର୍ଜ୍ୟବସ୍ତୁ ବା ଅଦରକାରୀ ପଦାର୍ଥକୁ ଖାଦ୍ୟ ରୂପେ ବ୍ୟବହାରକରି ଆମକୁ ପରୋକ୍ଷରେ ବିଭିନ୍ନ ପ୍ରାଣିଜ ପୁଷ୍ଟିସାର ଯଥା: ଦୁଗ୍ଧ, ମାଂସ, ଅଣ୍ଡା ଆଦି ପ୍ରଦାନ କରିବା ସହ ପୁଷ୍ଟିହୀନତା ଦୂରକରିଥାନ୍ତି । ସେମାନଙ୍କଠାରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା- ମଳ, ମୂତ୍ର ଆଦି ଜୈବିକ ଖାଦ୍ୟ ରୂପେ ଭୂମିର ଉର୍ବରତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ । ଏତଦ୍ ବ୍ୟତୀତ ବିଭିନ୍ନ ପଶୁପକ୍ଷୀ ଯଥା: ବିଲୁଆ, କୁକୁର, ଶାଗୁଣା, କାଉ ଆଦି ପ୍ରାଣୀ ପରିତ୍ୟକ୍ତ ମୃତ ଶରୀର ବା ବର୍ଜ୍ୟବସ୍ତୁକୁ ଖାଦ୍ୟ ରୂପେ ଗ୍ରହଣ କରିବା ସାଙ୍ଗକୁ ପରିବେଶ ସନ୍ତୁଳନ ରକ୍ଷା କରିଥାନ୍ତି । ଜଙ୍ଗଲରେ ଥିବା ବିଭିନ୍ନ ବନ୍ୟପ୍ରାଣୀ ଜଙ୍ଗଲଜାତ ଫଳମୂଳ ବା ମଞ୍ଜି ଖାଇବା ଦ୍ୱାରା ସେମାନଙ୍କ ପାକସ୍ଥଳୀରେ ହରିଡ଼ା, ବାହାଡ଼ା, ଅଁଳା, ଶାଳ ଗଛ ଆଦିର ମଞ୍ଜି ସବୁ ଜୈବ ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତିତ ହୋଇ ମଳ ଦ୍ୱାରା ବାହାରେ ପଡ଼େ ଏବଂ ମଞ୍ଜିର ଏଭଳି ରାସାୟନିକ ଚିକିତ୍ସା ଫଳରେ ମାଟିରେ ସେଗୁଡ଼ିକ ସହଜରେ ଅଙ୍କୁରୋଦ୍‌ଗମ ହୋଇ ନୂତନ ଗଛ ବା ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୁଏ । ଏହାଛଡ଼ା ଏହି ପଶୁପକ୍ଷୀମାନେ ଆମର ପରିବହନ କାର୍ଯ୍ୟରେ ନିୟୋଜିତ ହେବା ସହ ଆମକୁ ଆମୋଦ ପ୍ରମୋଦ ପ୍ରଦାନ କରିଥାଆନ୍ତି । ଖାଲି ସେତିକି ନୁହେଁ, ଆମେ ଘରେ ପାଳିଥିବା ବିଭିନ୍ନ ପୋଷା କୁକୁର, ବିରାଡ଼ି ବା ପକ୍ଷୀ ଆଦି ଆମର ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେବା ସହ ସ୍ନେହ, ଶ୍ରଦ୍ଧା, ଶୃଙ୍ଖଳା ଭାବ ମନରେ ଉଦ୍ରେକ କରନ୍ତି । ଗାଈମାନେ ବଞ୍ଚିଥିବା ଅବସ୍ଥାରେ ଦ୍ୱିତୀୟ ମା' ଭାବରେ ଆମକୁ ଦୁଗ୍ଧ ଦେଇ ପ୍ରତିପୋଷଣ କରୁଥିବା ବେଳେ ଆମେ ଏହି ଦୁଗ୍ଧରୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଦହି, ଛେନା, ଘିଅ, ପନିର ସହ ପଞ୍ଚାମୃତ, ପଞ୍ଚଗବ୍ୟ ଭଳି ଅମୂଲ୍ୟ ପଦାର୍ଥ ପାଇଥାଉ । ଗୋରୁ ମରିଗଲା ପରେ ମଧ୍ୟ ମାନବ ସମାଜକୁ ସମାଧି ଖତ, ଶିଙ୍ଗଖତ, ହାଡ଼ରୁ ପ୍ରସ୍ତୁତ ସାର ଓ ତା'ର ଚମଡ଼ାକୁ ଜୋତା ବା ବାଦ୍ୟଯନ୍ତ୍ରରେ ବ୍ୟବହାର କରାଯାଏ । ତେଣୁ ଗୋମାତା କେବେ କାହାର ଋଣ ରଖେ ନାହିଁ ।

ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମନୁଷ୍ୟ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜା କରିଥାଆନ୍ତି । ଗୋମାତା ହେଉଛି ଆମ ସ୍ୱାସ୍ଥ୍ୟର ଆଧାର, ମୋକ୍ଷର ଆଧାର ଓ ଆର୍ଥିକ ସମୃଦ୍ଧିର ମୁଖ୍ୟସ୍ରୋତ ଏବଂ ସର୍ବୋପରି ସୁଖ ସମୃଦ୍ଧିର ପ୍ରତୀକ । ଗୋମାତା ହେଉଛି ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ । ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ । ତାହା ହେଲା :

**ପରିବର୍ତ୍ତନ କଳାର ପ୍ରତୀକ:** କୃଷିଜାତ ବର୍ଜ୍ୟ ପଦାର୍ଥ ଯଥା - ତନ୍ତୁଜାତୀୟ ଶସ୍ୟ ବା ଘାସକୁ କ୍ଷୀରରେ ରୂପାନ୍ତରିତ ବା ପରିବର୍ତ୍ତନ କରିବାର କଳାକୌଶଳ ଗୋମାତା ଠାରେ ନିହିତ ।

**ଧୈର୍ଯ୍ୟ କଳାର ପ୍ରତୀକ :** ଗୋମାତାଠାରୁ ତା'ର କଅଁଳା ବାଛୁରୀକୁ ଛଡ଼ାଇ ନେଲା ପରେ ମଧ୍ୟ ଗୋମାତା ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ ।

''ଜୀବେ ନିଷ୍ଠୁରତା କହିଲେ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ କଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । ''



**ସହିଷ୍ଣୁତା, ବିଶ୍ୱସ୍ତତା, ଆନ୍ତରିକତା, ଅକପଟତା, ଆଜ୍ଞାନୁବର୍ତ୍ତିତାର ପ୍ରତୀକ :** ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ କରିବା ସହ ପରିବହନ କାର୍ଯ୍ୟରେ ସାହାଯ୍ୟ କରେ ।

**ଆବେଗର ପ୍ରତୀକ :** ଗୋମାତା ତା'ର ବାଛୁରୀ ଓ ମାଲିକକୁ ଅସାଧାରଣ ଭାବେ ଭଲ ପାଏ ।

**ବିଷରୁ ଅମୃତକୁ ରୂପାୟନ କରିବାର ପ୍ରତୀକ :** ମାନବ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା ଗୋରସକୁ ରୂପାନ୍ତରିତ କରିବାର ପ୍ରୟାସ ।ଜୀବେ ନିଷ୍ଠୁରତା କହିଲେ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ । ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । ଆମ ରାଜ୍ୟରେ ବ୍ୟାପକ ଗୋଚାଲାଣ ଯୋଗୁ ବିକାଶଧାରାରେ ବାଧକ ସୃଷ୍ଟି ହେଉଛି । ଗୋଚାଲାଣ ବେଳେ ସେମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଏବଂ ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଗୋରୁ ପରିବହନ ଆଜି ରାଜ୍ୟର ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଛି । ଗୋଚାଲାଣ ବନ୍ଦ କରିବା ପାଇଁ ସବୁ ସ୍ତରରେ ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ । ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନର ବ୍ୟବସ୍ଥା ଅଛି । ଏସବୁ ନିୟମ ବା ଆଇନ ଆଦି ମାନିବା ଉଚିତ ।

ବିଶ୍ୱର ସନ୍ତୁଳନ ରକ୍ଷାକରିବା ସହ ମାନବ ସମାଜରେ ପ୍ରାଣୀମାନଙ୍କର ଅବଦାନ ବିଶେଷ ରହିଥିବାରୁ ସମସ୍ତ ପ୍ରାଣୀଙ୍କର ସୁରକ୍ଷା ପ୍ରଦାନ ସହ ସେମାନଙ୍କର ଯତ୍ନନେବା ଆବଶ୍ୟକ । କାରଣ ପ୍ରାଣୀ ବଞ୍ଚିଲେ ସୁସ୍ଥ ପରିବେଶ ସୃଷ୍ଟିହେବା ସହ ସୁସ୍ଥ ମାନବ ସମାଜ ଗଠନ ହୋଇପାରିବ । ତେଣୁ ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ବଞ୍ଚିବା ପାଇଁ ଯେଭଳି ମୌଳିକ ଅଧିକାର ରହିଛି, ସେହିଭଳି ପଶୁପକ୍ଷୀମାନଙ୍କ ବଞ୍ଚିବା ପାଇଁ ମଧ୍ୟ ସେଭଳି ଅଧିକାର ରହିଛି । ପ୍ରାଣୀମାନଙ୍କ ବାସସ୍ଥାନ, ସୁଷମ ଖାଦ୍ୟ, ଉତ୍ତମ ପ୍ରଜନନ ବ୍ୟବସ୍ଥା, ଲାଳନପାଳନରେ ଯତ୍ନ ଏବଂ ରୋଗ ନିୟନ୍ତ୍ରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଆଦି ଗ୍ରହଣ କରାଗଲେ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଘଟିପାରିବ ।

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ
ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ
ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଗହମ ବୁଣିବା ପୂର୍ବରୁ...

ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲା ଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା - ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।



## କୁକୁଡ଼ା ପାଳନ

ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ ।



## ଫୁଲଚାଷରେ ସାର

ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱ ଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ । ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ ।



## ମାଛଙ୍କୁ ଖାଦ୍ୟ ଦେଉଥିଲେ...

ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ଦିନ କରିବେ । ପଚା ଘା ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।



## ଚିନାବାଦାମର ଉନ୍ନତ କିସମ



ଚିନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେଏଲ୍-୨୪, ଟିଏଜି-୨୪, ଟିଜି-୩୮ ବି, ଟିଜି-୩୭ ଏ, କାଦିରି-୩, କାଦିରି-୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୬/୨୦୨୪ Bhubaneswar, Wednesday, November 6/ 2024

# ଗୋନାସିକା-ଦିଲ୍ଲୀ ଏସ୍‌ଜି ପାଇପର୍ସ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୫।୧୧**

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର କାର୍ଯ୍ୟସୂଚୀ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରତିଯୋଗିତାର ଅଫିସିଆଲ୍ ୱେବ୍‌ସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଛି। ପୁରୁଷ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ହେବ। ଡିସେମ୍ବର ୨୮ରେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ସେହିପରି ମହିଳା ହକି ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବ। ୨୦୨୫ ଜାନୁଆରୀ ୧୨ରେ ଏହି ମ୍ୟାଚ ରାଞ୍ଚିରେ ଖେଳାଯିବ। ଏଚ୍‌ଆଇଏଲ୍ ୱେବସାଇଟ୍‌ରେ ସମସ୍ତ ଅପ୍‌ଡେଟ୍ ଖବର, କାର୍ଯ୍ୟସୂଚୀ, ସମସ୍ତ ଦଳର ଖେଳାଳି ତାଲିକା ଆଦି ସ୍ଥାନ ପାଇବ। ଏଚ୍‌ଆଇଏଲ୍‌ର ପୁରୁଷ ବର୍ଗରେ ୮ ଓ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରିବେ। ପୁରୁଷ ଲିଗ୍ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବା ପରେ ଫାଇନାଲ ୨୦୨୫ ଫେବୃଆରୀ ୧ରେ ଅନୁଷ୍ଠିତ ହେବ। ମହିଳା ବିଭାଗର ଫାଇନାଲ ଜାନୁଆରୀ ୨୬ରେ ଖେଳାଯିବ। ଏଚ୍‌ଆଇଏଲ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାଗ ନେଉଥିବା ଦଳଗୁଡ଼ିକ ଗୋଟିଏ ଲେଖାଏ ମ୍ୟାଚ ଅଲ୍‌ଟରନେଟ୍ ଭେନ୍ୟୁରେ ଖେଳିବେ। ଅର୍ଥାତ୍ ପୁରୁଷ ଲିଗ୍‌ର ଜାନୁଆରୀ ୧୮ରେ ୨ଟି, ୨୨ ଏବଂ ୨୪ ତାରିଖର ମ୍ୟାଚ ରାଞ୍ଚିରେ ଅନୁଷ୍ଠିତ ହେବ। ସେହିପରି ମହିଳା ଲିଗ୍‌ର ଜାନୁଆରୀ ୧୭ ଓ ୧୯ ତାରିଖର ମ୍ୟାଚ ରାଉରକେଲାରେ ଖେଳାଯିବ।



ହକି ଇଣ୍ଡିଆ ଲିଗ୍ କାର୍ଯ୍ୟସୂଚୀ ଘୋଷଣା ଏବଂ ୱେବସାଇଟ ଉନ୍ମୋଚନ ଅବସରରେ ଅତିଥି ଓ ହକି ଇଣ୍ଡିଆ କର୍ମକର୍ତ୍ତା।

- ହକି ଇଣ୍ଡିଆ ଲିଗ୍ କାର୍ଯ୍ୟସୂଚୀ ଘୋଷିତ
- ମହିଳାରେ ଦିଲ୍ଲୀ-ଓଡ଼ିଶା ୱାରିୟର୍ସ ପ୍ରଥମ ମ୍ୟାଚ

## ପୁରୁଷ ଲିଗ୍ ଫର୍ମାଟ

ଏଚ୍‌ଆଇଏଲ୍ ପୁରୁଷ ହକି ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୮ରୁ ଜାନୁଆରୀ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣକାରୀ ୮ ଦଳ ପରସ୍ପର ସହିତ ଖେଳିବେ। ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୯ରୁ ୨୯ ପର୍ଯ୍ୟନ୍ତ ଖେଳାଯିବ। ଏଥିପାଇଁ ୮ ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ଏ'ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ ଓ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ସ୍ଥାନ ପାଇଛି। ସେହିପରି ପୁଲ୍ 'ବି'ରେ ଗୋନାସିକା, ହାଇଦ୍ରାବାଦ ତୁଫାନ୍ସ, ତାମିଲନାଡୁ ଡ୍ରାଗନ୍ସ ଓ ୟୁପି ରୁଦ୍ରସ ରହିଛି। ଲିଗ୍‌ର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଜାନୁଆରୀ ୩୧ରେ ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ।

## ମହିଳା ଲିଗ୍ ଫର୍ମାଟ

ମହିଳା ହକି ଲିଗ୍‌ର ପ୍ରଥମ ମ୍ୟାଚ ଜାନୁଆରୀ ୧୨ ତାରିଖରେ ରାଞ୍ଚିର ମରାଙ୍ଗ ଗୋମ୍‌କେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ୪ ଦଳ ପରସ୍ପର ସହିତ ୨ ଥର ଲେଖାଏ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୬ ତାରିଖରେ ଅନୁଷ୍ଠିତ ହେବ।

"୭ ବର୍ଷର ବ୍ୟବଧାନରେ ଏଚ୍‌ଆଇଏଲ୍‌ର ପ୍ରତ୍ୟାବର୍ତ୍ତନରେ ଆମେ ଖୁବ୍ ଉଲ୍ଲସିତ। ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରର ଶ୍ରେଷ୍ଠ ଖେଳାଳିମାନେ ଭାଗ ନେଉଥିବାରୁ ପ୍ରତିଯୋଗିତା ଖୁବ୍ ରୋମାଞ୍ଚକ ଏବଂ ଉଚ୍ଚ ମାନର ହେବା ଆଶା ରହିଛି। ନୂଆ ୱେବସାଇଟ୍ ଉନ୍ମୋଚନ ହେବାଦ୍ୱାରା ପ୍ରଶଂସକମାନେ ଏହି ପ୍ରତିଯୋଗିତା ପ୍ରତି ଅଧିକ ଜଡ଼ିତ ହୋଇପାରିବେ" ବୋଲି ହକି ଇଣ୍ଡିଆ ସଭାପତି ତଥା ଲିଗ୍‌ର ଗଭର୍ନିଂ ବଡି ଚେୟାରପର୍ସନ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ସମ୍ପାଦକ ତଥା ଏଚ୍‌ଆଇଏଲ୍ କମିଟି ସଦସ୍ୟ ଭୋଳାନାଥ ସିଂ ମଧ୍ୟ ଭାରତୀୟ ହକି ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

## ଏଚ୍‌ଆଇଏଲ୍ କାର୍ଯ୍ୟସୂଚୀ (ମହିଳା)

| ତାରିଖ | ମ୍ୟାଚ | ଭେନୁ |
|---|---|---|
| ଜାନୁଆରୀ ୧୨ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୧୩ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୧୪ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଞ୍ଚି |
| ଜାନୁଆରୀ ୧୫ | ଓଡ଼ିଶା ୱାରିୟର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୧୬ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୧୭ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ସୁର୍‌ମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୮ | **ବିଶ୍ରାମ ଦିବସ** | |
| ଜାନୁଆରୀ ୧୯ | ଓଡ଼ିଶା ୱାରିୟର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୨୦ | ସୁର୍‌ମା ହକି କ୍ଲବ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୧ | ସୁର୍‌ମା ହକି କ୍ଲବ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୨୨ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୩ | ଓଡ଼ିଶା ୱାରିୟର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୪ | ସୁର୍‌ମା ହକି କ୍ଲବ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଞ୍ଚି |
| ଜାନୁଆରୀ ୨୫ | **ବିଶ୍ରାମ ଦିବସ** | |
| ଜାନୁଆରୀ ୨୬ | ଫାଇନାଲ (ଶ୍ରେଷ୍ଠ ୧ ବନାମ ୨) ଦଳ | ରାଞ୍ଚି |

## HIL HOCKEY INDIA LEAGUE କାର୍ଯ୍ୟସୂଚୀ

**ଲିଗ୍ ପର୍ଯ୍ୟାୟ**

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ଡିସେମ୍ବର ୨୮ | ଗୋନାସିକା ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଡିସେମ୍ବର ୨୯ | ହାଇଦ୍ରାବାଦ ତୁଫାନ୍ସ ବନାମ ଶ୍ରଚି ରାର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଡିସେମ୍ବର ୨୯ | ସୁର୍‌ମା ହକି କ୍ଲବ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଡିସେମ୍ବର ୩୦ | ୟୁପି ରୁଦ୍ରସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଡିସେମ୍ବର ୩୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୧ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମଗୋନାସିକା | ରାଉରକେଲା |
| ଜାନୁଆରୀ ୨ | ସୁର୍‌ମା ହକି କ୍ଲବ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୩ | ତାମିଲନାଡୁ ଡ୍ରାଗନ୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉକେଲା |
| ଜାନୁଆରୀ ୪ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଶୟାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୪ | ହାଇଦ୍ରାବାଦ ତୁଫାନ୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୫ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୫ | ତାମିଲନାଡୁ ଡ୍ରାଗନ୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୬ | ସୁରମା ହକି କ୍ଲବ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୭ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୮ | ଗୋନାସିକା ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୮ | ୟୁପି ରୁଦ୍ରସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉକେଲା |
| ଜାନୁଆରୀ ୯ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୧୦ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୧୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୧୧ | ହାଇଦ୍ରାବାଦ ତୁଫାନ୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୨ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୧୩ | ତାମିଲନାଡୁ ଡ୍ରାଗନ୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | |
| ଜାନୁଆରୀ ୧୪ | ଗୋନାସିକା ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୫ | ୟୁପି ରୁଦ୍ରସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୧୬ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଜାନୁଆରୀ ୧୭ | ସୁରମା ହକି କ୍ଲବ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୧୮ | ହାଇଦ୍ରାବାଦ ତୁଫାନ୍ସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଞ୍ଚି |
| ଜାନୁଆରୀ ୧୮ | ଗୋନାସିକା ବନାମ ୟୁପି ରୁଦ୍ରସ | ରାଞ୍ଚି |
| **ଦ୍ୱିତୀୟ ପର୍ଯ୍ୟାୟ** | | |
| ଜାନୁଆରୀ ୧୯: ପୁଲ୍ 'ଏ' | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୨୦: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୨୧: ପୁଲ୍ 'ବି' | ୟୁପି ରୁଦ୍ରସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୨୨: ପୁଲ୍ 'ବି' | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୨୩: ପୁଲ୍ 'ଏ' | ତାମିଲନାଡୁ ଡ୍ରାଗନ୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୨୪: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଞ୍ଚି |
| ଜାନୁଆରୀ ୨୫: ପୁଲ୍ 'ବି' | ତାମିଲନାଡୁ ଡ୍ରାଗନ୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୨୫: ପୁଲ୍ 'ବି' | ହାଇଦ୍ରାବାଦ ତୁଫାନ୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୨୬ | **ବିଶ୍ରାମ ଦିବସ (କେବଳ ପୁରୁଷ କାଟେଗୋରି ପାଇଁ)** | |
| ଜାନୁଆରୀ ୨୭: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୨୭: ପୁଲ୍ 'ଏ' | ସୁରମା ହକି କ୍ଲବ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଜାନୁଆରୀ ୨୮: ପୁଲ୍ 'ବି' | ଗୋନାସିକା ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୨୯: ପୁଲ୍ 'ବି' | ୟୁପି ରୁଦ୍ରସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୩୦ | **ବିଶ୍ରାମ ଦିବସ** | |
| ଜାନୁଆରୀ ୩୧: ସେମିଫାଇନାଲ | ଓଭରଅଲ ଲିଗ୍ ମ୍ୟାଚର ପ୍ରଥମ ବନାମ ୪ର୍ଥ ଦଳ | ରାଉରକେଲା |
| ଜାନୁଆରୀ ୩୧: ସେମିଫାଇନାଲ | ଓଭରଅଲ ଲିଗ୍ ମ୍ୟାଚର ଦ୍ୱିତୀୟ ବନାମ ୩ୟ ଦଳ | ରାଉରକେଲା |
| ଫେବୃଆରୀ ୧: ୩ୟ/୪ର୍ଥ ସ୍ଥାନ | ପ୍ରଥମ ସେମିଫାଇନାଲର ପରାଜିତ ଦଳ ବନାମ ୨ୟସେମିଫାଇନାଲର ପରାଜିତ ଦଳ | ରାଉରକେଲା |
| **ଫେବୃଆରୀ ୧: ଫାଇନାଲ** | **ଦୁଇ ସେମିଫାଇନାଲର ବିଜେତା** | **ରାଉରକେଲା** |

**ମିଶନ ୨୦୩୬ ଅଲିମ୍ପିକ୍ସ**

# ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କଲା ଭାରତ

**ନୂଆଦିଲ୍ଲୀ,୫।୧୧(ପି.ଟି.):** ୨୦୩୬ରେ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଆୟୋଜନ କରିବା ପାଇଁ ଭାରତ ଆଗ୍ରହ ପ୍ରକାଶ କରିଛି। ମଙ୍ଗଳବାର ଭାରତ ଆନୁଷ୍ଠାନିକ ଭାବରେ ଆୟୋଜନ ପାଇଁ ଆବେଦନ କରିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍(ଆଇଓସି) ସହ ଦୀର୍ଘ ଦିନ ଧରି ଆଲୋଚନା ପରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ଦାବି କରିଥିବା ଜଣା ପଡିଛି। କ୍ରୀଡା ମନ୍ତ୍ରାଳୟରୁ ମିଳିଥିବା ସୂଚନା ଅନୁସାରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ଫ୍ୟୁଚର ହୋଷ୍ଟ କମିଶନ ନିକଟକୁ ଅକ୍ଟୋବର ୧ ତାରିଖରେ ଏହି ଚିଠି ପଠା ଯାଇଥିଲା। ଭାରତରେ ଅଲିମ୍ପିକ୍ସ ଆୟୋଜନ କାରଣରୁ ଏହା ଦେଶକୁ ଅର୍ଥନୈତିକ ଓ ସାମାଜିକ ବିକାଶ କ୍ଷେତ୍ରରେ ସାହାଯ୍ୟ କରିବ। ସେହିପରି ଦେଶର ଯୁବଶକ୍ତିଙ୍କୁ ପ୍ରେରିତ ହେବାରେ ଏହା ସାହାଯ୍ୟ କରିବ ବୋଲି ମଧ୍ୟ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ଅଲିମ୍ପିକ୍ସ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ଆଇଓସିର ନିର୍ବାଚନ ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ତେବେ ଭାରତ ପାଇଁ ଏହି ପ୍ରକ୍ରିୟା ବେଶ୍ କଷ୍ଟସାଧ ରହିବ। ସାଉଦି ଆରବ, ତୁର୍କୀ ଓ କାତାର ଭଳି ଦେଶ ମଧ୍ୟ ୨୦୩୬ରେ ଆବେଦନ କରିବାକୁ ଯାଉଛନ୍ତି। ଭାରତକୁ ପ୍ରଥମ ଥର ଏହାକୁ ଆବେଦନ କରିବାର ସୁଯୋଗ ମିଳିଛି। ଅନ୍ୟ ପକ୍ଷରେ ଆଇଓସି ମୁଖ୍ୟ ଥୋମାସ୍ ବାକ୍ ମଧ୍ୟ ଭାରତକୁ ଆୟୋଜନ ଅଧିକାର ମିଳିବା ସପକ୍ଷରେ ମତ ଦେଇଛନ୍ତି। ଶେଷ ଥର ପାଇଁ ଭାରତ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିଥିଲା। ୨୦୩୬ ଅଲିମ୍ପିକ୍ସ ପାଇଁ ଆୟୋଜକ ସହର ଦୌଡରେ ଅହମଦାବାଦ ଆଗୁଆ ରହିଛି।

# ମନଦୀପ ଜିତିଲେ ଡବ୍ଲ୍ୟୁବିଏଫ୍ ବିଶ୍ୱ ଟାଇଟଲ

**ନୂଆଦିଲ୍ଲୀ, ୫।୧୧ (ପି.ଟି.):** ଭାରତୀୟ ପ୍ରଫେସନାଲ ବକ୍ସର ମନଦୀପ ଜାଙ୍ଗ୍ରା ୱାର୍ଲ୍ଡ ବକ୍ସିଂ ଫେଡେରେଶନ (ଡବ୍ଲ୍ୟୁବିଏଫ୍)ର ସୁପର ହେଭିୱେଟ୍ ବିଶ୍ୱ ଟାଇଟଲ ହାସଲ ଇତିହାସ ସୃଷ୍ଟି କରିଛନ୍ତି। କେମ୍ୟାନ ଆଇଲାଣ୍ଡ୍ସରେ ସେ ବ୍ରିଟେନର କୋନର ମ୍ୟାକ୍‌ଇଣ୍ଟୋସଙ୍କୁ ହରାଇ ଦେଇଛନ୍ତି। ଏହି ୩୧ ବର୍ଷୀୟ ବକ୍ସର ପୂର୍ବତନ ଅଲିମ୍ପିକ ରୌପ୍ୟ ବିଜେତା ରୟ ଜୋନ୍ସ ଜୁନିୟରଙ୍କ ଅଧୀନରେ ତାଲିମ ନେଉଥିଲେ। ସେ ତାଙ୍କ ପ୍ରଫେସନାଲ କ୍ୟାରିୟରରେ ଥରେ ମାତ୍ର ପରାଜିତ ହୋଇଛନ୍ତି। କୋନରଙ୍କ ବିପକ୍ଷ ମୁକାବିଲାରେ ସେ ଅଧିକାଂଶ ରାଉଣ୍ଡରେ ଆଧିପତ୍ୟ ବିସ୍ତାର କରିଥିଲେ। ସମଗ୍ର ୧୦ ରାଉଣ୍ଡ ମୁକାବିଲାରେ ସେ ତାଙ୍କ ଷ୍ଟାମିନା ବଜାୟ ରଖି ଶକ୍ତିଶାଳୀ ପଞ୍ଚମାନ ମାରିଥିଲେ। ଅନ୍ୟପକ୍ଷରେ ବ୍ରିଟିଶ ବକ୍ସରଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ଚେଷ୍ଟା କରି ମଧ୍ୟ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ଏହା ତାଙ୍କ କ୍ୟାରିୟରର ଅନ୍ୟତମ ବୃହତ୍ ବିଜୟ ବୋଲି ଜାଙ୍ଗ୍ରା କହିଛନ୍ତି। ଏଥିସହିତ ସହଯୋଗ ପାଇଁ ସେ ତାଙ୍କ ପ୍ରାୟୋଜକ ନାଶ୍ ବିଲ୍ଡ କନଷ୍ଟ୍ରକ୍ସନ, ମୁଖ୍ୟ କୋଚ୍ ରୟ ଜୋନ୍ସ, ସହକାରୀ କୋଚ୍ ଆସା ବିଅର୍ଡ ଓ ଆଞ୍ଜେଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ସଫଳତା ହାସଲ କରି ବା ପାଇଁ ସେ ବର୍ଷବର୍ଷ ଧରି ପରିଶ୍ରମ କରିଛନ୍ତି। ଦେଶ ପାଇଁ ସୁନାମ ଆଣିପାରିଥିବାରୁ ଗୌରବାନ୍ୱିତ ମନେ କରୁଛନ୍ତି। ହରିୟାଣାର ଏହି ବକ୍ସର ୨୦୨୧ରେ ପ୍ରଫେସନାଲ ବକ୍ସିଂରେ ତାଙ୍କ ପ୍ରଥମ ପଦାର୍ପଣ କରିଥିଲୋ।

# ପଦକ ଫେରାଇବାକୁ ଦାବି ଜୋର୍ ଧରିଲା

**ମେଡିକାଲ ରିପୋର୍ଟରେ ମହିଳା ନୁହନ୍ତି ଇମେନ୍ ଖେଲିଫ୍**

**ପ୍ୟାରିସ୍,୫।୧୧**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ମହିଳା ୬୬ କିଗ୍ରା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଆଲଜେରିଆର ଇମେନ୍ ଖେଲିଫ୍ ମହିଳା ନୁହନ୍ତି ବରଂ ପୁରୁଷ ବୋଲି ପ୍ରମାଣିତ ହେବା ପରେ ତାଙ୍କର ପଦକ ପ୍ରତ୍ୟାହାର ଦାବି ଜୋର ଧରିଛି। ଅଲିମ୍ପିକ୍ସ ସମୟରେ ଖେଲିଫ୍‌ଙ୍କ ଅଂଶଗ୍ରହଣକୁ ଏଲନ୍ ମସ୍କ, ଜେ.କେ. ରାଓଲିଂ ଓ ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ବ୍ୟକ୍ତି ବିରୋଧ କରିଥିଲେ। ବର୍ତ୍ତମାନ ଖେଲିଫ୍ ପୁରୁଷ ବୋଲି ପ୍ରମାଣିତ ହେବା ପରେ ଏକାଧିକ ପୂର୍ବତନ ଖେଳାଳି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଓଲି ଲଣ୍ଡନଙ୍କ ପୋଷ୍ଟକୁ ଶେୟାର କରିବା ସହ ହରଭଜନ ଅଲିମ୍ପିକ୍ସ କମିଟି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ସମାନ ଭାବରେ ବ୍ରିଟିଶ ଜର୍ନାଲିଷ୍ଟ ପିଅର୍ସ ମୋର୍ଗାନ ମଧ୍ୟ ସମାନ ଦାବି କରିଛନ୍ତି। 'ଅଲିମ୍ପିକ୍ସ ସମୟରେ ଇମେନ୍ ଖେଲିଫ୍ ପୁରୁଷ ବୋଲି ଆମେ କେତେ ଜଣ ହିଁ ଦାବି କରୁଥିଲୁ। ଖେଲିଫ୍ ଜନ୍ମରୁ ହିଁ ପୁରୁଷ, ଯାହା ପ୍ରମାଣିତ ହୋଇଛି। ତେଣୁ ୬୬ କିଗ୍ରା ଓଜନ ବର୍ଗରେ ସେ ଜିତିଥିବା ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରାଯାଇ ଶ୍ରେଷ୍ଠ ମହିଳାଙ୍କୁ ଦିଆଯାଉ' ବୋଲି ପୋଷ୍ଟ କରିଛନ୍ତି ମୋର୍ଗାନ।

୨୪ ବର୍ଷୀୟା ଆମେରିକୀୟ ସନ୍ତରଣକାରୀ ରାଇଲି ଗେନ୍ସ ମଧ୍ୟ ସମାନ ପୋଷ୍ଟ କରିଛନ୍ତି। ଗେନ୍ସ ଲେଖିଛନ୍ତି ଆପଣଙ୍କର ମନେ ଅଛି ଜଣେ ପୁରୁଷ ମହିଳା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମେଡିକାଲ ରିପୋର୍ଟ ଅନୁଯାୟୀ ତାଙ୍କ ନିକଟରେ ଉଭୟ ଏକ୍ସ ଓ ୱାଇ କ୍ରୋମୋଜୋମ ଦେଖିବାକୁ ମିଳିଛି। ଶରୀରରେ ଟେଷ୍ଟୋଷ୍ଟେରନ ସ୍ତର ପୁରୁଷଙ୍କ ଭଳି ରହିଛି। ଏପରିକି ଅଣ୍ଡକୋଷ ଓ ପୁରୁଷ ଯୌନାଙ୍ଗର ଉପସ୍ଥିତି ନେଇ ମଧ୍ୟ ପ୍ରମାଣ ମିଳିଛି। ତେବେ ଅଲିମ୍ପିକ୍ସରେ ଏସବୁ ଜିନିଷର କୌଣସି ମୂଲ୍ୟ ନାହିଁ। ଜଣଙ୍କର ଶବ୍ଦ ଓ ଭାବାବେଗ ହିଁ ତାଙ୍କୁ ମହିଳା ବୋଲି ପ୍ରମାଣିତ କରିଥାଏ, ବାୟୋଲୋଜି ନୁହେଁ ବୋଲି ସେ ଲେଖିଛନ୍ତି। ଇଣ୍ଟରନେଟ୍ ସେଲିବ୍ରିଟି ତଥା ବାର୍‌ଷ୍ଟୁଲର ସିଇଓ ମାରିଓ ନାଫୱାଲ ମଧ୍ୟ ଇମେନ୍ ଖେଲିଫ୍‌ଙ୍କ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।



ଅଲିମ୍ପିକ୍ସରରେ ଇମେନ୍ ଖେଲିଫ୍‌ଙ୍କଠାରୁ ହାରିବା ପରେ କାନ୍ଦୁଛନ୍ତି ଆଞ୍ଜେଲା କାରିନି।





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମ୍ୟାଚ ଖେଳିବା ଅବସରରେ କବିର ହଂସ।

# କବିର, ଅମୃତଜୟ, ଦେବାଶିଷ ପରାସ୍ତ

**ଆଇଟିଏଫ୍ ୱାର୍ଲ୍ଡ ଟେନିସ**

**ଭୁବନେଶ୍ୱର, ୫।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏମ୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ମୁଖ୍ୟ ଡ୍ର'ରେ ରାଉଣ୍ଡ ଅଫ୍-୩୨ ସିଙ୍ଗଲ୍ସ ମ୍ୟାଚ ମଙ୍ଗଳବାର ଆରମ୍ଭ ହୋଇଛି। ୱାଇଲ୍ଡ କାର୍ଡ ମାଧ୍ୟମରେ ସିଙ୍ଗଲ୍ସରେ ଏଣ୍ଟ୍ରି ପାଇଥିବା ଓଡ଼ିଶାର କବିର ହଂସ ଓ ଅମୃତଜୟ ମହାନ୍ତି ସେମାନଙ୍କର ପ୍ରଥମ ମ୍ୟାଚରେ ହାରି ଯାଇଛନ୍ତି। କବିର ଇଣ୍ଡୋନେସିଆର ଏମ. ରିଫକି ଫିତ୍ରିଆଦିଙ୍କଠାରୁ ୪-୬, ୨-୬ ଏବଂ ଅମୃତଜୟ ୦-୬, ୦-୬ରେ ସିଦ୍ଧାର୍ଥ ରାୱତଙ୍କଠାରୁ ହାରିଛନ୍ତି। ପରାସ୍ତ ହୋଇଥିଲେ ହେଁ ଉଭୟ ଖେଳାଳି ମୂଲ୍ୟବାନ ଅଭିଜ୍ଞତା ଆହରଣ କରିଛନ୍ତି। ମୁଖ୍ୟ ଡ୍ର'ର ରାଉଣ୍ଡ ଅଫ୍-୧୬ ଡବଲ୍ସରେ ଓଡ଼ିଶାର ଦେବାଶିଷ ସାହୁ ଓ କାହିର ୱାରିକ ଯୋଡ଼ି ୩-୬, ୨-୬ରେ ଇଶାକ୍ ଇକବାଲ ଓ ଫୈଜଲ କମରଙ୍କଠାରୁ ପରାସ୍ତ ହୋଇଛନ୍ତି। ତେବେ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ଚ୍ୟାଲେଞ୍ଜ ଶେଷ ହୋଇନାହିଁ। ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ପ୍ରତ୍ୟୁଷ ମହାନ୍ତି ନିଜର ପ୍ରଥମ ମ୍ୟାଚ ବୁଧବାର ଖେଳିବେ। ସେହିପରି ସିଦ୍ଧାର୍ଥ ବିଶ୍ୱକର୍ମାଙ୍କୁ ପାର୍ଟନର କରି ଅମୃତଜୟ ଏବଂ ରିଷଭ ଅଗ୍ରୱାଲଙ୍କୁ ସାଥିକରି କବିର ହଂସ ଡବଲ୍ସରେ ଭାଗ୍ୟ ପରୀକ୍ଷା କରିବେ। ମୁଖ୍ୟ ଡ୍ର' ସିଙ୍ଗଲ୍ସ ରାଉଣ୍ଡ ଅଫ୍-୩୨ (ପ୍ରଥମ ରାଉଣ୍ଡ)ରେ ବିଜୟୀ ହୋଇଥିବା ଅନ୍ୟ ୨ ଖେଳାଳି ହେଲେ ସିଦ୍ଧାର୍ଥ ବିଶ୍ୱକର୍ମା ଓ ଆର୍ଯ୍ୟନ ଶାହା। ସିଦ୍ଧାର୍ଥ ୨-୬, ୬-୩, ୬-୨ରେ ଯୁଭନ ନନ୍ଦଲଙ୍କୁ ଏବଂ ଆର୍ଯ୍ୟନ ୬-୨, ୬-୦ରେ ରିଷଭ ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି।

# ଜାତୀୟ ଚାମ୍ପିୟନଶିପ୍ ହକି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର,୫।୧୧(ସରୋଜ ଜେନା):** ତାମିଲନାଡୁର ଚେନ୍ନାଇରେ ନଭେମ୍ବର ୪-୧୬ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପ ହକି ପାଇଁ ହକି ଓଡ଼ିଶା ୧୮ ଜଣିଆ ଦଳ ଘୋଷଣା କରିଛି। ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, ପୁଡୁଚେରୀ ସହ ସ୍ଥାନ ପାଇଛି ଓଡ଼ିଶା। ଓଡ଼ିଶା ଦଳ: ଗୋଲକିପର: ଦିଲ୍ଲୀପ କେ. ଏସ୍‌ଏ, ସାହିଲ କୁମାର ନାୟକ। ଡିଫେଣ୍ଡର: କେରୋବିନ୍ ଲାକ୍ରା, ଅମନଦୀପ୍ ଲାକ୍ରା, ପ୍ରତାପ ଲାକ୍ରା, ଦୀପସାନ ତିର୍କି ଓ ନୀଲମ ସଞ୍ଜୀପ ଖେସ୍। ମିଡ ଫିଲ୍ଡର: ଆଶିଷ କୁମାର ଟପ୍ପୋ, ସୁମିତ କିଣ୍ଡୋ, ମଙ୍ଗଲ ଲୋହାର, ପ୍ରସାଦ କୁଜୁର, ଅମିତ କୁମାର ଟପ୍ପୋ, ସୁନୀତ ଲାକ୍ରା। ଫରୱାର୍ଡ: ରଜତ ଆକାଶ ତିର୍କି, ମାଟିଆସ୍ ଡାଙ୍ଗ, ଅଜୟ କୁମାର ଏକ୍କା, ସୁଦୀପ ଚିରାମକୋ ଓ ଶିଳାନନ୍ଦ ଲାକ୍ରା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ